CMYK



ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୯ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 19 August 2026
Vol.No. 36 ■ No.217 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net

## ବନ୍ୟା ସ୍ଥିତି ଦେଖିବା ପରେ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା: ମୁକାବିଲା ପାଇଁ ୧ ହଜାର କୋଟିର ସ୍ୱତନ୍ତ୍ର ପ୍ୟାକେଜ



ଭୁବନେଶ୍ୱର, ୧୮/୮ (ନି.ପ୍ର): ରାଜ୍ୟରେ ବନ୍ୟା ସ୍ଥିତିର ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା। ମୁକାବିଲା ପାଇଁ ଘୋଷଣା ହୋଇଛି ୧ ହଜାର କୋଟିର ସ୍ୱତନ୍ତ୍ର ପ୍ୟାକେଜ। ଚାଷୀଙ୍କୁ କୃଷି ଇନପୁଟ ସହାୟତା ମିଳିବ। ଡିବିଟି ମାଧ୍ୟମରେ ଆର୍ଥିକ ସହାୟତା ପାଇବେ ଚାଷୀ। ଏହା ସହ ପ୍ରଭାବିତଙ୍କୁ ରିଲିଫ୍ ଚାଉଳ ପ୍ରଦାନ କରାଯିବ। ସ୍ଥିତି ସ୍ୱାଭାବିକ ହେଲା ପର୍ଯ୍ୟନ୍ତ ବିପନ୍ନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ଦିଆଯିବ। ଯାଜପୁର ଓ ଭଦ୍ରକ ଜିଲ୍ଲାରେ ଗ୍ରାଉଣ୍ଡକୁ ଯାଇ ବନ୍ୟା ସ୍ଥିତି ବୁଲି ଦେଖିଥିଲେ ମୁଖ୍ୟମନ୍ତ୍ରୀ। ପଚାରି ବୁଝିଥିଲେ ବିପନ୍ନଙ୍କ ସମସ୍ୟା। ଆଉ ଆଜି ଲୋକସେବା ଭବନରେ ସମୀକ୍ଷା ପରେ ଘୋଷଣା କରିଛନ୍ତି ହଜାରେ କୋଟିର ପ୍ୟାକେଜ୍। ଚାଷୀଙ୍କୁ ଦିଆଯିବ କୃଷି ଇନ୍‌ପୁଟ୍ ସହାୟତା। ୩୩ ପ୍ରତିଶତରୁ ଅଧିକ କ୍ଷତି ହୋଇଥିଲେ ଅଣ ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୮ ହଜାର ୫୦୯, ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୭ ହଜାର, ବାରମାସି ଫସଲ ପାଇଁ ହେକ୍ଟର ପିଛା ୨୨ ହଜାର ୫୦୦ ଟଙ୍କାର କୃଷି ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରାଯିବ। ଧାନ ଓ ଅଣଧାନ ପାଇଁ ଆର୍ଥିକ ସହାୟତା ଡିବିଟି ମାଧ୍ୟମରେ ମିଳିବ। ବିହନ ପାଇଁ ଆର୍ଥିକ ସହାୟତା ସହ ସରକାରଙ୍କ ପାଖରେ ଥିବା ବିହନ ନେଇପାରିବେ ଚାଷୀ। କ୍ଷତିଗ୍ରସ୍ତ ଚାଷୀଙ୍କୁ ମାଗଣା ପନିପରିବା କୀଟନାଶକ ପ୍ରଦାନ କରାଯିବ। ଡଙ୍ଗା, ଜାଲ, ଗାଈଗୋରୁଙ୍କ ପାଇଁ ମଧ୍ୟ ଆର୍ଥିକ ସହାୟତା ଦିଆଯିବ। ହସ୍ତତନ୍ତ ଯନ୍ତ୍ରପାତି କିଣିବା ପାଇଁ ୫ ହଜାର ସହାୟତା। ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ ଜାରି ରହିବ। ବନ୍ୟାରେ ୬ ଜିଲ୍ଲାର ୭୪ଟି ବ୍ଲକରେ ୯ ଲକ୍ଷ ଲୋକ ପ୍ରଭାବିତ। ଯାଜପୁର ଜିଲ୍ଲାର ୧୦ଟି ବ୍ଲକର ୨ ଲକ୍ଷ ୮୦ ହଜାର ଓ ଭଦ୍ରକ ଜିଲ୍ଲାର ୪ ବ୍ଲକର ୨ଲକ୍ଷ ୫୯ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, କ୍ଷୟକ୍ଷତି ରିପୋର୍ଟ ଆସିବା ପରେ କ୍ଷତିପୂରଣ ଦିଆଯିବ। ଆକଳନ ପାଇଁ କେନ୍ଦ୍ରୀୟ ଟିମ୍ ମଧ୍ୟ ଆସିପାରନ୍ତି। ଜୁନ, ଜୁଲାଇ ଓ ଅଗଷ୍ଟ ୩ ମାସରେ ୧୧୦୦ ମିଲିମିଟର ବର୍ଷା ହୋଇଛି। ସାରା ଦେଶରେ ଓଡ଼ିଶାରେ ଅଧିକ ବର୍ଷା ରେକର୍ଡ କରାଯାଇଛି। ଗତ ୨୫ ବର୍ଷରେ ଏଥର ଅଧିକ ବର୍ଷା ହୋଇଛି।

## ପୁଣି ଘୁଞ୍ଚିଲା ଡିଜିପି ନିଯୁକ୍ତି ଚୟନ ପ୍ରକ୍ରିୟା: ସେପ୍ଟେମ୍ବର ୨ ତାରିଖରେ ସୁପ୍ରିମକୋର୍ଟରେ ହେବ ପରବର୍ତ୍ତୀ ଶୁଣାଣି



ଭୁବନେଶ୍ୱର, ୧୮/୮ (ନି.ପ୍ର): ସ୍ଥାୟୀ ଡିଜିପି ଚୟନ ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟଙ୍କ ଆଜିର ଶୁଣାଣି ଉପରେ ସମସ୍ତଙ୍କ ନଜର ରହିଥିଲା। ଚୟନ ପ୍ରକ୍ରିୟା ପାଇଁ ଖଣ୍ଡପୀଠ ସବୁଜ ସଂକେତ ଦେବେ ନା ପୁଣି ଘୁଞ୍ଚାଇବେ, ସେ ନେଇ ରାଜନୈତିକ ଓ ପ୍ରଶାସନିକ ମହଲରେ ହଟଚମଟ ଲାଗି ରହିଥିଲା। ହେଲେ, ଆଜି ରାଜ୍ୟ ସରକାର ପକ୍ଷ ରଖିଥିଲେ ବି ପୁଣି ବଡ଼ ଝଟକା ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାର ଆଜି ସୁପ୍ରିମକୋର୍ଟରେ ପକ୍ଷ ରଖିଛନ୍ତି। କିନ୍ତୁ ସର୍ବସମ୍ମୁଖରେ ତଥ୍ୟ ନରଖି ବନ୍ଦ ଲଫାପାରେ ପକ୍ଷ ରଖିଛନ୍ତି ଓଡ଼ିଶା ସରକାର। ଏଥିସହ ଖଣ୍ଡପୀଠ ମାମଲାର ଶୁଣାଣି କରି ଡିଜିପି ଚୟନ ପ୍ରକ୍ରିୟାକୁ ଘୁଞ୍ଚାଇ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨ରେ ହେବ। ଅର୍ଥାତ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଡିଜିପି ଚୟନ ପାଇଁ ୟୁପିଏସ୍‌ସି କମିଟି ବୈଠକ ବସିବ ନାହିଁ। କିମ୍ବା ଚୂଡାନ୍ତ ତାଲିକା ହୋଇପାରିବନି ପ୍ରସ୍ତୁତ। ଡିଜିପି ଚୟନ ପ୍ରକ୍ରିୟାକୁ ନେଇ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି ୧୩ତାରିଖରେ ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ଦେଇଥିଲେ। ୟୁପିଏସସିକୁ ଚୟନ ପ୍ରକ୍ରିୟା ସ୍ଥଗିତ ରଖିବା ପାଇଁ କହିଥିଲେ। ତଥ୍ୟ ରଖିବାକୁ ରାଜ୍ୟ ସରକାରଙ୍କୁ କହିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ନୂଆ ଡିଜିପି ଚୟନ ପ୍ରକ୍ରିୟା ଅଟକି ଯାଇଛି। କିନ୍ତୁ ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳ ସରୁଥିବାରୁ ବାଧହୋଇ ବିନୟତୋଷ ମିଶ୍ରଙ୍କୁ ଅନ୍ତରୀଣ ଡିଜିପି ଭାବେ ଦାୟିତ୍ୱ ଦିଆଯାଇଛି। ହେଲେ, ଆଶା କରାଯାଉଥିଲା ଆଜିର ଶୁଣାଣି ପରେ ସ୍ଥାୟୀ ଡିଜିପି ଚୟନ ପାଇଁ ବାଟ ଫିଟିବ। କିନ୍ତୁ ତାହା ହୋଇପାରିନି। ରାଜ୍ୟ ସରକାର ଡିଜିପି ଚୟନ ବୈଠକ ପୂର୍ବରୁ ଏଡିଜି ଯଶୱନ୍ତ ଜେଠୱା ଓ ସଞ୍ଜୀବ ପଣ୍ଡାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଥିଲେ। ଏବଂ ୟୁପିଏସସିକୁ ପଠାଇଥିବା ସାନି ରିପୋର୍ଟରେ ସୁଧାଂଶୁ ଷଡ଼ଙ୍ଗୀ, ଆରପି କୋଚେ ଓ ସଞ୍ଜୀବ ପଣ୍ଡାଙ୍କ ନାଁ ରହିଥିଲା। ଯାହାକୁ ବିରୋଧ କରି ସୁପ୍ରିମକୋର୍ଟରେ ହୋଇଥିଲା ଜନସ୍ୱାର୍ଥ ମାମଲା।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲା: ଦୋଷମୁକ୍ତ ହେଲେ ମାଓନେତା ଆଜାଦ

ଭୁବନେଶ୍ୱର, ୧୮/୮ (ନି.ପ୍ର): ୨୦୦୮ ମସିହାର ବହୁଚର୍ଚ୍ଚିତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲାରେ ମାଓବାଦୀ ନେତା ଅଜାଦ ଓରଫ୍ ଡି. କେଶବ ରାଓଙ୍କୁ ଦୋଷମୁକ୍ତ କରିଛନ୍ତି ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ସ୍ଥିତ ଅତିରିକ୍ତ ଦୌରା ଜଜ୍ (ସ୍ୱତନ୍ତ୍ର ଅଦାଲତ)। ଅଭିଯୋଗପକ୍ଷ ଆଜାଦଙ୍କୁ ହତ୍ୟାକାଣ୍ଡ ସହ ଯୋଡ଼ିବାରେ ସନ୍ଦେହାତୀତ ପ୍ରମାଣ ଦେଇପାରିନଥିବା ଦର୍ଶାଇ କୋର୍ଟ ଏହି ରାୟ ଦେଇଛନ୍ତି।୨୦୦୮ ଅଗଷ୍ଟ ୨୩ ତାରିଖ ସନ୍ଧ୍ୟାରେ ଜଳେସପଟା ଆଶ୍ରମରେ ସଶସ୍ତ୍ର ଆକ୍ରମଣ ହୋଇଥିଲା। ଏଥିରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣରେ ୧୫ରୁ ୨୫ ଜଣ ସଶସ୍ତ୍ର ବ୍ୟକ୍ତି ସାମିଲ ଥିବା ଏବଂ ସେମାନେ ମୁହଁରେ ମାସ୍କ କିମ୍ବା ମଙ୍କି କ୍ୟାପ୍ ପିନ୍ଧିଥିବା ବିଭିନ୍ନ ସାକ୍ଷୀଙ୍କ ବୟାନରୁ ପ୍ରମାଣିତ ହୋଇଥିବା କୋର୍ଟ କହିଛନ୍ତି। ଆଜାଦଙ୍କ ବିରୋଧରେ ମୁଖ୍ୟତଃ ଜଣେ ସାକ୍ଷୀଙ୍କ ପରିଚୟ ଦେବାର ବୟାନ ଥିଲା। ତେବେ ଅନ୍ୟ କୌଣସି ସାକ୍ଷୀ ତାଙ୍କୁ ଚିହ୍ନଟ କରିନଥିଲେ। ଆକ୍ରମଣକାରୀମାନେ ମୁହଁ ଢାଙ୍କିଥିବା ବେଳେ ଜଣେ ସାକ୍ଷୀଙ୍କ ଏକାକୀ ପରିଚୟ ଉପରେ ନିର୍ଭର କରି ଆଜାଦଙ୍କୁ ଦୋଷୀ ସାବ୍ୟସ୍ତ କରିବା ସୁରକ୍ଷିତ ନୁହେଁ ବୋଲି କୋର୍ଟ ମତ ଦେଇଛନ୍ତି। ଏହାଛଡ଼ା ଘଟଣାସ୍ଥଳରୁ ମିଳିଥିବା 'ଆଜାଦ' ନାମରେ ଥିବା ଚିଠି ମଧ୍ୟ ତାଙ୍କ ସହ ହତ୍ୟାକାଣ୍ଡର ସିଧାସଳଖ ସମ୍ପର୍କ ପ୍ରମାଣ କରିପାରିନଥିଲା। ଚିଠିର ହସ୍ତାକ୍ଷର କିମ୍ବା ସ୍ୱାକ୍ଷର ଆଜାଦଙ୍କର ବୋଲି ପ୍ରମାଣ କରିବା ପାଇଁ ହସ୍ତାକ୍ଷର ବିଶେଷଜ୍ଞଙ୍କ ରିପୋର୍ଟ ମଧ୍ୟ ଦାଖଲ ହୋଇନଥିଲା। ସେହିପରି ଜବତ ହୋଇଥିବା ଅସ୍ତ୍ରଶସ୍ତ୍ର ଆଜାଦଙ୍କଠାରୁ ମିଳିନଥିବାରୁ ତାହାକୁ ତାଙ୍କ ସହ ଯୋଡ଼ିବା ପାଇଁ ମଧ୍ୟ ବୈଜ୍ଞାନିକ କିମ୍ବା ଫୋରେନସିକ୍ ପ୍ରମାଣ ନଥିଲା। ହତ୍ୟା ପାଇଁ ଷଡ଼ଯନ୍ତ୍ର ଅଭିଯୋଗ ମଧ୍ୟ ପ୍ରମାଣିତ ହୋଇନଥିଲା।

## ୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ସିଡିପିଓ



ବାଲେଶ୍ୱର, ୧୮/୮ (ନି.ପ୍ର): ୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବାଲେଶ୍ୱର ସଦର ସିଡିପିଓ ତଥା ପୌରପାଳିକା ଦାୟିତ୍ୱରେ ଥିବା ମଧୁସ୍ମିତା ମହାନ୍ତି। ତାଙ୍କୁ ଭିଜିଲାନ୍ସ ଗିରଫ କରିଛି। ରେମୁଣା ଅଞ୍ଚଳର ଜଣେ ବ୍ୟକ୍ତିଙ୍କର ଗାଡ଼ି ସିଡିପିଓଙ୍କ କାର୍ଯ୍ୟାଳୟରେ ଭଡ଼ାରେ ଲାଗିଛି। ତାଙ୍କର ଜୁନ୍ ଓ ଜୁଲାଇ ମାସର ପ୍ରାୟ ୫୨ ହଜାର ଟଙ୍କାର ବକେୟା ବିଲ୍ ପାସ୍ କରାଇଦେବା ପାଇଁ ଶ୍ରୀମତୀ ମହାନ୍ତି ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ଗାଡ଼ି ମାଲିକ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଯୋଜନା ପ୍ରକାରେ ଆଜି ଅଭିଯୋଗକାରୀ ସିଡିପିଓଙ୍କୁ ଭେଟି ଲାଞ୍ଚ ଅର୍ଥ ଦେଇଥିଲେ। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ସାରି ଫେରିବା ସମୟରେ ସିଡିପିଓ ଶ୍ରୀମତୀ ମହାନ୍ତି ଅଭିଯୋଗକାରୀଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଇ ନିଜ ଭ୍ୟାନିଟି ବ୍ୟାଗ୍‌ରେ ରଖି କାରରେ ଯାଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ◆◆ପୃଷ୍ଠା ୭

## ଓଡ଼ିଶାରେ ସକ୍ରିୟ ଲଘୁଚାପ: ପ୍ରବଳ ବର୍ଷା ନେଇ ଚେତାବନୀ ଜାରି




ଭୁବନେଶ୍ୱର, ୧୮/୮ (ନି.ପ୍ର): ରାଜ୍ୟର ଅନେକ ଜିଲ୍ଲାରେ ମଧ୍ୟମ ବର୍ଷା ହୋଇଥିବା ବେଳେ ମୟୂରଭଞ୍ଜ, ବରଗଡ଼, ସୁନ୍ଦରଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଛି। ମୟୂରଭଞ୍ଜର ଏକାଧିକ ସ୍ଥାନରେ ଅତି ପ୍ରବଳ ବର୍ଷା ହୋଇଛି। ଲଗାଣ ବର୍ଷା ଯୋଗୁଁ ବନ୍ୟା ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଶହ ଶହ ଗାଁ ପାଣି ଘେରରେ ରହିଛି। ଏହାରି ଭିତରେ ଡରାଇଲାଣି ପାଣିପାଗ ବିଭାଗର ଆକଳନ। ସକ୍ରିୟ ଥିବା ଲଘୁଚାପ ଦୁର୍ବଳ ହେଉ ହେଉ ପୁଣି ପଛକୁ ଆସୁଛି ଆଉ ଏକ ଲଘୁଚାପ। ଓଡ଼ିଶାରେ ଲଘୁଚାପ ବର୍ଷାର ପ୍ରଭାବ ଜାରି। ଉତ୍ତର ଓଡ଼ିଶାରେ ଅତି ପ୍ରବଳ ବର୍ଷା ପରେ ଏବେ ଆହୁରି ବର୍ଷାର ପୂର୍ବାନୁମାନ। ଝାଡ଼ଖଣ୍ଡ ଏବଂ ଉତ୍ତର ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଥିବା ଅବପାତ ଆସନ୍ତା ୨୪ ଘଣ୍ଟାରେ ଦୁର୍ବଳ ହୋଇ ଲଘୁଚାପ କ୍ଷେତ୍ରରେ ପରିଣତ ହେବା ସମ୍ଭାବନା ରହିଛି। ତଥାପି ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ସମସ୍ତ ଜିଲ୍ଲାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଚାରି ଜିଲ୍ଲାକୁ ନେଇ ବଢ଼ିଛି ଚିନ୍ତା। ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁରର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଜାରି ହୋଇଛି ଅରେଞ୍ଜ୍ ୱାର୍ଣ୍ଣିଂ। ଏହା ସହ ଦେବଗଡ଼, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ ଓ ବଲାଙ୍ଗିରକୁ ଜାରି ହୋଇଛି ୟେଲୋ ୱାର୍ଣ୍ଣିଂ। ◆◆ପୃଷ୍ଠା ୭

### ବନ୍ୟା ଆଣିଛି ବିପତ୍ତି: କେଉଁଠି ଘର ବୁଡ଼ିଛି ତ କେଉଁଠି ଟ୍ରାକ୍ଟର ସାଜିଛି ଆମ୍ବୁଲାନ୍ସ

ଭୁବନେଶ୍ୱର, ୧୮/୮ (ନି.ପ୍ର): ନଦୀର କୋପ କମୁନି, ଗାଁରୁ ପାଣି ଛାଡୁନି, ଲୋକଙ୍କ ଦୁର୍ଦ୍ଦଶା ସରୁନି । ଦିନରାତି, ଜଳସ୍ଥଳ, ଘରବାହାର, ମଣିଷ-ପଶୁ, ପକ୍କାଘର-ଚାଳଘର, ସବୁ ଏକାକାର । ତ୍ରାହି ତ୍ରାହି ଡାକିଲେଣି ୬ ଜିଲ୍ଲାର ପ୍ରାୟ ୮ ଲକ୍ଷ ଲୋକ । ବନ୍ୟା ବିଭୀଷିକା ବଢ଼ି ଚାଲିଛି ସିନା, କମିବାର ନାଁ ଧରୁନି । ପ୍ରପୀଡ଼ିତ ଅଞ୍ଚଳରେ ଜନଜୀବନ ପୁଣି କେବେ ସ୍ୱାଭାବିକ ହେବ, କହିବା ମୁସ୍କିଲ। ବନ୍ୟା ବିଭୀଷିକାର ଅନେକ ଚିତ୍ର ଦେଖିଥିବେ, ହେଲେ କ୍ୱଚିତ ଦେଖିବାକୁ ମିଳେ ଏଭଳି ଅଭୁଲା ଅପାଶୋରା ହୃଦୟସ୍ପର୍ଶୀ ଚିତ୍ର । ଗଛକୁ ଜାବୁଡ଼ି ପାଣି ଭିତରେ ଜୀବନ ସଂଘର୍ଷ । ଭଦ୍ରକ ଜିଲ୍ଲା ଧାମନଗରରେ ୫ଦିନ ନିଖୋଜ ଥିବା ବ୍ୟକ୍ତିଙ୍କୁ ଏଭଳି ସ୍ଥିତିରେ ଉଦ୍ଧାର କରିଛି ଓଡ୍ରାଫ୍ ଟିମ୍ । ଆମ୍ବୁଲାନ୍ସ ନୁହେଁ, ଟ୍ରାକ୍ଟରରେ ବୁହା ହେଲେ ରୋଗୀ। ଯାଜପୁର ଅହିୟାଷ ଅଞ୍ଚଳରେ ଜଣେ ଅସୁସ୍ଥ ବୃଦ୍ଧାଙ୍କ ଅକଥନୀୟ ଦୁର୍ଦ୍ଦଶା । ଘର ଚାରିପଟେ ବନ୍ୟାଜଳ । ବୃଦ୍ଧା ଅସୁସ୍ଥ ହେବାରୁ ଘର ପାଖ ଦେଇ ଯାଉଥିବା ଟ୍ରାକ୍ଟରକୁ ସାହାଯ୍ୟ ମାଗିଥିଲେ ତାଙ୍କ ପୁଅ । ଟ୍ରାକ୍ଟର ଚାଳକ ସାଜିଥିଲେ ବିପଦ ବେଳର ବନ୍ଧୁ । ପକ୍କାଘର, କଚ୍ଚାଘର, ସବୁ ଏବେ ଏକାକାର ।

## ଫାଶୀ ପ୍ରକ୍ରିୟା ବଦଳାଇବାର ଆଧାର ନାହିଁ: ସୁପ୍ରିମକୋର୍ଟଙ୍କ ବଡ଼ ରାୟ, ସରକାରଙ୍କୁ ପରାମର୍ଶ



ନୂଆଦିଲ୍ଲୀ,୧୭/୮ : ଫାଶୀ ଦଣ୍ଡବିଧାନକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ରାୟ । ଏବେ ପାଇଁ ଫାଶୀ ଦଣ୍ଡ ଦେବାର ପ୍ରଚଳିତ ପ୍ରକ୍ରିୟାରେ କୌଣସି ପରିବର୍ତ୍ତନ ହେବ ନାହିଁ । ଫାଶୀ ବଦଳରେ ଅଧିକ ଯନ୍ତ୍ରଣାମୁକ୍ତ କିମ୍ବା ବିକଳ୍ପ ପଦ୍ଧତି ଆପଣାଇବାକୁ ଦାବି କରି ଦାଏର ହୋଇଥିବା ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି । ତେବେ ଫାଶୀ ଦଣ୍ଡ ଦେବାର ଅଧିକ ଯନ୍ତ୍ରଣାମୁକ୍ତ ପ୍ରକ୍ରିୟା ସମ୍ଭବ କି ନାହିଁ, ସେନେଇ ସରକାର ବିଚାର କରିବା ଉଚିତ ବୋଲି କୋର୍ଟ ପରାମର୍ଶ ଦେଇଛନ୍ତି । ଜଷ୍ଟିସ୍ ବିକ୍ରମ ନାଥ ଏବଂ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି । କୋର୍ଟ କହିଛନ୍ତି ଯେ, ସିଆରପିସିର ଧାରା ୩୫୪(୫) ଏବଂ ବିଏନ୍‌ଏସ୍‌ର ଧାରା ୩୯୩(୫) ଅନୁସାରେ ରହିଥିବା ଫାଶୀ ଦେବା ପ୍ରକ୍ରିୟାକୁ ବାତିଲ କରିବା ପାଇଁ ବର୍ତ୍ତମାନ ପର୍ଯ୍ୟାପ୍ତ ଆଧାର ନାହିଁ । ◆◆ପୃଷ୍ଠା ୭

## ବହିଷ୍କୃତ ଶିକ୍ଷକଙ୍କ ଉନ୍ମତ କାଣ୍ଡ: ଏକତରଫା ପ୍ରେମରୁ ଶିକ୍ଷୟତ୍ରୀ ଓ ତାଙ୍କ ପରିବାରକୁ ଗୋଡ଼ାଇ ଗୋଡ଼ାଇ ହାଣିଲା





ବାଲେଶ୍ୱର, ୧୮/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଔପଦା ଥାନା ଅଞ୍ଚଳ ସାମ୍ନାକୁ ଆସିଛି ଏକ ଅଭାବନୀୟ ଓ ସଂବେଦନଶୀଳ ଘଟଣା। ଜଣେ ଶିକ୍ଷୟତ୍ରୀଙ୍କୁ ଏକତରଫା ପ୍ରେମ କରି ଚାକିରୀରୁ ବହିଷ୍କୃତ ହୋଇଥିବା କନିଷ୍ଠ ଶିକ୍ଷକଙ୍କ ଉନ୍ମତ୍ତ କାଣ୍ଡ। ଔପଦା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବହିଷ୍କୃତ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ପୃଥ୍ୱୀରାଜ ଶିକ୍ଷୟତ୍ରୀଙ୍କ ଘରେ ପଶି ଧାରୁଆ ଛୁରୀରେ ଆକ୍ରମଣ କରିବା ସହିତ ପରିବାରର ୪ ଜଣଙ୍କୁ ଗୁରୁତର ଆହତ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ଔପଦା ଥାନା ଅଧୀନ ପାଟପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ସେଠୀଙ୍କ ଝିଅ ଶୁଚିସ୍ମିତା ସେଠୀ ଉକ୍ତ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ। ଅଭିଯୁକ୍ତ ପୃଥ୍ୱୀରାଜ ତାଙ୍କୁ ଏକତରଫା ପ୍ରେମ କରିବା ସହ ଅଶ୍ଳୀଳ ବ୍ୟବହାର ଓ ମୋବାଇଲ୍ ମେସେଜ୍ ପଠାଉଥିବା ନେଇ ଗତ ୨୦.୦୯.୨୦୨୫ ରେ ଔପଦା ଥାନାରେ କେସ୍ ନଂ- ୧୫୩/୨୫ ଅଭିଯୋଗ ହୋଇଥିଲା। ଏହି ଘଟଣା ପରେ ପୃଥ୍ୱୀରାଜ କର ଙ୍କୁ ଚାକିରୀରୁ ବହିଷ୍କାର କରାଯାଇଥିଲା। ତେବେ ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ପ୍ରତିଶୋଧପରାୟଣ ହୋଇ ପୃଥ୍ୱୀରାଜ ଧାରୁଆ ଛୁରୀ ଧରି ପାଟପୁରସ୍ଥିତ ଶୁଚିସ୍ମିତାଙ୍କ ବାସଭବନରେ ପହଞ୍ଚିଥିଲେ। କିଛି ବୁଝିବା ଆଗରୁ ସେ ପରିବାର ଲୋକଙ୍କୁ ମାରାତ୍ମକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଶିକ୍ଷୟତ୍ରୀ ଶୁଚିସ୍ମିତା ସେଠୀ, ତାଙ୍କ ବାପା କୃଷ୍ଣଚନ୍ଦ୍ର ସେଠୀ, ମା' ପ୍ରବାସିନୀ ସେଠୀ ଓ ସାନ ଭାଇ ଜ୍ୟୋତିର୍ମୟ ସେଠୀ ଗୁରୁତର ଆହତ ହୋଇଛନ୍ତି। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ରୁଣ୍ଡ ହୋଇ ଅଭିଯୁକ୍ତ ପୃଥ୍ୱୀରାଜଙ୍କୁ କାବୁ କରି ବାନ୍ଧି ପକାଇଥିଲେ ଏବଂ ପୋଲିସକୁ ଜିମା ଦେଇଛନ୍ତି। ସମସ୍ତ ଆହତଙ୍କୁ ତୁରନ୍ତ ଚିକିତ୍ସା ପାଇଁ ହସ୍ପିଟାଲ ପଠାଯାଇଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

## ହର୍ମୁଜକୁ 'ନୂତନ ଆମେରିକୀୟ ଭୂଖଣ୍ଡ' ଘୋଷଣା କଲେ ଟ୍ରମ୍ପ



ନୂଆଦିଲ୍ଲୀ,୧୮/୮ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହିତ ଚାଲିଥିବା ବିବାଦ ମଧ୍ୟରେ ସାମରିକ ଓ ରଣନୀତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀକୁ 'ନୂତନ ଆମେରିକୀୟ ଭୂଖଣ୍ଡ' ଭାବେ ଘୋଷଣା କରିଛନ୍ତି। ନିଜର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଟ୍ରୁଥ ସୋସିଆଲ'ରେ ଏକ ମାନଚିତ୍ର ପୋଷ୍ଟ କରି ସେ ଏହି ଆପତ୍ତିଜନକ ଦାବି କରିବା ସହ ଉକ୍ତ ଜଳପଥ ଉପରେ ୱାସିଂଟନର 'ସମ୍ପୂର୍ଣ୍ଣ ନିୟନ୍ତ୍ରଣ' ରହିଛି ◆◆ପୃଷ୍ଠା ୭

CMYK

# ବିସ୍ମୃତିରେ ଗାନ୍ଧୀ ଭବନ: ସ୍ମୃତିରକ୍ଷା ପାଇଁ ଉଦ୍ୟମ ନାହିଁ

ଅନୁଗୋଳ,୧୮/୦୮ (ନି.ପ୍ର): ଅଛୁଆଁ ବିରୋଧୀ ପଦଯାତ୍ରା ସମୟରେ ମହାତ୍ମା ଗାନ୍ଧୀ ଅନୁଗୋଳ ଆସିଥିଲେ। ଏହି ସମୟରେ ଅନେକ ସ୍ମୃତି ଏଠାରେ ଛାଡ଼ି ଯାଇଛନ୍ତି ବାପୁଜୀ। ଏହାକୁ ପର ପିଢ଼ି ପାଖରେ ପହଞ୍ଚାଇବା ପାଇଁ ଅନୁଗୋଳରେ ଏକ ଗାନ୍ଧୀ ଭବନ ସ୍ଥାପନ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ଜାଗା ବି ଚିହ୍ନଟ ହୋଇଥିଲା। ହେଲେ ନା' ଭବନ ନିର୍ମାଣ ହେଲା ନା ସାଇତା ହେଲା ଗାନ୍ଧୀଙ୍କ ସ୍ମୃତି। ମହାତ୍ମା ଗାନ୍ଧୀ ୧୯୩୪ ମେ' ୬ ତାରିଖରେ ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ାରେ ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ତାଙ୍କୁ ଶୁଣିବା ପାଇଁ ଓ ପାଖରୁ ଟିକେ ଦେଖିବା ପାଇଁ ସେତେବେଳେ ହଜାର ହଜାର ଲୋକ ଏକାଠି ହୋଇଥିଲେ। ଗାନ୍ଧୀ ସେତେବେଳେ ରେଢ଼ାଖୋଲରୁ ଆସି ବାମୁର ଡାକବଙ୍ଗଳାରେ ରହିଥିଲେ। ସେଠାରେ ଗୋଟିଏ ରାତି କାଟିବା ପରେ ଅନୁଗୋଳ ସହରରେ



ପହଞ୍ଚିଥିଲେ। ହୁଲୁରିସିଂହା ଛକରୁ ଆସି ସେ ସିଧା ରାଣୀଗୋଡ଼ା ଯାଇଥିଲେ। ଏଥିପାଇଁ ଏହି ରାସ୍ତାକୁ ଗାନ୍ଧୀ ମାର୍ଗ ଭାବେ ନାମିତ କରାଯାଇଛି। ଗାନ୍ଧୀଙ୍କ ସ୍ମୃତିରେ ଏକ ଗାନ୍ଧୀ ଭବନ ନିର୍ମାଣ ପାଇଁ ଯୋଜନା ହୋଇ ଅମଲାପଡ଼ାରେ ଏକ ଜାଗା ଚିହ୍ନଟ ହୋଇଥିଲା। ପୌରପାଳିକା ପକ୍ଷରୁ ଏହି ଜାଗାକୁ ସଂରକ୍ଷିତ କରି ରଖାଯିବା ସହ ଏଠାରେ ବାପୁଜୀଙ୍କ ସ୍ମାରକୀ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏଠାରେ ଗାନ୍ଧୀଙ୍କ ସ୍ମୃତିରକ୍ଷା ପାଇଁ ସଂଗ୍ରହାଳୟ ସହ ଏକ ପାଠାଗାର କରିବାକୁ ଯୋଜନା କରାଯାଇଥିଲା। କିନ୍ତୁ ୨୦୧୪ ମସିହାରୁ ଜାଗା ଚିହ୍ନଟ ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଗାନ୍ଧୀଭବନ ନିର୍ମାଣ ହୋଇପାରିଲାନି। ଉଦ୍‌ବେଗର ବିଷୟ, ଯେଉଁ ଜାଗା ଚିହ୍ନଟ ହୋଇଥିଲା ସେଠାରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ସରିଲାଣି। ଗାନ୍ଧୀଭବନ ପାଇଁ ରହିଥିବା ଜାଗାରେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣକୁ ଗାନ୍ଧୀପ୍ରେମୀମାନେ ଜୋରଦାର ବିରୋଧ କରିବା ସହ ୨୦୨୧ରେ ରାସ୍ତାକୁ ଓହ୍ଲାଇଥିଲେ। ସେତେବେଳେ ପ୍ରଶାସନ ପକ୍ଷରୁ କୁହାଯାଇଥିଲା, ଗାନ୍ଧୀଭବନ ପାଇଁ ଅନ୍ୟ ଏକ ଜାଗା ଦିଆଯିବ। ହେଲେ, ୫ ବର୍ଷ ପରେ ମଧ ଜାଗା ଚିହ୍ନଟ ହୋଇ ପାରିଲାନି। ନିକଟରେ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି ଜିଲ୍ଲାପାଳଙ୍କୁ ଭେଟି ଏ ସଂପର୍କରେ ଆଲୋଚନା କରିବା ସହ ଗାନ୍ଧୀମାର୍ଗରେ ଏକ ଉପଯୁକ୍ତ ଜାଗା ଦେବା ପାଇଁ ଅନୁରୋଧ କରିଛନ୍ତି। ହେମସୁରପଡ଼ା ଅଞ୍ଚଳରେ ଏକ ସରକାରୀ ଜାଗା ଥିବାରୁ ଆପାତତଃ ଏଠାରେ ଗାନ୍ଧୀଭବନ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯିବ ବୋଲି ଜଣାପଡ଼ିଛି। ଅନ୍ୟପଟେ ବାମୁର ଡାକବଙ୍ଗଳାକୁ ଗାନ୍ଧୀ ସଂଗ୍ରହାଳୟରେ ପରିଣତ କରିବାକୁ ଦାବି ହେଉଥିଲେ ମଧ ସରକାରୀ ଉଦାସୀନତା ପାଇଁ ଏହା ଅଟକି ଯାଇଛି। ଏ ନେଇ କୃଷ୍ଣା ମହାନ୍ତି କହିଛନ୍ତି, ଅନୁଗୋଳରେ ଗାନ୍ଧୀଙ୍କ ପାଦ ପଡ଼ିବା ଏ ମାଟି ପାଇଁ ଏକ ସୌଭାଗ୍ୟର ବିଷୟ। ତାଙ୍କ ସ୍ମୃତିରକ୍ଷା ପାଇଁ ଯେମିତି ଉଦ୍ୟମ ହେବା କଥା ତାହା ହୋଇନାହିଁ। ଗାନ୍ଧୀମାର୍ଗରେ ଗାନ୍ଧୀଭବନ ନିର୍ମାଣ କରି ତାଙ୍କ ସନ୍ତକ ସାଇତି ରଖିବାକୁ ସେ ପ୍ରଶାସନକୁ ପୁଣି ଅନୁରୋଧ କରିଛନ୍ତି ବୋଲି କହିଛନ୍ତି।

## ବଟି ଆଦାୟ ଅଭିଯୋଗରେ ୪ ଅଭିଯୁକ୍ତ ଗିରଫ

ଜୟପୁର,୧୮/୦୮ (ନି.ପ୍ର): ବଟି ଆଦାୟ ଅଭି ଯୋଗରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ଉମୁରି ଗ୍ରାମର ସୁବାସ ପରଜା (୨୪) ରାଜେଶ ମଙ୍ଗରିଆ (୨୩) କାର୍ତିକ ମୁଦୁଲି (୨୪) ସନ୍ତୋଷ ପରଜା (୧୯)। ପୋଲିସ ସୂଚନା ଅନୁଯାଇ ଜୟପୁର ସଦର ପୋଲିସ ବାଙ୍କବିଜା ଗ୍ରାମ ରେ ପେଟ୍ରୋଲିଂ କରୁଥିବା ବେଳେ ପୋଲିସ ସୁଚନା ପାଇଥିଲା । କୁରା ରାସ୍ତାର ବାଗ୍ରା ଛକରେ ୪ ଜଣ ଦୁର୍ବୃତ ଲୋକ ମାନଙ୍କୁ ଅଟକାଇ ମାଡ ମାରିବାର ଧମକ ଦେଇ ମରଣାନ୍ତକ ଭୟ ସୃଷ୍ଟି କରିବା ସହ ଲୋକଙ୍କ ଠାରୁ ବଟି ଆଦୟ କରୁଛନ୍ତି । ସୂଚନା ଆଧାରରେ ପୋଲିସ ଘଟଣା ସ୍ଥଳାର ପହଂଚି ତଦନ୍ତ ଆରମ୍ଭ କରିଥିଲା । ପୋଲିସ ୪ ଅଭିଯୁକ୍ତ ନାମାର ମାମଲା ରୁଜୁ କରିଛି । ୪ ଅଭିଯୁକ୍ତକୁ ଗିରଫ କରି ମୋବାଇଲ, ଟଙ୍କା, ସ୍କୁଟି ଗାଡି, ବାଡିକୁ ଜବତ କରିଛି ।

# ଓଡ଼ିଶା ଅମଲା ସଂଘର ୮୩ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ

ଜୟପୁର,୧୮/୦୮ (ନି.ପ୍ର): ଓଡ଼ିଶା ଅମଲା ସଂଘ ର ୮୩ ବର୍ଷ ପୁର୍ତି ଉତ୍ସବ ସଙ୍ଗମ୍ କଲ୍ୟାଣ ମଣ୍ଡପ ଜୟନଗର ଜୟପୁର ଠାରେ ଅନୁଷ୍ଠିତ ହୋଇଯାଇଅଛି । ଓଡ଼ିଶା ଅମଲା ସଂଘ ସାଙ୍ଗଠନିକ ସମ୍ପାଦକ କୈଳାଶ ସାମନ୍ତରାୟଙ୍କ ଡାକରାରେ ଓଡ଼ିଶା ଅମଲା ସଂଘର ସମସ୍ତ ସଦସ୍ୟ ଓ ସଦସ୍ୟା ଯୋଗଦାନ କରିଥିଲେ । ଶଶୀଭୂଷଣ ଦାଶ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ କ୍ଷନରେନ୍ଦ୍ର ନାଥ ତ୍ରିପାଠୀ ପୂର୍ବତନ ଉପ ସଭାପତି ଓଡ଼ିଶା ଅମଲା ସଂଘ ଅଭ୍ୟର୍ଥନା କମିଟି ଅଧକ୍ଷ, ଦିଲିପ କୁମାର ସାହୁ, ସମ୍ପାଦକ ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ଶାଖା ମୁଖ୍ୟ ଅତିଥି, ସୁଦର୍ଶନ ସାହୁ ଓଡିଶା ଅମଲା ସଂଘର ବରିଷ୍ଠ ସଦସ୍ୟ ମୁଖ୍ୟ ବକ୍ତା, ନିଳାଚଳ ପଣ୍ଡା ଉପସଭାପତି ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ଶାଖା ସମ୍ମାନିତ ଅତିଥି, ଜଗନ୍ନାଥ ମାଝୀ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସମ୍ମାନିତ ଅତିଥି, ମହେଶ୍ୱର ମିଶ୍ର ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସମ୍ମାନିତ ଅତିଥି ଭାବେ ମଂଚାସିନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ କ୍ଷଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ଓଡିଶା ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବା ନିମନ୍ତେ ସମସ୍ତେ ସହମତି ପ୍ରକାଶ କରିଥିଲେ । ରାଜସ୍ୱ ଅମଲା ମାନଙ୍କୁ ଓଡ଼ିଶା ଅମଲା ସଂଘ ରୁ ବାହାର କରିବା ନେଇ ସମସ୍ତେ ମତାମତ ପ୍ରଦାନ କରିଥିଲେ । ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ମୁଖ୍ୟ ଦାବି କନିଷ୍ଠ ସହାୟକ ରୁ ସିଧା ସଳଖ ଉପ ବିଭାଗୀୟ ଅଧିକାରୀ ପଦବି କୁ ପଦୋନ୍ନତି ଦେବା, ସମସ୍ତ କର୍ମଚାରୀ ଙ୍କୁ ୨୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବିମା ପ୍ରଦାନ କରିବା, ପୁରୁଣା ପେନସନ ପ୍ରଦାନ କରିବା ପାଇଁ ଦାବି କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଆରାଧନା ସଙ୍ଗୀତ ଅନୁଷ୍ଠାନ ଦ୍ୱାରା ଭୋଜନ ସମାରୋହ ଓ ଦେଶାତ୍ମବୋଧକ ସଙ୍ଗୀତ କରାଯାଇଥିଲା । ଅତିଥି ମାନଙ୍କ ଦ୍ୱାରା ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରଦିପ ପ୍ରଜ୍ୱଳନ କରାଯାଇଥିଲା । ଓଡ଼ିଶା ଅମଲା ସଂଘର ନିର୍ବାଚନ ନିମନ୍ତେ ଏକ କମିଟି ଗଠନ କରିବା ପାଇଁ ସ୍ଥିର କରାଯାଇଥିଲା । ଏହି ବର୍ଷ ଚାକିରିରୁ ଅବସର ଗ୍ରହଣ କରିଥିବା ବିଭାଗୀୟ ଅଧିକାରୀ ଓ କନିଷ୍ଠ ସହାୟକଙ୍କୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ଏଥିରେ ମୁଖ୍ୟତଃ ଜଗନ୍ନାଥ ଦାଶ, ଶିବରାମ ନାୟକ, ନିରଞ୍ଜନ ପଣ୍ଡା, ପିତାମ୍ବର ହନ୍ତାଳ, ପ୍ରସାନ୍ତ କୁମାର ଭଞ୍ଜ, ଲକେଶ୍ୱର ରାଓ ପାନାଡା, ତ୍ରିନାଥ ପଣ୍ଡା, ପ୍ରତିକ ମିଶ୍ର, ହେମନ୍ତ କୁମାର ଗୈଡ, ନିତ୍ୟ ନିର୍ଲିପ୍ତ ଜେନା, ଅଶ୍ୱିନୀ ତ୍ରିପାଠୀ, ସତ୍ୟ ରଞ୍ଜନ ତ୍ରିପାଠୀ ପଦ୍ମେଶ୍ୱର ବିଷୟୀ, ଶିତାକାନ୍ତ ମହାପାତ୍ର ଓ ସୁଜାତା ମହାପାତ୍ରଙ୍କ ସମେତ ଶତାଧିକ ଅମଲା ଯୋଗଦାନ କରିଥିଲେ। ପରିଶେଷରେ ଶ୍ରୀ ଦାଶ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ ।

# ଶବ ଖୋଜୁଛି ରାସ୍ତା: ଭୋଟ ବର୍ଜନ ନେଇ ଗ୍ରାମବାସୀଙ୍କ ନିଷ୍ପତ୍ତି

ଜୟପୁର,୧୮/୦୮ (ନି.ପ୍ର): ଶବ ଖୋଜୁଛି ରାସ୍ତା। ଜୀବିତ ଥିବା ବେଳେ ଯେଉଁ ରାସ୍ତା ପାଇଁ ଲଢ଼େଇ, ମୃତ୍ୟୁ ପରେ ବି ସେହି ରାସ୍ତା ହିଁ ହେଉଛି ସବୁଠୁ ବଡ଼ ସମସ୍ୟା । ଦୀର୍ଘ ବର୍ଷ ଧରି ରାସ୍ତା ନିର୍ମାଣ ପାଇଁ ଦାବି ହୋଇଆସୁଥିଲେ ମଧ ଏଯାଏଁ ସମାଧାନ ହୋଇନି । କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ବେଣାସୁର ପଞ୍ଚାୟତ ଅନ୍ତର୍ଗତ ଢୁଟିଗୁଡ଼ା ଗାଁରେ ପ୍ରାୟ ୫୦୦ ପରିବାର ବସବାସ କରୁଥିବା ବେଳେ ଲୋକସଂଖ୍ୟା ୨୫୦୦ରୁ ଅଧିକ। ଏତେ ବଡ଼ ଗାଁ ହୋଇଥିଲେ ମଧ ଗାଁକୁ ଯିବାଆସିବା ପାଇଁ ଏକ ସୁବିଧାଜନକ ରାସ୍ତା ନଥିବା ଅଭିଯୋଗ ହୋଇଛି । ସବୁଠୁ ଦୁଃଖଦ ଚିତ୍ର ସାମ୍ନାକୁ ଆସୁଛି ଗାଁରେ କାହାର ମୃତ୍ୟୁ ହେଲେ । ଶବକୁ ଶ୍ମଶାନକୁ ନେବା ପାଇଁ ଗାଁ ଲୋକଙ୍କୁ ବିଲ ହିଡ଼ ଦେଇ, କାଦୁଅ ରାସ୍ତାରେ ଅତ୍ୟନ୍ତ କଷ୍ଟରେ ଯିବାକୁ ପଡୁଛି । ବର୍ଷା ଦିନେ ସ୍ଥିତି ଆହୁରି ଦୟନୀୟ ହୋଇପଡୁଛି । ଶବକୁ ମୁଣ୍ଡରେ ଓ କାନ୍ଧରେ ବୋହି କାଦୁଅ ଭିତରେ ନେବାକୁ ପଡୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି । ଗ୍ରାମବାସୀଙ୍କ କହିବା କଥା, ବର୍ଷ ପରେ ବର୍ଷ ଗଡ଼ିଯାଉଛି, ନେତା ବଦଳୁଛନ୍ତି, ସରକାର ବଦଳୁଛି । କିନ୍ତୁ ଢୁଟିଗୁଡ଼ାର ରାସ୍ତା ସମସ୍ୟାର ସମାଧାନ ହେଉନାହିଁ । ରାସ୍ତା ପାଇଁ ବାରମ୍ବାର ଦାବି ଓ ଅଭିଯୋଗ କରିଥିଲେ ମଧ ଏଯାଏଁ ପ୍ରଶାସନିକ ପଦକ୍ଷେପ ଦେଖିବାକୁ ମିଳିନଥିବା ଅଭିଯୋଗ କରିଛନ୍ତି ଲୋକେ । ଏବେ ଗ୍ରାମବାସୀଙ୍କ ଚେତାବନୀ— ରାସ୍ତା ନିର୍ମାଣ ନହେଲେ ଆଗାମୀ ପଂଚାୟତ ନିର୍ବାଚନକୁ ବର୍ଜନ କରାଯିବ । ଭୋଟ ପୂର୍ବରୁ ରାସ୍ତା, ନହେଲେ ଭୋଟ ବର୍ଜନ । ଗ୍ରାମବାସୀଙ୍କ ଏହି ଚେତାବନୀ ପରେ ପ୍ରଶାସନ କେବେ ଏହି ଦୁର୍ଦ୍ଦଶା ଦୂର କରୁଛି, ତାହାକୁ ଅପେକ୍ଷା କରିଛନ୍ତି ଢୁଟିଗୁଡ଼ାବାସୀ । ଜୀବିତଙ୍କ ପାଇଁ ନୁହେଁ, ମୃତକଙ୍କ ଶେଷ ଯାତ୍ରା ପାଇଁ ବି ଯେଉଁଠି ରାସ୍ତା ନାହିଁ—ସେଠି ବିକାଶର ଚିତ୍ର କେତେ ସତ, ତାହା ହିଁ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ବଲାଙ୍ଗିର ବ୍ୟବସାୟୀ ନରେନ୍ଦ୍ର ସାହୁଙ୍କୁ ଅପହରଣ ନିର୍ଯାତନା ଦେବା ମାମଲା : ମୁଖ୍ୟ ଅଭିଯୁକ୍ତ ସମେତ ୪ ଜଣଙ୍କୁ କୋର୍ଟ ଚାଲାଣ

ବଲାଙ୍ଗିର,୧୮/୦୮ (ନି.ପ୍ର): ବଲାଙ୍ଗିରର ବିଶିଷ୍ଟ ବ୍ୟବସାୟୀ ଗୁଣ୍ଡା ଓରଫ୍ ନରେନ୍ଦ୍ର ସାହୁ (୬୨)ଙ୍କୁ ଅପହରଣ, ବନ୍ଦୀ କରି ରଖିବା, ମାଡ଼ ମାରିବା, ମୁକ୍ତିପଣ ଦାବି କରିବା ଏବଂ ଅପରାଧିକ ଷଡ଼ଯନ୍ତ୍ରରେ ସାମିଲ ଥିବା ଘଟଣାରେ ପୁଇଁତଳା ପୋଲିସ ଏକ ମାମଲା (ପୁଇଁତଳା ଥାନା ମାମଲା ନଂ ୨୨୧/୨୦୨୬) ରୁଜୁ କରିଛି। ମୁଖ୍ୟ ଅଭିଯୁକ୍ତ ସମେତ ୪ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ୧୪.୦୮.୨୦୨୬ ତାରିଖରେ, ଏକ ପୂର୍ବ-ପରିକଳ୍ପିତ ଷଡ଼ଯନ୍ତ୍ର ଅନୁଯାୟୀ ପୀଡ଼ିତଙ୍କୁ ବଲାଙ୍ଗୀରର ରଣ୍ଡା ଛକକୁ ଡକାଯାଇଥିଲା ଏବଂ କ୍ଷିତିଶ ଚନ୍ଦ୍ର ସାହୁ ଓ ତାଙ୍କ ସହଯୋଗୀମାନେ ତାଙ୍କୁ ଜବରଦସ୍ତ ଅପହରଣ କରିନେଇଥିଲେ। ତାଙ୍କୁ ଭୁବନେଶ୍ୱର ନିଆଯାଇ ବନ୍ଧୁକ ମୁନରେ ମାଡ଼ ମରାଯାଇଥିଲା ଓ ଧମକ ଦିଆଯାଇଥିଲା ଏବଂ ୧୦ କୋଟି ଟଙ୍କାର ମୁକ୍ତିପଣ ଦାବି କରାଯାଇଥିଲା। ଏହା ପରେ ପୀଡ଼ିତଙ୍କୁ ଭୁବନେଶ୍ୱରର ସନରାଇଜ୍ ଲଜ୍ ରେ ବନ୍ଦୀ କରି ରଖାଯାଇଥିଲା। ସେଠାରେ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରିବା ସହ ଜବରଦସ୍ତ ଏପରି ଫଟୋ ଓ ଭିଡିଓ ରେକର୍ଡ କରିଥିଲେ ଯେଉଁଥିରେ ସେ ଏକ ପିସ୍ତଲ ଧରି ଥିବାର ଦେଖା ଯାଉଥିଲେ; ଏହାର ଉଦ୍ଦେଶ୍ୟ ଥିଲା ମିଥ୍ୟା ପ୍ରମାଣ ସୃଷ୍ଟି କରି ତାଙ୍କୁ ଅସ୍ତ୍ରଶସ୍ତ୍ର ଆଇନ୍ ସମ୍ବନ୍ଧୀୟ ଏକ ମିଥ୍ୟା ମାମଲାରେ ଫସାଇବା। ତତ୍ପରେ, ପୀଡ଼ିତଙ୍କୁ ଖଣ୍ଡଗିରି ଥାନାକୁ ନିଆଯାଇଥିଲା। ସେଠାରେ ସଞ୍ଜୟ କୁମାର ଜେନା ନାମକ ଜଣେ ଗଣମାଧ୍ୟମ ବ୍ୟକ୍ତି ନିଜକୁ ପୋଲିସ ଏସ୍.ଆଇ. ଭାବେ ପରିଚୟ ଦେଇ ପୀଡ଼ିତଙ୍କୁ ଭୟଭୀତ କରିଥିଲେ। ଏବଂ ୫୦ ଲକ୍ଷ ଟଙ୍କା ପ୍ରଦାନ/ମୀମାଂସା ସମ୍ବନ୍ଧୀୟ ଏକ ଲିଖିତ ପ୍ରତିଶ୍ରୁତିନାମା ହାସଲ କରିଥିଲେ। ଖଣ୍ଡଗିରି ଥାନାରେ ଏସ୍.ଆଇ. ସ୍ନେହ ମଞ୍ଜରୀ ସାହୁ ଉପସ୍ଥିତ ଥିଲେ ଏବଂ କ୍ଷିତିଶ ସାହୁ ଓ ସଞ୍ଜୟ ଜେନାଙ୍କ ସହ କ୍ରମାଗତ ଭାବେ ଯୋଗାଯୋଗରେ ଥିଲେ। ତଦନ୍ତରୁ ପ୍ରାଥମିକ ଭାବେ ଜଣାପଡ଼ିଛି ଯେ, ପୀଡ଼ିତଙ୍କୁ ଧମକାଇବା, ମିଥ୍ୟା ମାମଲାରେ ଫସାଇବା ଏବଂ ଟଙ୍କା ଆଦାୟ କରିବା ପୀଡ଼ିତ ବ୍ୟକ୍ତି ନିଖୋଜ ହେବା ସମ୍ପର୍କରେ ସୂଚନା ପାଇବା ମାତ୍ରେ ବଲାଙ୍ଗୀର ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା, ଯେଉଁଥିରେ ସିସିଟିଭି ଯାଂଚ୍ ଏବଂ ବୈଷୟିକ ନଜରଦାରି ଅନ୍ତର୍ଭୁକ୍ତ ଥିଲା। ୧୫.୦୮.୨୦୨୬ ରିଖରେ ଖଣ୍ଡଗିରି ଥାନା ଅଂଚଳରୁ ପୀଡ଼ିତଙ୍କୁ ଠାବ କରାଯାଇ ଉଦ୍ଧାର କରାଯାଇଥିଲା। ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତଙ୍କ ଡାକ୍ତରୀ ପରୀକ୍ଷା ସମୟରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ୧୬ଟି ଆଘାତ ଚିହ୍ନ ଥିବା ଜଣାପଡ଼ିଥିଲା। ତଦନ୍ତ ସମୟରେ ପୋଲିସ ବର୍ତମାନ ସୁଦ୍ଧା କ୍ଷିତିଶ ଚନ୍ଦ୍ର ସାହୁ (ଓରଫ ବୁଲୁ), ସଞ୍ଜିତ ବେହେରା, ସଞ୍ଜୟ କୁମାର ଜେନା ଏବଂ ଏସଆଇ ସ୍ନେହ ମଞ୍ଜରୀ ସାହୁଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ ସହ ଛଅ ରାଉଣ୍ଡ ଜୀବନ୍ତ ଗୁଳି, ପୀଡ଼ିତଙ୍କ ଜିମ୍ନି ଗାଡ଼ି, ଅପହରଣରେ ବ୍ୟବହୃତ ହୋଇଥିବା ଅଭିଯୁକ୍ତଙ୍କ ଏମଜି ହେକ୍ଟର ଗାଡ଼ି ଏବଂ ସମସ୍ତ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଗୁଣ୍ଡା ସାହୁଙ୍କୁ ଅସ୍ତ୍ରଶସ୍ତ୍ର ଆଇନ ସମ୍ବନ୍ଧୀୟ ଏକ ମିଥ୍ୟା ମାମଲାରେ ଫସାଇବା ଉଦ୍ଦେଶ୍ୟରେ ଲେଖାଯାଇଥିବା ଏକ ମିଥ୍ୟା ଏଫଆଇଆର୍ ମଧ ଗଣମାଧ୍ୟମ ପ୍ରତିନିଧି ସଞ୍ଜୟ ଜେନାଙ୍କ ମୋବାଇଲ୍ ଫୋନରୁ ଉଦ୍ଧାର କରାଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ ଓ ଗିରଫ କରିବା ଏବଂ ଷଡ଼ଯନ୍ତ୍ର, ଅପହରଣ, ମାରପିଟ୍, ମିଥ୍ୟା ମାମଲାରେ ଫସାଇବା ଓ ଦାଦାବଟି ଆଦାୟ ସମ୍ବନ୍ଧୀୟ ଅଧିକ ପ୍ରମାଣ ସଂଗ୍ରହ କରିବା ପାଇଁ ତଦନ୍ତ ଜାରି ରହିଛି। ପୁଇଁତଳା ଥାନାରେ ମାମଲା ନଂ ୨୨୧, ତାରିଖ ୧୬.୦୮.୨୦୨୬ (ଧାରା ୧୪୦(୨)/୧୪୦(୩)/୧୦୯(୧)/୬୧(୨)/୩୧୦(୨)/୨୪୮/୩(୫) ବିଏନଏସ ଏବଂ ଧାରା ୨୫(୧)(ଏ)/୨୭(୧) ଅସ୍ତ୍ରଶସ୍ତ୍ର ଆଇନ୍)। ରେ ମୋକଦ୍ଦମା ରୁଜୁ କରାଯାଇ ଆଜି ପୋଲିସ ୫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ସାରସ୍ୱତ ସମାରୋହ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗିର,୧୮/୦୮ (ନି.ପ୍ର): ସାହିତ୍ୟ ହିଁ ମାନବୀୟ ସମ୍ବେଦନାର ମାର୍ମିକ ଅନ୍ତରାତ୍ମା କୁ ପରିମାର୍ଜିତ କରେ। ସମାବେଶୀ ରାଷ୍ଟ୍ର ଗଠନ ନିମନ୍ତେ ଛାତ୍ରଛାତ୍ରୀ ତଥା ଯୁବ ସମାଜ ସାହିତ୍ୟ ମନସ୍କ ହେବା ଅତ୍ୟନ୍ତ ସୁଖପ୍ରଦ। ଯେଉଁ ସଭ୍ୟତା ର ସାହିତ୍ୟ ଯେତେ ସୁଦୃଢ ସେମାନେ ସେତେ ବିକଶିତ। ବିଶ୍ୱ ମାନଚିତ୍ରରେ ପରିପୁଷ୍ଟ ସାହିତ୍ୟ ର ପ୍ରତିନିଧିତ୍ୱ ଯୁଗେ ଯୁଗେ ମାନବିକତାର ମନ୍ତ୍ରକୁ ଶାନ୍ତି ପଥରେ ଅଗ୍ରସର କରିପାରିଛି। ମାଟି, ମାଁ, ମଣିଷ ର ସ୍ୱର କୁ ଲେଖନୀ ମୁନରେ ପରିସ୍ଫୁଟନ ସମୟ ଆହ୍ୱାନ ବୋଲି ମତପ୍ରକାଶ ପାଇଛି। ବଲାଙ୍ଗୀର ଜିଲ୍ଲା ଲେଖକ ପରିଷଦ ଓ ସମ୍ବାଦ ସାହିତ୍ୟ ଘର ସଇଁତଳା ର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଶିକ୍ଷା ସଦନ ପରିସରରେ ସାରସ୍ୱତ ସମାରୋହ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ପରିଷଦର ସଭାପତି ଜୟ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନ ରେ ସମ୍ପାଦକ ସୁଶାନ୍ତ ବାଗ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଉପସଭାପତି ଭିକାରୀ ଚରଣ ମିଶ୍ର ଙ୍କ ଆବାହକତ୍ୱରେ ପ୍ରତିଷ୍ଠିତ ଜନବାଦୀ ଗାଳ୍ପିକ ମନୋଜ ମହାନ୍ତି, ଔପନ୍ୟାସିକ ଆଦିତେଶ୍ୱର ମିଶ୍ର, ବିଜୟ ପ୍ରଧାନ, ଯାଜ୍ଞସେନୀ ସାହା ପ୍ରମୁଖ ସ୍ୱରଚିତ ଗଳ୍ପ ପଠନ କରିଥିଲେ। ସାମାଜିକ କାର୍ଯ୍ୟକର୍ତ୍ତା ମୃତ୍ୟୁଞ୍ଜୟ ସାହୁ ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷାନୁଷ୍ଠାନ ର ପ୍ରାଚୀର ପତ୍ରିକା 'ଧାରା' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସାହିତ୍ୟ ଘର ସଭାପତି ପ୍ରମୋଦ ବୈଠାରୁ ତଥା ସମ୍ପାଦକ ବରୁଣ ସାହୁ ମଞ୍ଚାସୀନ ଥିବା ବେଳେ ଶିକ୍ଷା ସଦନର ପ୍ରତିଷ୍ଠାତା ଗୌତମ କ୍ଷେତୀ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ କବିତା ଆସରରେ କବି ରସରାଜ ଅଚ୍ୟୁତ ପୁରୋହିତ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଦିଲୀପ ପଶାୟତ, ସନ୍ଦୀପ କୁଅଁର, ମଧୁସୂଦନ ଦାଶ ମଞ୍ଚାସୀନ ଥିବା ବେଳେ କବି ଅର୍ଜୁନ ସାହୁ, ପୁଷ୍ପାଞ୍ଜଳୀ ମେହେର ଓ ଆହ୍ଲାଦିନୀ ପାଣିଗ୍ରାହୀ ସଂଯୋଜନା କରିଥିଲେ। ପରିଷଦର ଉପଦେଷ୍ଟା ଶିକ୍ଷାବିତ୍ ସନାତନ ଠାକୁର ଙ୍କ ସମେତ ସର୍ବଶ୍ରୀ କବି ହେମନ୍ତ ଦାସ, ବୃନ୍ଦାବନ କୁମ୍ଭାର, ପଞ୍ଚାନନ ତାଣ୍ଡି, ଲକ୍ଷ୍ମୀକାନ୍ତ ବିଭାର, ଦିଲ୍ଲିପ କୁମାର ପୁରୋହିତ, ମଳୟ ତ୍ରିପାଠୀ, ବିଜୟ ତ୍ରିପାଠୀ, କବି ସୁଶାନ୍ତ ବାଗ ପ୍ରମୁଖ ଙ୍କ ସହିତ ୫୦ ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ।

# ବ୍ରାହ୍ମଣୀରେ ବନ୍ୟା: ପାଂଚ ପଂଚାୟତର ଛଅ ଗ୍ରାମ ପାଣିଘେରରେ

ଭୁବନ,୧୮/୦୮ (ନି.ପ୍ର): ଓଡ଼ିଶାର ଦ୍ୱିତୀୟ ବୃହତମ ନଦୀ ବ୍ରାହ୍ମଣୀରେ ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ବନ୍ୟା ଆସିବାରୁ ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକର ୫ ପଂଚାୟତର ୬ ଗ୍ରାମ ପାଣିଘେରରେ ରହିଛି। ବନ୍ୟା ପ୍ରଭାବିତ ଅଂଚଳରେ ଦୁର୍ଦ୍ଦଶା ଦୁଇଗୁଣିତ ହୋଇପଡ଼ିଛି। ଦୁଇ ଦିନ ହେଲା ୬ଟି ଗାଁ ଜଳବନ୍ଦୀ ଅବସ୍ଥାରେ ରହିଛି। ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହେବା ସହ ଚାଷଜମିରେ ବନ୍ୟାଜଳ ଜମି ରହିଥିବାରୁ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ପ୍ରସିଦ୍ଧ ଶୈବପୀଠ ବୁଢ଼େଶ୍ୱର ମନ୍ଦିର ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ କାଉଡ଼ିଆ ମାନେ ବହୁ ହିନସ୍ତା ହୋଇ ଦୀର୍ଘ ପଥ ଅତିକ୍ରମ କରି ମନ୍ଦିରରେ ପହଂଚି ଜଳଲାଗି କରିଥିଲେ । ଭୂଷଳ ପଂଚାୟତର ଜୟପୁର, ଯମୁନାକୋଟର କୃଷ୍ଣପୁର, ବାଲିବୋ ପଂଚାୟତର କୁମର୍ଦ୍ଧା ଓ ଅରିଲୋ, ସୁରପ୍ରତାପପୁର ପଂଚାୟତର ପାଟପୁର ଏବଂ ଗଡ଼ନୃସିଂହପ୍ରସାଦ ପଂଚାୟତର କାଶୀପୁର ଗ୍ରାମ ସମ୍ପୂର୍ଣ ବନ୍ୟାଜଳଘେରରେ ରହିଛି । ଲୋକମାନେ ଘରୁ ବାହାରିବାକୁ ଅସମର୍ଥ ହୋଇଥିବା ବେଳେ ଗୃହପାଳିତ ପଶୁଙ୍କ ପାଇଁ ଖାଦ୍ୟ ଯୋଗାଡ଼ ମଧ ଚିନ୍ତାର କାରଣ ପାଲଟିଛି ।ମାଳପୁରା ଇନଟ୍ଟେକ୍ ରାସ୍ତା ବିପଦରେ ରହିଛି । ମାର୍ଥାପୁର ପଂଚାୟତର ମାଳପୁରା ଗାଁ ନିକଟରେ ଥିବା ଇନଟ୍ଟେକ୍ ୱେଲ୍ କୁ ଯାଇଥିବା ରାସ୍ତା ଏବେ ବିପଦସଙ୍କୁଳ ହୋଇପଡ଼ିଛି। ବନ୍ୟାଜଳର ପ୍ରଖର ସ୍ରୋତରେ ରାସ୍ତାର ବିଭିନ୍ନ ସ୍ଥାନ କ୍ଷତିଗ୍ରସ୍ତ ହୋଇ ପଡ଼ିଛି । ମଠକରଗୋଲା ନିକଟରେ ରାମିଆଳ ନଦୀ ଗର୍ଭରେ ଥିବା ଏକ ଫାର୍ମହାଉସ୍ ବନ୍ୟାଜଳଘେରରେ ରହିଥିବା ବେଳେ ସେଠାରେ ରହୁଥିବା ଗୋଟିଏ ପରିବାରର ୪ ଜଣ ସଦସ୍ୟଙ୍କୁ ଅଗ୍ନିଶମ ବାହିନୀ ବୋଟ୍ ଯୋଗେ ଉଦ୍ଧାର କରି ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଇ ଦିଆଯାଇଥିଲା। ଯମୁନାକୋଟ-ମାର୍ଥାପୁର ପୂର୍ତ ରାସ୍ତାରେ ଥିବା ନିଛା ପୋଲ ଉପରେ ପ୍ରାୟ ୩ ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହୋଇଥିଲା । ଏବେ ବନ୍ୟାଜଳ ହ୍ରାସ ପାଇବା ପରେ ରାସ୍ତାର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ସ୍ପଷ୍ଟ ହୋଇଛି । ମହିମା ସେତୁରୁ ଗୋବିନ୍ଦପୁର ମାଳବନ୍ଧ ଦେଇ ଯାଇଥିବା ରାସ୍ତାର ରତାସାହି ନିକଟରେ ପୂର୍ତ ରାସ୍ତା ଧସିପଡ଼ିଛି। ଅନ୍ୟପଟେ ଓଢଣା ଗ୍ରାମ ନିକଟରେ ମାଳବନ୍ଧ ଭାଙ୍ଗିଯାଇଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ଆତଙ୍କ ବଢ଼ିଛି। ବନ୍ୟାର ପ୍ରଖର ସ୍ରୋତରେ ମାର୍ଥାପୁର ବ୍ରିଜ୍ କୁ ଯାଇଥିବା ରାସ୍ତା ମଧ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଅନେକ ସ୍ଥାନରେ ମାଟି ଧୋଇଯିବା ସହ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଫଳରେ ଯାତାୟାତ ଓ ଦୈନନ୍ଦିନ ଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି ।ବ୍ଲକର ବିଭିନ୍ନ ଗ୍ରାମରେ ହଜାର ହଜାର ହେକ୍ଟର ଚାଷଜମି ବନ୍ୟାଜଳରେ ବୁଡ଼ି ରହିଛି। ଅନେକ ଦିନ ଧରି ପାଣିରେ ବୁଡ଼ି ରହିବାରୁ ଧାନ ଗଛ ପଚିବା ଆରମ୍ଭ ହୋଇଛି। ଚାଷୀମାନେ ଚାଷରେ ଖର୍ଚ୍ଚ କରିଥିବା ଟଙ୍କା ଫେରିପାଇବା ନେଇ ଚିନ୍ତାରେ ପଡ଼ିଛନ୍ତି। ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ସରକାରୀ ସହାୟତା ଓ କ୍ଷତିପୂରଣ ଦେବାକୁ ଦାବି ହୋଇଛି ।ଅନ୍ୟପକ୍ଷରେ ସରକାରୀ ଅଧିକାରୀଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ ଦେଖାଦେଇଛି । ବନ୍ୟା ପ୍ରଭାବିତ ଗ୍ରାମଗୁଡ଼ିକରେ ନିୟମିତ ଭାବେ ସ୍ଥିତି ଅନୁଧ୍ୟାନ, ଲୋକଙ୍କୁ ଆବଶ୍ୟକ ସହାୟତା, ପଶୁଙ୍କ ପାଇଁ ଖାଦ୍ୟ ଏବଂ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରିବାକୁ ଅଂଚଳବାସୀ ଦାବି କରିଛନ୍ତି।

## ଜାମୁଣ୍ଡାରେ ଅଭିଯୋଗ ଓ ଜନ ଶୁଣାଣି ଶିବିର

ଜୟପୁର,୧୮/୦୮ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଜାମୁଣ୍ଡାଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣୀ ଶିବିର ଆଜି ଦିନ ୧୧ଟାରେ ଆରମ୍ଭ ହୋଇ ଅପରାହ୍ନ ୨ ଘଂଟା ସମୟରେ ଶେଷ ହୋଇଥିଲା। ଏହି ଅଭିଯୋଗ ଶୁଣାଣୀରେ ବିଡିଓ ଶକ୍ତି ମହାପାତ୍ର, ସହକାରୀ ନିବାହୀ ଯନ୍ତ୍ରୀ ରାକେଶ କୁମାର ସାହୁ, ଜିପିଡିଓ ସୁବାସ ଚନ୍ଦ୍ର ଖିଲ, ବ୍ଲକ ପ୍ରେଗ୍ରାମର ସସ୍ମିତା ପରିଡ଼ା ସହ ଅନ୍ୟ ଲାଇନ୍‌ର ବ୍ଲକ ସ୍ତରିୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀମାନେ ବିଭାଗର ଅଧିକାରିମାନଙ୍କୁ ରାସ୍ତା ପାନୀୟ ଜଳ ଯୋଗାଣ, ଅଙ୍ଗନବାଡ଼ି କେନ୍ଦ୍ରର ମରାମତି ଆଦି ଅଭିଯୋଗ କରିଥିଲେ।

# ରାଷ୍ଟ୍ରପତି ଭବନରେ ଝାରସୁଗୁଡ଼ାର ଭେସମତୀ ନାଏକ

ଝାରସୁଗୁଡ଼ା,୧୮/୦୮ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ଲଇକେରା ବ୍ଲକ ଅନ୍ତର୍ଗତ ତିଲେଇମାଲ ଗ୍ରାମର ଝିଅ ଭେଷମତୀ ନାଏକ, ଓରମାସ ଅଧୀନରେ ଡ଼ି.ଡ଼ି.ୟୁ.-ଜି.କେ.ୱାଇ (ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନା)ରେ ପ୍ରଶିକ୍ଷିତ ଜଣେ ସଫଳ ପ୍ରାର୍ଥୀ ଭାବେ, ସ୍ୱାଧୀନତା ଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ କଲ୍ଚରାଲ୍ ସେଂଟରରେ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ 'ଆଟ୍-ହୋମ୍' ରିସେପସନ୍ ରେ ଯୋଗଦେବା ପାଇଁ ଆମନ୍ତ୍ରିତ ହୋଇଥିଲେ। ତାଙ୍କର ଏହି ଆମନ୍ତ୍ରଣ ଜଣେ ଗ୍ରାମୀଣ ଯୁବତୀଙ୍କ ଦକ୍ଷତା ବିକାଶରୁ ଆରମ୍ଭ କରି ସଫଳ କର୍ମଜୀବନ ପର୍ଯ୍ୟନ୍ତ ପ୍ରେରଣାଦାୟୀ ଯାତ୍ରାର ବଳିଷ୍ଠ ପ୍ରମାଣ। ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ଡ଼ି.ଡ଼ି.ୟୁ.-ଜି.କେ.ୱାଇ କାର୍ଯ୍ୟକ୍ରମଟି ଓଡ଼ିଶା ସରକାରଙ୍କ ସହଯୋଗରେ ଓଡ଼ିଶା ରୁରାଲ୍ ଡେଭଲପମେଂଟ ଆଣ୍ଡ ମାର୍କେଟିଂ ସୋସାଇଟି (ଓରମାସ) ମାଧ୍ୟମରେ କାର୍ଯ୍ୟକାରୀ ହେଉଛି। ଏହି ଯୋଜନା ଗ୍ରାମୀଣ ଯୁବକ-ଯୁବତୀଙ୍କ ଦକ୍ଷତା ବିକାଶ, ନିଯୁକ୍ତି ସୁଯୋଗ ଏବଂ ସ୍ଥାୟୀ ଜୀବିକା ସୃଷ୍ଟି ଉପରେ କ୍ରମାଗତ ଭାବେ ଗୁରୁତ୍ୱ ଦେଉଅଛି। ସେ ୨୦୧୬ ମସିହାରେ ଡ଼ି.ଡ଼ି.ୟୁ.-ଜି.କେ.ୱାଇ ଅଧୀନରେ ହସ୍ପିଟାଲିଟି ବିଷୟରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ ପି.ଆଇ.ଏ.- ମଲ୍ଟି କେୟାର ସର୍ଭିସେସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍, ଭୁବନେଶ୍ୱର ମାଧ୍ୟମରେ ପ୍ରଦାନ କରାଯାଇଥିଲା। ପାରିବାରିକ ଓ ଆର୍ଥିକ ପରିସ୍ଥିତି ଯୋଗୁଁ ସେ ଉଚ୍ଚଶିକ୍ଷା ଜାରି ରଖିପାରିନଥିଲେ। ତେଣୁ ଦକ୍ଷତା ବିକାଶକୁ ନିଯୁକ୍ତି ଓ ଆର୍ଥିକ ସ୍ୱାବଲମ୍ବନର ମାଧ୍ୟମ ଭାବେ ବାଛିନେଇଥିଲେ। ପ୍ରଶିକ୍ଷଣ ସମାପ୍ତ କରିବା ପରେ ସେ ତାମିଲନାଡୁର ଉଟିରେ ମାସିକ ୬,୦୦୦ ଦରମାରେ ନିଜର କର୍ମଜୀବନ ଆରମ୍ଭ କରିଥିଲେ। ପ୍ରାୟ ଏକ ଦଶନ୍ଧି ଧରି ନିଷ୍ଠା, ପରିଶ୍ରମ ଓ ବୃତିଗତ ଅଭିଜ୍ଞତା ହାସଲ କରିବା ପରେ ବର୍ତମାନ ସେ ଆଇ.ଆଇ.ଏମ୍, ସମ୍ବଲପୁରରେ କାର୍ଯ୍ୟରତ ଅଛନ୍ତି ଏବଂ ମାସିକ ୩୫,୦୦୦ ଆୟ କରୁଛନ୍ତି। ନିଜ ଆୟ ମାଧ୍ୟମରେ ସେ ପରିବାରକୁ ସହଯୋଗ କରିବା ସହ ଜୀବନଯାପନର ମାନରେ ଉନ୍ନତି ଆଣିଛନ୍ତି ଏବଂ ଅଧିକ ଆର୍ଥିକ ସ୍ଥିରତା ହାସଲ କରିଛନ୍ତି। ଡ଼ି.ଡ଼ି.ୟୁ.-ଜି.କେ.ୱାଇରେ ପ୍ରଶିକ୍ଷଣ ନେଇ ନିଜ କର୍ମଜୀବନରେ ସଫଳତା ହାସଲ କରିଥିବା ଭେଷମତୀ ନାଏକଙ୍କ ଯାତ୍ରା ଓଡ଼ିଶା ସମେତ ସମଗ୍ର ଦେଶର ଗ୍ରାମୀଣ ଯୁବପିଢ଼ି ପାଇଁ ଏକ ପ୍ରେରଣା। ତାଙ୍କର ଏହି ଯାତ୍ରା ପ୍ରମାଣ କରେ ଯେ ଦକ୍ଷତା ବିକାଶ, ନିଯୁକ୍ତି ସୁଯୋଗ ଓ ନିରନ୍ତର ପ୍ରୟାସ ଯୁବକ-ଯୁବତୀଙ୍କୁ ସାମାଜିକ ଓ ଆର୍ଥିକ ଆହ୍ୱାନକୁ ଅତିକ୍ରମ କରି ସ୍ୱାବଲମ୍ବନ ଦିଗରେ ଆଗେଇ ନେଇପାରେ। ରାଷ୍ଟ୍ରପତି ଭବନରେ ଆୟୋଜିତ 'ଆଟ୍-ହୋମ୍' ରିସେପସନ୍ କୁ ତାଙ୍କର ଆମନ୍ତ୍ରଣ ଓଡ଼ିଶା ପାଇଁ ଗର୍ବର ବିଷୟ ହେବା ସହ ଓଡ଼ିଶା ସରକାର ଓ ଓରମାସର ସହଯୋଗରେ ଡ଼ି.ଡ଼ି.ୟୁ.-ଜି.କେ.ୱାଇର ସଫଳ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଷ୍ଟୋନ୍ ଭାବେ ପରିଗଣିତ ହୋଇପାରିଛି।

# ବୈଶିଙ୍ଗା ଲ୍ୟାମ୍ପସରେ ଧାନ ପଞ୍ଜିକରଣ ହୋଇପାରୁନି : ଚାଷୀ ହନ୍ତସନ୍ତ

ବୈଶିଙ୍ଗା, ୧୮/୮ (ନି.ପ୍ର): ଚଳିତ ବର୍ଷ ଖରିଫ ଧାନ ବିକ୍ରୀ ପାଇଁ ସରକାର ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ପଞ୍ଜିକରଣର ସମୟସୀମା ନିର୍ଦ୍ଧାରଣ କରିଥିବା ବେଳେ ଗତ ଅଗଷ୍ଟ ୬ ତାରିଖ ଆରମ୍ଭ ହୋଇଥିଲା । ମାତ୍ର ବୈଶିଙ୍ଗା ଲ୍ୟାମ୍ପସରେ ୧୦ ତାରିଖରେ ଆରମ୍ଭ କରାଗଲା । ଏଥିପାଇଁ ଦୈନନ୍ଦିନ ଶହ ଶହ ଚାଷୀ ଙ୍କ ଭିଡ ଲାଗି ରହିଲା, ଶହ ଶହ ବାଇକ ରାସ୍ତା ପାର୍ଶ୍ୱରେ ଛିଡା ହୋଇ ରହିବା ଯୋଗୁଁ ସାଧାରଣ ଲୋକ ଙ୍କ ଯାତାୟତ ରେ ମଧ ବାଧା ସୃଷ୍ଟି ହେଉଛି। ସକାଳ ୯ ଘଟିକା ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଷୀ ଏଠାରେ ଲାଇନରେ ରହି ନ ହୋଇ ପାରିବାରୁ ଫେରିଯାଇ ପୁଣି ପରଦିନ ଆସି ଲାଇନରେ ଛିଡା ହେଉଛନ୍ତି । ଏମିତି ୨/୩ ଦିନ ପରେ ସେମାନଙ୍କର ପଞ୍ଜିକରଣ ହେଉଥିବାର ଚାଷୀ ମାନେ ପ୍ରକାଶ କରିଛନ୍ତି । ଲ୍ୟାମ୍ପସ ରେ କାର୍ଯ୍ୟରତ କର୍ମଚାରୀଙ୍କୁ ଏ ବିଷୟରେ ଯୋଗାଯୋଗ କରିବା ପରେ ତାଙ୍କ ଉତ୍ତରରେ ସେ କହିଲେ ଇଣ୍ଟରନେଟ୍ ରେ ଅନଲାଇନ ନେଟ୍ ଠିକ ଭାବରେ ଖୋଲୁ ନ ଥିବାରୁ କାମ କରିବାରେ ବିଳମ୍ବ ହେଉଛି । ତେବେ ସମୟ ସୀମା ମଧରେ ସମସ୍ତ ଚାଷୀଙ୍କର ପଞ୍ଜିକରଣ ହୋଇଯିବ। ଏଥି ପାଇଁ ଚାଷୀ ମାନେ ହତାଶ୍ ହେବାର କିଛି କାରଣ ନାହିଁ ।

# ଦଳବେହେରା ମାଧବ ଚନ୍ଦ୍ର ରାଉତରାୟ



**ଦିଲ୍ଲୀପ କୁମାର ସାହୁ**

୧୬ ନମ୍ବର ଜାତୀୟ ରାଜପଥରେ ଭୁବନେଶ୍ୱରରୁ ବ୍ରହ୍ମପୁର ଯିବା ବାଟରେ ପଡେ ଖୋର୍ଦ୍ଧା ସହର। ସହରଦେଇ ଯାଇଥିବା ରାଜପଥ ପାର୍ଶ୍ୱରେ ପଞ୍ଚ ବୀର ପାଇକଙ୍କ ମୂର୍ତ୍ତି ଅବସ୍ଥାପିତ। ସେହି ମହାନ ବୀରମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ତାପଙ୍ଗଗଡ଼ର ଦଳବେହେରା ମାଧବ ଚନ୍ଦ୍ର ରାଉତରାୟ । ପାଇକମାନଙ୍କ ମୁଖ୍ୟ ବାସର୍ଦ୍ଦାରଙ୍କୁ କୁହାଯାଉଥିଲା ଦଳବେହେରା। ଦଳବେହେରାଙ୍କୁ କେବଳ ପାଇକମାନେ ନୁହେଁ ଅଞ୍ଚଳବାସୀ ମଧ୍ୟ ଖୁବ୍ ସମ୍ମାନ କରୁଥିଲେ। ତେଣୁ ମାଧବ ଚନ୍ଦ୍ରଙ୍କର ଥିଲା ବେଶ୍ ଖାତିର। ଲୋକେ ତାଙ୍କୁ ଦେବତାପରି ମାନୁଥିଲେ। ୧୮୦୪ ମସିହାରେ ଇଂରେଜମାନେ ଖୋରଧା ଗଡକୁ ଦଖଲ କରିନେଲେ। ଏହାକୁ ବିରୋଧ କରି ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ ହୋଇଥିଲା। ହେଲେ କିଛି ଘରଭେଦୀ ମାନଙ୍କପାଇଁ ଇଂରେଜମାନେ ବିଦ୍ରୋହକୁ ଦମନ କରିଦେଲେ ଓ ଲୋକଙ୍କ ପାଖରୁ ଅନ୍ୟାୟ ଭାବରେ କର ଆଦାକଲେ। ଇଂରେଜ ପିଆଦାମାନେ ଖୋରଧାର ସବୁ ଅଞ୍ଚଳରୁ କର ଆଦା କରିପାରୁଥିଲେ ସତ ହେଲେ ମାଧବ ଚନ୍ଦ୍ରଙ୍କ ଭୟରେ ସେମାନେ ତାପଙ୍ଗଗଡ଼ରେ ପସି ପାରୁନଥିଲେ। ତାପଙ୍ଗଗଡ଼ର ଲୋକେ କହୁଥିଲେ ସେମାନେ ଫିରିଙ୍ଗ ସରକାର କିଏ ଜାଣନ୍ତିନାହିଁ। ମାଧବ ଚନ୍ଦ୍ର ତାଙ୍କର ରାଜା ତାଙ୍କର ଦେବତା। କର ଦେବେତ କେବଳ ମାଧବ ଚନ୍ଦ୍ରଙ୍କୁ ଦେବେ।

ଯା ଭିତରେ ଅନେକ ବର୍ଷ ବିତିଗଲା।



ଇଂରେଜ ପିଆଦାମାନେ ତାପଙ୍ଗଗଡ଼ରୁ କର ଆଦା କରିପାରିଲେନି ଥରେ ଚାଳିଶି ପଚାଶ ଜଣ ସିପାହୀଙ୍କୁ ସାଥିରେନେଇ ପିଆଦାମାନେ ତାପଙ୍ଗଗଡ଼ରେ ପ୍ରବେଶ କଲେ । ସେମାନେ କର ଆଦାୟ ପାଇଁ ବଳପୂର୍ବକ ଭାବରେ ଜଣକ ଘରେ ପସିବାବେଳେ ଘରେ ଲୁଚିରହିଥିବା ଜଣେ ବୁଢୀଙ୍କ ପନିକି ଚୋଟରେ ଦୁଇତିନିଜଣ ସିପାହୀଙ୍କ ପ୍ରାଣ ଚାଲିଗଲା ଫଳରେ ସେମାନେ ଭୟରେ ସେହିଠାରୁ ଫେରିଗଲେ।

ସିପାହୀଙ୍କ ମୃତ୍ୟୁ ଓ ଖାଲି ହାତରେ ପ୍ରତ୍ୟାବର୍ତ୍ତନ କର୍ଣ୍ଣେଲ ହାର୍କୋଟ୍‌ଙ୍କୁ ଖୁବ୍ ବାଧିଲା। ମାଧବ ଚନ୍ଦ୍ର ଇଂରେଜ ସରକାରଙ୍କ ବସତା ସ୍ୱିକାର ପାଇଁ ସେ ଏକ ସ୍ୱତନ୍ତ୍ର ଦୂତ ହାତରେ ଚିଠି ପଠାଇଲେ। ମାଧବ ଚନ୍ଦ୍ର ଦୂତ ହାତରୁ ଚିଠିଟି ନେଇ ଚିରିଦେଲେ ଓ କହି ପଠାଇଲେ ଯେ ବସତା ନୁହେଁ ତାପଙ୍ଗବାସୀ ଯୁଦ୍ଧ ପାଇଁ ପ୍ରସ୍ତୁତ। ଫଳରେ ୧୮୨୭ ମସିହା ଜୁନ୍ ୨୬ ତାରିଖ ଦିନ କର୍ଣ୍ଣେଲ ହାର୍କୋଟ୍ ଙ୍କ ବିଶାଳ ବାହିନୀ ତାପଙ୍ଗଗଡ଼ ଆକ୍ରମଣ କଲେ। କିନ୍ତୁ ବଣ ଜଙ୍ଗଲ ପୂର୍ଣ୍ଣ ତାପଙ୍ଗଗଡ଼ର ପାଇକମାନଙ୍କ ଲୁଚାଛପା ଲଢ଼େଇକୁ ଇଂରେଜସେନା ସହଜରେ ସାମନା କରିପାରିଲେ ନାହିଁ। ଫଳରେ ପାଇକଙ୍କ ତୁଳନାରେ ବହୁ ସଂଖ୍ୟକ ଇଂରେଜ ସେନା ମୃତାହତ ହେଲେ। ପରାଜୟର ଭୟରେ ଇଂରେଜମାନେ କୁଟନୀତି ପ୍ରୟୋଗ କଲେ। ଜଣେ ବିଶ୍ୱାସଘାତକ ଲୋକ ସହାୟତାରେ ସେମାନେ ପାଇକମାନଙ୍କ ଅସ୍ତ୍ରାଗାରରେ ନିଆଁ ଲଗାଇଦେଲେ। ବିନା ଅସ୍ତ୍ରରେ ପାଇକମାନଙ୍କ ପକ୍ଷରେ ଯୁଦ୍ଧ କରିବା ସମ୍ଭବ ହେଲାନାହିଁ। ଫଳରେ ତାପଙ୍ଗଗଡ଼ ଯୁଦ୍ଧର ସେହିଠାରେ ଅବସାନ ଘଟିଲା।

କୁଟକପଟକରି ଇଂରେଜମାନେ ଯୁଦ୍ଧ ଜିତିଗଲେ ସତ ହେଲେ ମାଧବ ଚନ୍ଦ୍ରଙ୍କୁ ଧରିପାରିଲେନାହିଁ। ତାଙ୍କୁ ଧରିବା ପାଇଁ ଜେନେରାଲ ହାର୍କୋଟ ଥଳିପୂର୍ଣ୍ଣ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ଘୋଷଣା କଲେ। ତଥାପି ତାଙ୍କୁ ଧରିବା ସମ୍ଭବ ହେଲାନାହିଁ। ମାଧବ ଚନ୍ଦ୍ର ଲୁଚିଛପି ବଣ ଜଙ୍ଗଲରେ ଘୂରି ବୁଲୁଥାନ୍ତି। ଏମିତି ଦିନେ ଜଣେ ଲୋକ ମାଧବ ଚନ୍ଦ୍ରଙ୍କୁ ତାପଙ୍ଗଗଡ଼ର ବାଟ ପଚାରିଲା । ତାଠାରୁ ସେ ଜାଣିଲେ ଯେ ଚିଲିକାରେ ତାର ଡଙ୍ଗା ବୁଡି ଯାଇଛି। ପାଞ୍ଚପ୍ରାଣୀ କୁଟୁମ୍ବ ଚଳାଇବା ତାପାଇଁ ଖୁବ୍ କଷ୍ଟ ହୋଇଗଲାଣି। ସେ ଯାଉଛି ତାପଙ୍ଗଗଡ଼ର ଦଳବେହେରାଙ୍କ ଠାରୁ କିଛି ସାହାଯ୍ୟ ଆଣିବା ପାଇଁ।

ଲୋକଟିର ଦୁଃଖ ଶୁଣିସାରିବାପରେ ମାଧବ ଚନ୍ଦ୍ର ତାକୁ ଧରି ସିଧା ଚାଲିଲେ ଖୋର୍ଦ୍ଧା କଚେରୀ ଅଭିମୁଖେ।

ସେଠରେ ଗୋରା ସାହେବଙ୍କ ଆଗରେ ନିଜର ପରିଚୟଦେଇ ଲୋକଟି ତାଙ୍କୁ ଧରି ଆଣିଛି ବୋଲି କହିଲେ। ଏହାଶୁଣି ସେହି ଗରିବ ଲୋକଟି ଦୁଃଖରେ ଅଥୟ ହୋଇ ସତକଥାଟି ପ୍ରକାଶ କରିଦେଲା। ଏହାଶୁଣି ଗୋରା ସାହେବଙ୍କ ହୃଦୟ ତରଳିଗଲା। ସେ ଗରିବ ଲୋକଟିକୁ ପରସ୍କାର ଦେବା ସହିତ ମାଧବ ଚନ୍ଦ୍ରଙ୍କୁ ସାଧୁବାଦ ଜଣାଇ ମୁକ୍ତ କରିଦେଇଥିଲେ।

+ ଶଙ୍କରପୁର, ଚାରବାଟିଆ, କଟକ
ମୋ: ୭୦୭୭୨୦୬୯୭୭

# ଦାଣ୍ଡ ଭାଗବତ



**ଅଜୟ କୁମାର ବେହେରା**

ଅତିବଡ଼ି ଜଗନ୍ନାଥ ଦାଶ ଶ୍ରୀକ୍ଷେତ୍ର ପୁରୀର ୧୬ଶାସନ ମଧ୍ୟରୁ ଏକ ଶାସନର ବ୍ରାହ୍ମଣ। ବ୍ରାହ୍ମଣମାନେ ସଂସ୍କାରିତ ଜାତି। ଅନେକ ଜାଣନ୍ତି ପୂର୍ବେ କେବଳ ସଂସ୍କୃତ ଭାଷାରେ ପୁରାଣ ଶାସ୍ତ୍ର କର୍ମକାଣ୍ଡ ଲେଖା ରହିଥିଲା। ଏହାର ତତ୍ସମ ବା ଠିକ ତଦଭବରେ ସଂସ୍କୃତ ଶବ୍ଦ ବାକ୍ୟ ଗୁଡ଼ିକୁ ଓଡ଼ିଆରେ ସଠିକ ଅର୍ଥ କରିବାରେ ଭ୍ରମ କରନ୍ତି ବା ବାଣିଜିକକୁ ବୁଦ୍ଧି ପ୍ରୟୋଗ କରି ଶ୍ରୋତାକୁ ଲିଖିତ ସୂତ୍ରର ଭିନ୍ନ ବ୍ୟାଖ୍ୟା କରି ଅର୍ଥ ଅର୍ଜନ କରୁଥିଲେ। ଏତଦ୍ୱାରା ସଦା ଧର୍ମ ଗ୍ରନ୍ଥ, ଧର୍ମଶାସ୍ତ୍ର, ବିକ ବଣିକ ବୃତ୍ତିର ଧନ୍ଦା ଦିଗକୁ ବଢୁଥିଲା। ଅନେକ ବିଧର୍ମୀ ଏହାର ସୁଯୋଗ ହାସଲ କରିବା ମଧ୍ୟ ଉଙ୍କି ମାରିଲା, ଏହି ସମସ୍ୟା ଅନେକ ବିଦ୍ୱାନ ଉପଲବ୍ଧି କଲେ, ସେହି ସମୟରେ ଯେତେ ଜଣ ପରିସ୍ଥିତିର ସୁଧାର ନିମିତ୍ତ ଚେଷ୍ଟା ଆରମ୍ଭ କଲେ, ଏହା ମଧ୍ୟରେ ଚୈତନ୍ୟ ଦେବ ଆଦ୍ୟ ବଙ୍ଗରୁ ଉତ୍କଳ ହରି ନାମ ସଂକୀର୍ତ୍ତନ ଧାରା ସ୍ୱ ପାରିଷଦଙ୍କ ସହ ଲୋକରେ ପ୍ରସାର କରାଇ କରାଇ ଆସିଗଲେ। ସେ ଏପରି ଦକ୍ଷିଣ ରାଜ୍ୟରେ ଏହି ନାମର ଧାରା ପ୍ରସାରରେ ଯାଇ ପରେ ପୁରୀ ଶ୍ରୀକ୍ଷେତ୍ରରେ ସ୍ୱ ପାରିଷଦଙ୍କ ସହ ଦୀର୍ଘକାଳ ରହଣୀରେ ଅନେକ ଅନେକ ପରିବର୍ତ୍ତନ ପୁରୀ ବାସୀଜନଙ୍କ ମଧ୍ୟରେ ଆସିବାକୁ ଲାଗିଲା।

ହରିନାମ କୀର୍ତ୍ତନର ମୋହ ବାରମ୍ବାର ଲୋକଙ୍କୁ ଆକର୍ଷଣ କଲା। ରାଜା ପ୍ରତାପରୁଦ୍ର ଦେବ ଚୈତନ୍ୟଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ ରାଜାନୁଗତ ବୈଷ୍ଣବ ଧର୍ମ ତତ୍କାଳ ଓଡ଼ିଶାରେ ପ୍ରଚାର ହୋଇ ଚାଲିଲା। ରାଜାଙ୍କ ଆନୁଗତ୍ୟ ଜମିଦାର ସର୍ବରାକାର, ସବୁଗ୍ରାମ ମୁରବୀ, ରାଜାଙ୍କ ଆନୁଗତ୍ୟ ପାଇକ ଖଣ୍ଡାୟତ ସେନାମାନେ ଚୈତନ୍ୟ ଦେବଙ୍କ ନାମକୀର୍ତ୍ତନ ଖୋଳ କରତାଳରେ ମଜିବାକୁ ଲାଗିଲେ। ଠିକ ଏହି ସମୟରେ ଜଗନ୍ନାଥ ଦାଶଙ୍କ ସ୍ୱ ରଚିତ ଓଡ଼ିଆରେ ଭାଗବତ ପାଠର ଶ୍ରୀମନ୍ଦିର କଳ୍ପବଟତଳରେ ବହୁଶ୍ରୋତା ନିତ୍ୟ ପାଠ ଶ୍ରବଣ କରିବା ଆରମ୍ଭ ହୋଇଥିଲା। ଦିନେ ଚୈତନ୍ୟ ଦେବଙ୍କ ବେଢ଼ାରେ କୀର୍ତ୍ତନ କାଳରେ ଜଗନ୍ନାଥ ଦାଶଙ୍କ ଭାଗବତ ଚର୍ଚ୍ଚାରେ ବହୁ ଶ୍ରୋତା ତନ୍ମୟ କରି ରହିବା ଦେଖି ଶ୍ରୀଚୈତନ୍ୟ ସେଠାରେ ପହଞ୍ଚି ନାମ ମୁଖରେ ଦାଶେଙ୍କୁ କୋଳାଗ୍ରତ କରି ଆବେଗରେ କହିଥିଲେ ତୁମେ 'ଅତିବଡ଼' ଏହା ବଙ୍ଗଳା ଭାଷାରେ ଅତିବଡ଼ୀ। ଏଇଟାରୁ ଅତିବଡ଼ି ବୈଷ୍ଣବ ସମ୍ପ୍ରଦାୟର ଭିତ୍ତି ଭୂମି, ଏହା ନାମକୀର୍ତ୍ତନ ସହ ଭାଗବତର ନିବିଡ଼ ସମ୍ପର୍କ। ଏହାପରେ ସର୍ବତ୍ର ବ୍ୟାପିଲା ବିଶେଷ କରି ତତ୍କାଳ ଅଭଙ୍ଗ ପୁରୀ କଟକ ବାଲେଶ୍ୱର ଅଞ୍ଚଳ। ଆମ ଜଗତସିଂହପୁରରୁ ସେତେବେଳେ ପୁରୀକୁ ଚାଲି ଚାଲି ଗ୍ରାମରୁ ସାଙ୍ଗ ମେଳି ହୋଇ ସାଧାରଣ ଲୋକେ ଓ ଜମିଦାରମାନେ ତାଙ୍କ ଥାଟପ୍ରଜାଙ୍କ ଗହଣରେ ସବାରୀ ପାନିକିରେ କାନ୍ଧିଆଙ୍କ କାନ୍ଧ ବୁହାରେ ବା ଶଗଡ଼ରେ ଯାଉଥିଲେ। ଏମିତି ଆମଗ୍ରାମର ଜଣେ ଜମିଦାର ରାମକୃଷ୍ଣ ମହାନ୍ତି, ଥିଲେ ସେ ବୈଷ୍ଣବ ଧର୍ମ ଦୀକ୍ଷିତ ଥିଲେ ସେ ଘୋଡ଼ାପାଳି ଥିଲେ ହୁଏତ ସେ ଘୋଡ଼ାରେ ବା ଘୋଡ଼ାଗାଡ଼ିରେ ଯାଇ ପାରିଥିବା ରାମକୃଷ୍ଣ ବାବୁଙ୍କ ପରିବାରରେ ସବୁ ପୁଅଙ୍କ ନାମରେ ନିଷ୍ଟେ 'କୃଷ୍ଣ' ଲାଗି ରହିଆସିଛି। ଆମ ଗ୍ରାମରେ ଏବେ ବି ଅଛି ପୁରାତନ ନୃସିଂନାଥଙ୍କ ଠାକୁରବାଡ଼ି। ଏହାର ତତ୍ତ୍ୱନେଉଥିବା ବିଖ୍ୟାତ ହରିଚନ୍ଦନ, ଶ୍ରୀଚନ୍ଦନ ମଙ୍ଗରାଜ ପରିବାରର ଅତୀତ ସମୟର ପୁରୁଷମାନେ ରାଜବଂଶ, ରାଜକର୍ମଚାରୀ ଥିବା ଓ ଏମାନେ ଖୁରଧାରୁ ଆସିଥିବା ପ୍ରମାଣ ଅଛି ଓ ଏମାନଙ୍କ ମଧ୍ୟରୁ କେହି କୁଜଙ୍ଗ ରାଜଦରବାରରେ ଉଚ୍ଚ ପଦବୀରେ ଥିଲେ।

ଆମ ଗ୍ରାମରେ ଭାଗବତ ପାଠ ପାଇଁ ଅନେକ ଭାଗବତ ଘର ବା ଗାଦୀ ଥିଲା। ମୋର ହେତୁ ପାଇଲା ବେଳକୁ ମୁଁ ଦେଖିଛି ଆମ ଗ୍ରାମର ଭାଗବତ ବଢ଼ାର ଭଲ ଭୋଜିରେ ଗ୍ରାମଲୋକଙ୍କୁ ଆପ୍ୟାୟିତ କରାଯାଉଥିଲା। ରାମକୃଷ୍ଣ ମହାନ୍ତିଙ୍କ ସୁଯୋଗ୍ୟ ପୁତ୍ର ବାଳକୃଷ୍ଣ ବାବୁଙ୍କ ଭାଗବତ ବଢ଼ା ଭୋଜି ତାଙ୍କର ଅନେକ ଜମି ପ୍ରଜାମାନେ ଚାଷ କରୁଥିବାରୁ ସେ ସମସ୍ତ ପ୍ରଜା ତାଙ୍କ ପରିବାରର ପିଲାମାନେ ଓ ଅନ୍ୟ ଗ୍ରାମବାସୀ ତାଙ୍କ ବାସଭବନ ପ୍ରାଙ୍ଗଣରେ ବହୁଥର ସେପରି ଭୋଜି ଖାଇବା ଅନେକଙ୍କୁ ଜଣା ଥିବ। ନୃସିଂହନାଥଙ୍କ ଠାକୁର ବାଡ଼ିରେ ବର୍ଷକୁ ଅନେକଥର ପ୍ରାସାଦ ଲୋକେ ପାଉଥିଲେ। ପଟନାୟକ ସାହିରେ ପ୍ରଭୁ ଚରଣ (ଗେଣ୍ଡୁ) ବାବୁ ତାଙ୍କ ପିତୃ ପରମ୍ପରା ରକ୍ଷାକରି ଅନେକଥର ବହୁମୁଖୀ ଭାଗବତ (ହରିହାଟ) ତାଙ୍କ ଘର ପ୍ରାଙ୍ଗଣରେ କରୁଥିଲେ। ଏହାବାଦ କୃଷ୍ଣଚନ୍ଦ୍ର ମିଶ୍ର, ପୁରସ୍ତମ ସାହୁ, ଭାଗବତ ସାହୁ, କୁମ୍ଭାର ସାହିର ମିଳିତ ପରିବାରଙ୍କ ଏପରିକି ନାରାୟଣୀ ପୀଠରେ ଭାଗବତ ପାଠର ସ୍ଥଳୀ ଥିଲା, ମୋର ପିଲା ବେଳେ ଲୋକେ ଭାଗବତ ପୁରାଣ ଶୁଣିବାକୁ ସେଠାକୁ ପ୍ରତି ସନ୍ଧ୍ୟାରେ ଯାଉଥିଲେ। କାଳକ୍ରମେ ଜମିଦାରୀ ଚାଲଗଲା ଲୋକେ ଅଭିନ୍ନ ପରିବାର ଭିନ୍ନ ଭିନ୍ନ ହୋଇଗଲେ। କନ୍ୟା ବିବାହ ପାଇଁ ଖର୍ଚ୍ଚାର ଆବଶ୍ୟକ ପାଇଁ ଜମିବାଡ଼ି ବିକ୍ରୟ ହୋଇଗଲା, ଭାଗ ଚାଷ ଆଇନରେ ଧୂଳି ଭାଗରେ ଅନେକଙ୍କ ଜମି ରଇତମାନେ ଦାଖଲ ସରକାରୀ କାନୁନରେ ପାଇଗଲେ। ଫଳରେ ଭାଗବତ ପୂଜା ପାଠ ଚଳିବା ଏକ ସମସ୍ୟା ହୋଇ ଗଲା। ଶୁକ୍ଳ ଖଇ ଦିଟା କିଛି ଦିନ ଭୋଗକୁ ବି କେହି କରିବା ଏପରିକି ପାଠକାରୀ ପାଠକ ଅଭାବ ପଡ଼ିଲେ ବା ତାଙ୍କ ଦକ୍ଷିଣା ଦୁର୍ମୂଲ୍ୟ ହେଲା, ଏହାପରେ ତତ୍କାଳ ହାତ ଲେଖା ତାଳପାତ୍ର ପୋଥି ଗୁଡ଼ିକର କରଣୀ ଛଟା ଅକ୍ଷର ପାଠକ ଅଭାବ ହେଲେ। ସେତେବେଳେ ଲୋକେ ଏକ ତାଳପାତ୍ର ପୋଥିରୁ ଅନ୍ୟ ପୋଥି ତାଳପାତ୍ରରେ ଲୁହା ଲେଖନରେ ଲେଖାଇ ବିମାନ ଆସ୍ଥାନରେ ରଖି ପୂଜା କରୁଥିଲେ। କାଳକ୍ରମେ କାଗଜ ବହି ଛପା ବହୁ ଉପଲବ୍ଧ ହେବାରୁ ପୋଥିପରି ଲୋକେ ତାକୁ ସମ୍ମାନ କଲେନାହିଁ। ତେବେ କେବେ ଗ୍ରାମରେ ବସନ୍ତ, ହଇଜା ଆଦି ଦେଖାଦେଲେ ଦାଣ୍ଡ ଭାଗବତ କରାଯାଉଥିବା ମୁଁ ଦେଖିଛି। ହରିଚନ୍ଦନ ସାହିରୁ ଚଣ୍ଡୀସାହି ସେଠାରୁ ବାଳକୃଷ୍ଣବାବୁଙ୍କ ଘର, ଦେଇ ପଟ୍ଟନାୟକ ସାହରୁ ହରବାବୁଙ୍କ ଘର, ତାପରେ ସବୁ ଘରର ଦାଣ୍ଡେ ଦାଣ୍ଡେ ୫, ୧୦ ପଦ ଭାଗବତ ପାଠ କରି କରି, କୀର୍ତ୍ତନ ହରିବୋଲ ସହ କୁମ୍ଭାର ସାହ ଯାଏ ଯାଉଥିଲେ। ଭାଗବତ ଖଟୁଲି ଜଗୁ ମହାରଣା ମୁଣ୍ଡେଇ ଚଳିବା, ବଟକୃଷ୍ଣ ପଟ୍ଟନାୟକ ଦାଣ୍ଡେ ଦାଣ୍ଡେ ରହି ରହି ପାଠ କରିଯିବା ଓ କୀର୍ତ୍ତନ କରି ଦାଣ୍ଡ ମାନଙ୍କରେ ଯିବା ପୁଣି ଉଚ୍ଚସ୍ୱରରେ ହରିଧ୍ୱନ କରିବା ଲୋକଙ୍କ ମନରେ ଏକ ଦୈବୀ ସାହସ ଦେବା ଅନୁଭବ ହେଉଥିଲା। ପରୋକ୍ଷରେ ଏପରି ଦାଣ୍ଡ ଭାଗବତ ଗମନ ପଥ ପରିଷ୍କାର ପରିଚ୍ଛନ୍ନ କରାଯାଉଥିଲା। ଏକ ଧାର୍ମିକ ଭାବ ଗ୍ରାମରେ ଉଦିତ ହେଉଥିଲା। ଏଥିରେ ଥିବା ନାମର ବ୍ୟକ୍ତିମାନେ ଚାଲିଗଲେଣି ହେଲେ ଭବିଷ୍ୟତ ବଂଶଧରଙ୍କ ପାଇଁ ବିପଦ ବେଳେ ଭାଗବତ ଓ ଦିବ୍ୟ ହରିନାମ ସ୍ମରଣ କରିବା ଅନୁଷ୍ଠାନ ନିହାତି ଆବଶ୍ୟକ ଦର୍ଶାଇ ଯାଇଛି।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ,
ମୋ : ୯୪୩୭୧୦୩୧୨୫୩

# ପ୍ରାଚୀନ ପରମ୍ପରା ଓ ଶିଶୁ ସାହିତ୍ୟ ରଚନା



**ଡଃ ଅମୂଲ୍ୟ କୁମାର ପଣ୍ଡା**

ଶିଶୁ ସାହିତ୍ୟ ହେଉଛି ଶିଶୁମନର ଆନନ୍ଦ, କଳ୍ପନା, ଜ୍ଞାନ ଓ ସ୍ୱପ୍ନର ଏକ ସୁନ୍ଦର ଜଗତ। ଏହା ଶିଶୁଙ୍କୁ କେବଳ ମନୋରଞ୍ଜନ ଦିଏ ନାହିଁ, ବରଂ ତାଙ୍କର ଚରିତ୍ର, ଚିନ୍ତାଧାରା, ଭାଷା, ସୃଜନଶୀଳତା ଓ ମାନବିକତାକୁ ଗଢ଼ି ତୋଳେ। ଏକ ଭଲ ଶିଶୁ ସାହିତ୍ୟ ଶିଶୁଙ୍କୁ ପ୍ରଶ୍ନ କରିବାକୁ, ଚିନ୍ତା କରିବାକୁ, ସ୍ୱପ୍ନ ଦେଖିବାକୁ ଓ ନିଜ ସ୍ୱପ୍ନକୁ ସାକାର କରିବାକୁ ପ୍ରେରଣା ଦିଏ। ଶିଶୁ ମାନଙ୍କ ପାଇଁ ସରଳ ଭାଷାରେ, ସେମାନଙ୍କ ବୟସ ଓ ମାନସିକ ଚାହିଦା ଅନୁଯାୟୀ ରଚିତ ସାହିତ୍ୟକୁ ଶିଶୁ ସାହିତ୍ୟ କୁହାଯାଏ। ଶିଶୁ ସାହିତ୍ୟର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆନନ୍ଦ ଦେବା ସହିତ ଜ୍ଞାନ ଓ ମୂଲ୍ୟବୋଧର ବିକାଶ କରିବା। ଶିଶୁ ସାହିତ୍ୟ ଏପରି ହେବା ଆବଶ୍ୟକ, ଯାହା ଶିଶୁଙ୍କୁ ଆକର୍ଷିତ କରିବ, ତାଙ୍କ କଳ୍ପନାକୁ ଉଦ୍ ?ବୁଦ୍ଧ କରିବ ଏବଂ ନୂତନ କିଛି ଜାଣିବା ପାଇଁ ଉତ୍ସାହିତ କରିବ। ଅତ୍ୟଧିକ ଜଟିଳ ଭାଷା, କଠିନ ଧାରଣା ଓ ଭାରୀ ଉପଦେଶ ଶିଶୁ ସାହିତ୍ୟକୁ ଶିଶୁଙ୍କଠାରୁ ଦୂରେଇ ଦିଏ। ତେଣୁ ସରଳତା, ସୁନ୍ଦରତା, ରସ, କଳ୍ପନା ଓ ଶିକ୍ଷା ଏହାର ପ୍ରମୁଖ ବୈଶିଷ୍ଟ୍ୟ। ଶିଶୁ ହେଉଛି ଦେଶ ଓ ଜାତିର ଭବିଷ୍ୟତ। ଶିଶୁମାନଙ୍କର ମନ ନିର୍ମଳ, କୋମଳ ଓ କଳ୍ପନାଶୀଳ। ସେମାନେ ଯାହା ଦେଖନ୍ତି, ଶୁଣନ୍ତି ଓ ପଢ଼ନ୍ତି, ତାହା ସେମାନଙ୍କ ମନରେ ଗଭୀର ପ୍ରଭାବ ପକାଏ। ତେଣୁ ଶିଶୁମାନଙ୍କର ବୟସ, ମାନସିକ ସ୍ତର, ଆଗ୍ରହ ଓ ରୁଚିକୁ ଧ୍ୟାନରେ ରଖି ଯେଉଁ ସାହିତ୍ୟ ରଚନା କରାଯାଏ, ତାହାକୁ ଶିଶୁ ସାହିତ୍ୟ କୁହାଯାଏ। ଏହା କେବଳ ଶିଶୁଙ୍କର ମନୋରଞ୍ଜନର ମାଧ୍ୟମ ନୁହେଁ; ଏହା ଶିଶୁମାନଙ୍କ ଜ୍ଞାନ, କଳ୍ପନାଶକ୍ତି, ନୈତିକତା, ସୃଜନଶୀଳତା ଓ ମାନବିକ ମୂଲ୍ୟବୋଧର ବିକାଶରେ ଏକ ଶକ୍ତିଶାଳୀ ମାଧ୍ୟମ। ଶିଶୁ ସାହିତ୍ୟରେ ଗଳ୍ପ, କବିତା, ଉପନ୍ୟାସ, ନାଟକ, ଜୀବନୀ, ରୂପକଥା, ହାସ୍ୟକଥା, ବିଜ୍ଞାନକଥା, ଲୋକକଥା, ପ୍ରବନ୍ଧ ଓ ଚିତ୍ରକଥା ଆଦି ଅନ୍ତର୍ଭୁକ୍ତ। ଏହା ଶିଶୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବା ସହିତ ତାଙ୍କୁ ଜୀବନ ବିଷୟରେ ଜାଣିବାର ସୁଯୋଗ ଦିଏ। ଶିଶୁ ସାହିତ୍ୟର ପ୍ରଥମ ଉଦ୍ଦେଶ୍ୟ ହେଉଛି ଶିଶୁଙ୍କୁ ଆନନ୍ଦ ଦେବା। ଆନନ୍ଦ ସହିତ ଏହା ତାଙ୍କୁ ନୂତନ ଜ୍ଞାନ ଦିଏ। ପ୍ରକୃତି, ସମାଜ, ଦେଶ, ବିଜ୍ଞାନ ଓ ମାନବ ଜୀବନ ସମ୍ପର୍କରେ ଶିଶୁମାନେ ସାହିତ୍ୟ ମାଧ୍ୟମରେ ଅନେକ କିଛି ଜାଣିପାରନ୍ତି। ଏହା ଶିଶୁ ମାନଙ୍କ ମଧ୍ୟରେ ଭଲ ଚରିତ୍ର ଗଠନରେ ସାହାଯ୍ୟ କରେ। ସତ୍ୟ କହିବା, ଅନ୍ୟକୁ ସମ୍ମାନ କରିବା, ଦୁର୍ବଳଙ୍କୁ ସାହାଯ୍ୟ କରିବା, ପ୍ରକୃତିକୁ ଭଲ ପାଇବା ଓ ଦେଶ ପ୍ରତି ଦାୟିତ୍ୱବୋଧ ରଖିବା ଭଳି ଗୁଣ ସାହିତ୍ୟ ମାଧ୍ୟମରେ ବିକଶିତ ହୋଇପାରେ। ଶିଶୁମାନଙ୍କର ମାନସିକ ବିକାଶରେ ଶିଶୁ ସାହିତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗଳ୍ପ ପଢ଼ିବା ସମୟରେ ଶିଶୁ ଚରିତ୍ର, ଘଟଣା ଓ ପରିସ୍ଥିତି ବିଷୟରେ ଚିନ୍ତା କରେ। ଏହା ତାଙ୍କର ଚିନ୍ତନଶକ୍ତି ଓ ବିଶ୍ଳେଷଣ କ୍ଷମତା ବଢ଼ାଏ। କଳ୍ପନାମୂଳକ ଗଳ୍ପ ଶିଶୁଙ୍କ ମନରେ ନୂତନ ଚିତ୍ର ସୃଷ୍ଟି କରେ। କବିତା ତାଙ୍କର ଭାଷା ଓ ଭାବନାକୁ ସମୃଦ୍ଧ କରେ। ନୀତିକଥା ତାଙ୍କୁ ଭଲ ଓ ମନ୍ଦ ମଧ୍ୟରେ ପାର୍ଥକ୍ୟ ବୁଝିବାରେ ସହାୟତା କରେ। ବିଜ୍ଞାନ ଗଳ୍ପ ତାଙ୍କ ମଧ୍ୟରେ ପ୍ରଶ୍ନ କରିବା ଓ ଉତ୍ତର ଖୋଜିବାର ଆଗ୍ରହ ବଢ଼ାଏ।

ଶିଶୁ ସାହିତ୍ୟର ମୂଳ ଆମର ପ୍ରାଚୀନ ଲୋକ ପରମ୍ପରାରେ ଦେଖିବାକୁ ମିଳେ। ଆମ ଜେଜେବାପା, ଜେଜେମା, ଆଈ ଓ ମାଆମାନେ ଶିଶୁମାନଙ୍କୁ ବିଭିନ୍ନ ଲୋକକଥା, ପୌରାଣିକ କାହାଣୀ, ନୀତିକଥା ଓ ରୂପକଥା କହୁଥିଲେ। ଏହି ମୌଖିକ ପରମ୍ପରା ଶିଶୁ ସାହିତ୍ୟର ଏକ ପ୍ରାଚୀନ ଭିତ୍ତି। ପଞ୍ଚତନ୍ତ୍ର, ହିତୋପଦେଶ, ଜାତକ କଥା ଆଦିରେ ଶିଶୁମାନଙ୍କ ଉପଯୋଗୀ ଅନେକ ନୀତିକଥା ମିଳିଥାଏ। ପଶୁପକ୍ଷୀଙ୍କୁ ଚରିତ୍ର କରି ରଚିତ କାହାଣୀ ମାଧ୍ୟମରେ ସତ୍ୟ, ନ୍ୟାୟ, ବୁଦ୍ଧି, ସାହସ ଓ ସତର୍କତା ଭଳି ଗୁଣର ଶିକ୍ଷା ଦିଆଯାଇଛି। ଆଧୁନିକ ଯୁଗରେ ମୁଦ୍ରଣ ବ୍ୟବସ୍ଥାର ବିକାଶ ସହିତ ଶିଶୁମାନଙ୍କ ପାଇଁ ପୃଥକ ପୁସ୍ତକ, ପତ୍ରିକା ଓ ଶିକ୍ଷାମୂଳକ ରଚନା ପ୍ରକାଶ ପାଇବା ଆରମ୍ଭ ହେଲା। ଓଡ଼ିଆ ଭାଷାରେ ମଧ୍ୟ କ୍ରମେ ଶିଶୁ ସାହିତ୍ୟର ଏକ ସମୃଦ୍ଧ ପରମ୍ପରା ଗଢ଼ିଉଠିଲା। ଓଡ଼ିଆ ଶିଶୁ ସାହିତ୍ୟର ଇତିହାସ ଗୌରବମୟ। ଓଡ଼ିଆ ଭାଷାର ଅନେକ ସାହିତ୍ୟିକ ଶିଶୁମାନଙ୍କ ପାଇଁ ସୁନ୍ଦର ଗଳ୍ପ, କବିତା, ଛନ୍ଦ, ନୀତିକଥା ଓ ଶିକ୍ଷାମୂଳକ ରଚନା ସୃଷ୍ଟି କରିଛନ୍ତି। ଓଡ଼ିଆ ଶିଶୁ ସାହିତ୍ୟର ବିକାଶରେ ଫକୀରମୋହନ ସେନାପତି, ନନ୍ଦକିଶୋର ବଳ, ଗୋଦାବରୀଶ ମହାପାତ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର, ନୀଳକଣ୍ଠ ଦାସ ଆଦି ସାହିତ୍ୟିକଙ୍କ ଅବଦାନ ସ୍ମରଣୀୟ। ପରବର୍ତ୍ତୀ କାଳରେ ଅନେକ ଲେଖକ ଶିଶୁମାନଙ୍କ ପାଇଁ ନୂତନ ଧାରାର ଗଳ୍ପ, କବିତା, ବିଜ୍ଞାନ ରଚନା ଓ ଉପନ୍ୟାସ ଲେଖିଛନ୍ତି। ଶିଶୁମାନଙ୍କ ପାଇଁ ପ୍ରକାଶିତ ବିଭିନ୍ନ ପତ୍ରିକା ମଧ୍ୟ ଓଡ଼ିଆ ଶିଶୁ ସାହିତ୍ୟକୁ ଲୋକପ୍ରିୟ କରିଛି। ପତ୍ରିକାଗୁଡ଼ିକରେ ଗଳ୍ପ, କବିତା, ଧାଡ଼ିପ୍ରଶ୍ନ, ବିଜ୍ଞାନ ତଥ୍ୟ, ଚିତ୍ର, ଜୀବନୀ ଓ ଜ୍ଞାନବର୍ଦ୍ଧକ ବିଷୟ ପ୍ରକାଶ ପାଏ।

ଶିଶୁ ସାହିତ୍ୟରେ ବିଭିନ୍ନ ପ୍ରକାର ରୂପକୁ ନେଇ ଗଠିତ। ଯେପରି ଗଳ୍ପ ହେଉଛି ଶିଶୁ ସାହିତ୍ୟର ସବୁଠାରୁ ଲୋକପ୍ରିୟ ଅଂଶ। ଶିଶୁମାନେ ଗଳ୍ପ ଶୁଣିବା ଓ ପଢ଼ିବାକୁ ଭଲ ପାଆନ୍ତି। ରାଜା-ରାଣୀ, ପଶୁପକ୍ଷୀ, ଜଙ୍ଗଲ, ଅଦ୍ଭୁତ ଘଟଣା, ବୀରତା ଓ ବୁଦ୍ଧିମତାକୁ ନେଇ ଗଳ୍ପ ଶିଶୁମାନଙ୍କ କଳ୍ପନାଶକ୍ତିକୁ ବଢ଼ାଏ। ଠିକ୍ ସେହିପରି ଶିଶୁ କବିତାରେ ଛନ୍ଦ, ତାଳ, ଧ୍ୱନି ଓ ସରଳ ଭାଷାର ବ୍ୟବହାର ହୋଇଥାଏ। ପ୍ରକୃତି, ପକ୍ଷୀ, ଫୁଲ, ନଦୀ, ପାହାଡ଼, ମାଆ, ବାପା, ଦେଶ ଓ ମାନବିକତା ଆଦି ବିଷୟ ଶିଶୁ କବିତାରେ ସ୍ଥାନ ପାଇଥାଏ। କବିତା ଶିଶୁଙ୍କ ଭାଷାଜ୍ଞାନ ଓ ସୃଜନଶୀଳତା ବୃଦ୍ଧି କରେ। ଏହାଛଡା ରୂପକଥା ଶିଶୁମାନଙ୍କ କଳ୍ପନାର ଜଗତକୁ ବିସ୍ତାର କରେ। ରାଜକୁମାର, ରାଜକୁମାରୀ, ଯାଦୁ, ପରୀ, କଥା କହୁଥିବା ପଶୁପକ୍ଷୀ ଓ ଅଦ୍ଭୁତ ଘଟଣା ଆଦି ରୂପକଥାର ବିଶେଷ ଆକର୍ଷଣ। ଏଥି ସହ ନୀତିକଥା ମାଧ୍ୟମରେ ଶିଶୁମାନେ ସତ୍ୟବାଦିତା, ପରୋପକାର, ସାହସ, ଧୈର୍ଯ୍ୟ, ଶୃଙ୍ଖଳା ଓ ନ୍ୟାୟର ଶିକ୍ଷା ପାଆନ୍ତି। ଉପଦେଶ ଦେବା ପରିବର୍ତ୍ତେ ଗଳ୍ପ ମାଧ୍ୟମରେ ଶିକ୍ଷା ଦିଆଯାଇଥିବାରୁ ଏହା ଶିଶୁଙ୍କ ମନରେ ସହଜରେ ରହିଯାଏ। ଆଧୁନିକ ଯୁଗରେ ଶିଶୁ ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଶାଖା ହେଉଛି ବିଜ୍ଞାନ ସାହିତ୍ୟ। ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା, ପଶୁପକ୍ଷୀ, ପରିବେଶ, ମାନବ ଶରୀର ଓ ପ୍ରଯୁକ୍ତି ବିଷୟରେ ସରଳ ଭାଷାରେ ଲେଖାଯାଇଥିବା ରଚନା ଶିଶୁଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରେ। ନାଟକ ମାଧ୍ୟମରେ ଶିଶୁମାନେ ଏକାସାଙ୍ଗେ ଶିଖିବା ଓ ଅଭିନୟ କରିବାର ସୁଯୋଗ ପାଆନ୍ତି। ଏହା ତାଙ୍କର ଆତ୍ମବିଶ୍ୱାସ, ଉଚ୍ଚାରଣ, ଦଳଗତ ମନୋଭାବ ଓ ସୃଜନଶୀଳତା ବଢ଼ାଏ। ମହାନ ବ୍ୟକ୍ତିମାନଙ୍କ ଜୀବନୀ ଶିଶୁଙ୍କ ପାଇଁ ପ୍ରେରଣାର ଉତ୍ସ। ସ୍ୱାଧୀନତା ସଂଗ୍ରାମୀ, ବୈଜ୍ଞାନିକ, ଶିକ୍ଷାବିତ୍ ?, ସାହିତ୍ୟିକ, କ୍ରୀଡ଼ାବିତ୍ ? ଓ ସମାଜସେବୀଙ୍କ ଜୀବନର ସଂଘର୍ଷ ଓ ସଫଳତା ବିଷୟରେ ପଢ଼ି ଶିଶୁମାନେ ପରିଶ୍ରମ ଓ ଦୃଢ଼ତାର ମହତ୍ତ୍ୱ ବୁଝିପାରନ୍ତି।

ଶିଶୁମାନଙ୍କ ଚରିତ୍ର ଗଠନରେ ନୈତିକ ଶିକ୍ଷାର ଭୂମିକା ବହୁତ ବଡ଼। କିନ୍ତୁ କେବଳ ଉପଦେଶ ଦେଇ ଶିଶୁଙ୍କୁ ନୈତିକତା ଶିଖାଇବା ସବୁବେଳେ ସହଜ ନୁହେଁ। ଗଳ୍ପ ମାଧ୍ୟମରେ ଏହି ଶିକ୍ଷା ଦେଲେ ତାହା ଅଧିକ ପ୍ରଭାବଶାଳୀ ହୁଏ। ଜଣେ ସତ୍ୟବାଦୀ ଚରିତ୍ରର ସଫଳତା, ଜଣେ ସାହସୀ ଚରିତ୍ରର ସଂଘର୍ଷ କିମ୍ବା ଜଣେ ସ୍ୱାର୍ଥପର ଚରିତ୍ରର ଭୁଲରୁ ଶିଶୁ ନିଜେ ଶିକ୍ଷା ଗ୍ରହଣ କରିପାରେ। ଏହି କାରଣରୁ ଶିଶୁ ସାହିତ୍ୟ ନୈତିକ ଶିକ୍ଷାର ଏକ ସୁନ୍ଦର ମାଧ୍ୟମ। ଶିଶୁମାନେ ନିୟମିତ ଭାବରେ ଭଲ ସାହିତ୍ୟ ପଢ଼ିଲେ ତାଙ୍କର ଶବ୍ଦଭଣ୍ଡାର ବଢ଼େ। ସେମାନେ ନୂତନ ଶବ୍ଦ, ବାକ୍ୟ ଗଠନ ଓ ଭାଷାର ସୌନ୍ଦର୍ଯ୍ୟ ଶିଖନ୍ତି। କବିତା ଓ ଗଳ୍ପ ପଢ଼ିବା ଦ୍ୱାରା ଶିଶୁମାନେ ସୁନ୍ଦର ଭାବରେ କଥା କହିବା ଓ ଲେଖିବାର କ୍ଷମତା ଅର୍ଜନ କରନ୍ତି। ମାତୃଭାଷାରେ ଶିଶୁ ସାହିତ୍ୟ ପଢ଼ିବା ଦ୍ୱାରା ଶିଶୁ ନିଜ ଭାଷା ଓ ସଂସ୍କୃତି ସହିତ ଗଭୀର ଭାବରେ ଯୋଡ଼ିତ ହୁଏ। ତେଣୁ ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ ପାଇଁ ମଧ୍ୟ ଶିଶୁ ସାହିତ୍ୟ ଅତ୍ୟନ୍ତ ଆବଶ୍ୟକ। ପ୍ରକୃତି ଶିଶୁଙ୍କ ମନକୁ ସହଜରେ ଆକର୍ଷିତ କରେ। ଫୁଲ, ପକ୍ଷୀ, ଗଛ, ନଦୀ, ପାହାଡ଼, ଆକାଶ ଓ ବର୍ଷାକୁ ନେଇ ରଚିତ କବିତା ଓ ଗଳ୍ପ ଶିଶୁଙ୍କୁ ପ୍ରକୃତି ସହିତ ପରିଚିତ କରାଏ। ଆଜିର ପରିବେଶ ସଙ୍କଟର ସମୟରେ ଶିଶୁ ସାହିତ୍ୟରେ ପରିବେଶ ସୁରକ୍ଷା, ବୃକ୍ଷରୋପଣ, ଜଳ ସଂରକ୍ଷଣ ଓ ପଶୁପକ୍ଷୀଙ୍କ ପ୍ରତି ଦୟା ଭଳି ବିଷୟ ରହିବା ଆବଶ୍ୟକ। ଏହା ଶିଶୁଙ୍କ ମନରେ ପରିବେଶ ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିପାରେ। ଶିଶୁ ସାହିତ୍ୟର ବିକାଶରେ କିଛି ସମସ୍ୟା ରହିଛି। ଆଜିର ଶିଶୁମାନେ ମୋବାଇଲ ଓ ଅନ୍ୟାନ୍ୟ ଡିଜିଟାଲ ମନୋରଞ୍ଜନରେ ଅଧିକ ସମୟ ବିତାଉଛନ୍ତି। ଫଳରେ ପୁସ୍ତକ ପଢ଼ିବା ପ୍ରତି ଆଗ୍ରହ କେତେକ କ୍ଷେତ୍ରରେ ହ୍ରାସ ପାଇଛି। ଅନ୍ୟ ଏକ ସମସ୍ୟା ହେଉଛି ଗୁଣାତ୍ମକ ଓ ଆକର୍ଷଣୀୟ ଶିଶୁ ସାହିତ୍ୟର ପର୍ଯ୍ୟାପ୍ତ ଉପଲବ୍ଧତା। ଶିଶୁମାନଙ୍କ ଆଗ୍ରହ ଓ ଆଧୁନିକ ଜୀବନର ପରିବର୍ତ୍ତନ ସହିତ ସମନ୍ୱୟ ରଖି ନୂତନ ବିଷୟରେ ସାହିତ୍ୟ ରଚନା କରିବା ଆବଶ୍ୟକ। ଶିଶୁ ସାହିତ୍ୟରେ ଅତ୍ୟଧିକ ଉପଦେଶ, ଭୟ କିମ୍ବା ଅବାସ୍ତବ ଧାରଣା ଦେବା ପରିବର୍ତ୍ତେ ଶିଶୁଙ୍କ ପ୍ରଶ୍ନ, ଅନୁଭୂତି, ସୃଜନଶୀଳତା ଓ ବୈଜ୍ଞାନିକ ଚିନ୍ତାକୁ ସମ୍ମାନ କରିବା ଦରକାର। ଶିଶୁମାନଙ୍କ ମଧ୍ୟରେ ପଢ଼ିବାର ଅଭ୍ୟାସ ଗଢ଼ିବାରେ ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା ବହୁତ ବଡ଼। ଛୋଟବେଳୁ ଶିଶୁଙ୍କୁ ବୟସ ଅନୁଯାୟୀ ଗଳ୍ପ ଓ କବିତା ପଢ଼ାଇବା ଉଚିତ୍ ?। ଶିଶୁ ନିଜେ ପଢ଼ିବା ସହିତ ଅଭିଭାବକମାନେ ତାଙ୍କୁ ଗଳ୍ପ ପଢ଼ି ଶୁଣାଇପାରନ୍ତି।ବିଦ୍ୟାଳୟରେ ପୁସ୍ତକାଳୟକୁ ଶିଶୁମାନଙ୍କ ପାଇଁ ଆକର୍ଷଣୀୟ କରିବା ଆବଶ୍ୟକ। ଗଳ୍ପ ପଢ଼ା, କବିତା ଆବୃତ୍ତି, ନାଟକ, ପୁସ୍ତକ ଆଲୋଚନା ଓ ରଚନା ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ ଶିଶୁଙ୍କ ମଧ୍ୟରେ ସାହିତ୍ୟ ପ୍ରତି ଆଗ୍ରହ ବଢ଼ାଇପାରେ। ଶିଶୁ ସାହିତ୍ୟ ମାଧ୍ୟମରେ ଦେଶପ୍ରେମର ଭାବନା ମଧ୍ୟ ଜାଗ୍ରତ କରାଯାଇପାରେ। ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ, ଦେଶର ଇତିହାସ, ଜାତୀୟ ପ୍ରତୀକ ଓ ଦେଶର ବିଭିନ୍ନ ସଂସ୍କୃତି ବିଷୟରେ ଶିଶୁମାନେ ପଢ଼ିଲେ ନିଜ ଦେଶ ପ୍ରତି ଗର୍ବ ଓ ଦାୟିତ୍ୱବୋଧ ଉତ୍ପନ୍ନ ହୁଏ।

+ ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

# ପ୍ରତି ୬୮ ସେକେଣ୍ଡରେ ଗୋଟିଏ ବ୍ଲକିଂ ଆଦେଶ: ସାମାଜିକ ଗଣମାଧ୍ୟମ ଉପରେ ସରକାରୀ ଅଙ୍କୁଶ

ବର୍ତ୍ତମାନର ଡିଜିଟାଲ୍ ଯୁଗରେ ସାମାଜିକ ଗଣମାଧ୍ୟମ ବା ସୋସିଆଲ୍ ମିଡିଆ ହେଉଛି ସାଧାରଣ ନାଗରିକଙ୍କ ମତ ପ୍ରକାଶ ଏବଂ ଅସନ୍ତୋଷ ବ୍ୟକ୍ତ କରିବାର ସବୁଠାରୁ ବଡ଼ ମାଧ୍ୟମ। ତେବେ ସମ୍ପ୍ରତି ଭାରତରେ ଡିଜିଟାଲ୍ ସେନ୍ସରସିପ୍ ବା ଇଣ୍ଟରନେଟ୍ ବିଷୟବସ୍ତୁ ଉପରେ ସରକାରୀ ନିୟନ୍ତ୍ରଣକୁ ନେଇ ଯେଉଁ ତଥ୍ୟ ସାମ୍ନାକୁ ଆସିଛି, ତାହା ଗଣତନ୍ତ୍ର ଏବଂ ବାକ୍ ସ୍ୱାଧୀନତା ପାଇଁ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ୨୦୨୬ ମସିହା ମାର୍ଚ୍ଚରୁ ଜୁଲାଇ ମାସ ମଧ୍ୟରେ କେନ୍ଦ୍ର ସରକାର ଇନଷ୍ଟାଗ୍ରାମ୍, ଫେସବୁକ୍ ଏବଂ ୟୁଟ୍ୟୁବ୍ ଭଳି ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକୁ ପାଖାପାଖି ୧.୯୫ ଲକ୍ଷ 'ଟେକ୍ ଡାଉନ୍' ବା ବିଷୟବସ୍ତୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିସଂଖ୍ୟାନକୁ ହିସାବ କଲେ ଜଣାପଡ଼େ ଯେ ପ୍ରତିଦିନ ହାରାହାରି ୧,୨୭୫ଟି ନିର୍ଦ୍ଦେଶ ଜାରି କରାଯାଇଛି, ଅର୍ଥାତ୍ ପ୍ରତି ୬୮ ସେକେଣ୍ଡରେ ଗୋଟିଏ ଅନଲାଇନ୍ ପୋଷ୍ଟ ବା ଆକାଉଣ୍ଟକୁ ବ୍ଲକ୍ କରିବା ପାଇଁ ସରକାରୀ ଆଦେଶ ଦିଆଯାଇଛି । ଏହା କେବଳ ଏକ ସାଧାରଣ ପ୍ରଶାସନିକ ପ୍ରକ୍ରିୟା ନୁହେଁ, ବରଂ ଡିଜିଟାଲ୍ ଦୁନିଆରେ ନାଗରିକଙ୍କ ସ୍ୱରକୁ ଚାପି ଦେବାର ଏକ ସୁଚିନ୍ତିତ ପ୍ରୟାସ ବୋଲି ସମାଲୋଚକମାନେ ମତ ଦେଉଛନ୍ତି । ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ ଏଭଳି ବ୍ୟାପକ ସ୍ତରର ସେନ୍ସରସିପ୍ ଅନେକ ଆଇନଗତ ଏବଂ ନୈତିକ ପ୍ରଶ୍ନ ଉଠାଉଛି, ବିଶେଷ କରି ଯେତେବେଳେ ଏହା ବିନା କୌଣସି ସ୍ୱଚ୍ଛତାରେ କାର୍ଯ୍ୟକାରୀ ହେଉଛି।

ଏହି ବୃଦ୍ଧିର ଭୟାବହତାକୁ ବୁଝିବା ପାଇଁ ପୂର୍ବ ବର୍ଷର ତଥ୍ୟ ସହ ଏହାର ତୁଳନା କରିବା ନିତାନ୍ତ ଆବଶ୍ୟକ । ସୂଚନା ଅଧିକାର (ଆରଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଅକ୍ଟୋବର ୨୦୨୪ରୁ ଅକ୍ଟୋବର ୨୦୨୫ ମଧ୍ୟରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର 'ସହଯୋଗ' ପୋର୍ଟାଲ୍ ମାଧ୍ୟମରେ ୧୯ଟି ଅନଲାଇନ୍ ପ୍ଲାଟଫର୍ମକୁ ସମୁଦାୟ ୨,୩୧୨ଟି ବ୍ଲକିଂ ନିର୍ଦ୍ଦେଶ ଦିଆଯାଇଥିଲା । ସେହି ସମୟରେ ଦୈନିକ ହାରାହାରି ମାତ୍ର ୬ଟି ନିର୍ଦ୍ଦେଶ ଜାରି କରାଯାଉଥିଲା । ଦୈନିକ ୬ଟି ନିର୍ଦ୍ଦେଶରୁ ହଠାତ୍ ୧,୨୭୫ଟି ନିର୍ଦ୍ଦେଶରେ ପହଞ୍ଚିବା କୌଣସି ସାଧାରଣ ଘଟଣା ନୁହେଁ କିମ୍ବା ଏହା କେବଳ ସାଇବର ଅପରାଧ ବୃଦ୍ଧିର ସୂଚକ ନୁହେଁ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ଇଣ୍ଡିଆନ୍ ସାଇବର୍ କ୍ରାଇମ୍ କୋଅର୍ଡିନେସନ୍ ସେଣ୍ଟର (I4C) ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏହି ସହଯୋଗ ପୋର୍ଟାଲର ମୂଳ ଲକ୍ଷ୍ୟ ଥିଲା ସାଇବର ଅପରାଧକୁ ରୋକିବା ଏବଂ ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥା ଓ ଟେକ୍ କମ୍ପାନୀଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବା। କିନ୍ତୁ ବର୍ତ୍ତମାନର ତଥ୍ୟ ପ୍ରମାଣିତ କରୁଛି ଯେ, ଏହି ପୋର୍ଟାଲ୍ ଏବେ ସରକାରଙ୍କ ପାଇଁ ବ୍ୟାପକ ସେନ୍ସରସିପ୍ ଏବଂ ରାଜନୈତିକ ନିୟନ୍ତ୍ରଣର ଏକ ପ୍ରମୁଖ ଅସ୍ତ୍ର ପାଲଟିଯାଇଛି । ଗୋଟିଏ ନିର୍ଦ୍ଦେଶରେ ଶହ ଶହ ପୋଷ୍ଟ କିମ୍ବା ଆକାଉଣ୍ଟକୁ ବ୍ଲକ୍ କରାଯାଇପାରୁଛି, ଯାହାକି ପ୍ରକୃତ ସେନ୍ସରସିପର ମାତ୍ରାକୁ ଆହୁରି ବଢ଼ାଇ ଦେଉଛି ଏବଂ ଏହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ସିଧାସଳଖ ପଡୁଛି ।

ଏହି ନିର୍ଦ୍ଦେଶଗୁଡ଼ିକର ସମୟ ଏବଂ ଲକ୍ଷ୍ୟକୁ ଅନୁଧ୍ୟାନ କଲେ ଏହା ପଛର ପ୍ରକୃତ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଯାଏ । ମାର୍ଚ୍ଚରୁ ଜୁଲାଇ ୨୦୨୬ ମଧ୍ୟରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଛାତ୍ରଛାତ୍ରୀମାନେ ପରୀକ୍ଷା ପ୍ରଶ୍ନପତ୍ର ଲିକ୍, ବିଶେଷ କରି ନିଟ୍ (NEET) ପରୀକ୍ଷା ଅନିୟମିତତା ବିରୋଧରେ ବ୍ୟାପକ ଆନ୍ଦୋଳନ କରିଥିଲେ । ଜୁନ୍ ମାସ ଆରମ୍ଭରୁ ଆରମ୍ଭ ହୋଇଥିବା ଏହି ବିକ୍ଷୋଭ ଶେଷରେ ଜୁଲାଇ ୨୫ ତାରିଖରେ ତତ୍କାଳୀନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ପ୍ରତ୍ୟାହୃତ ହୋଇଥିଲା । ଏହି ଆନ୍ଦୋଳନକୁ ସଂଗଠିତ କରିବାରେ ସାମାଜିକ ଗଣମାଧ୍ୟମ, ବିଶେଷ କରି ଇନଷ୍ଟାଗ୍ରାମ୍, ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଯୁବପିଢ଼ି ନିଜର ଅସନ୍ତୋଷ ବ୍ୟକ୍ତ କରିବା ପାଇଁ ଏହି ପ୍ଲାଟଫର୍ମର ବହୁଳ ବ୍ୟବହାର କରିଥିଲେ । ଆଶ୍ଚର୍ଯ୍ୟର କଥା ନୁହେଁ ଯେ, ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ୧.୯୫ ଲକ୍ଷ ନିର୍ଦ୍ଦେଶ ମଧ୍ୟରୁ କେବଳ ଇନଷ୍ଟାଗ୍ରାମକୁ ପାଖାପାଖି ୧ ଲକ୍ଷ ନିର୍ଦ୍ଦେଶ ମିଳିଥିଲା, ଯାହାକି ସମୁଦାୟ ନିର୍ଦ୍ଦେଶର ଅଧାରୁ ଅଧିକ ଅଟେ । ସେହିପରି ଫେସବୁକକୁ ପ୍ରାୟ ୮୦,୦୦୦ ଏବଂ ୟୁଟ୍ୟୁବକୁ ପ୍ରାୟ ୧୫,୦୦୦ ନିର୍ଦ୍ଦେଶ ଦିଆଯାଇଥିଲା। ମେଟା (Meta) ମାଲିକାନାରେ ଥିବା ଫେସବୁକ୍ ଏବଂ ଇନଷ୍ଟାଗ୍ରାମ୍ ମିଳିତ ଭାବେ ୯୦ ପ୍ରତିଶତରୁ ଅଧିକ ଟେକ୍ ଡାଉନ୍ ନିର୍ଦ୍ଦେଶର ସମ୍ମୁଖୀନ ହୋଇଥିଲେ । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଛାତ୍ର ଆନ୍ଦୋଳନ ସମ୍ପର୍କିତ ପୋଷ୍ଟ, ସରକାରଙ୍କ ଇଥାନଲ୍ ଇନ୍ଧନ ନୀତିର ସମାଲୋଚନା ଏବଂ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମ୍ପର୍କିତ ବିଷୟବସ୍ତୁକୁ ଲକ୍ଷ୍ୟ କରି ଏହି ଡିଜିଟାଲ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଏହି ସେନ୍ସରସିପ୍ ପ୍ରକ୍ରିୟାର ସବୁଠାରୁ ଭୟାନକ ଦିଗଟି ହେଉଛି ଏହାର ସ୍ୱୟଂଚାଳିତ ବା ଅଟୋମେଟେଡ୍ ବ୍ୟବସ୍ଥା । ଫେବୃଆରୀ ୨୦୨୬ରେ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ନିୟମରେ କରାଯାଇଥିବା ସଂଶୋଧନ ଅନୁଯାୟୀ, ସରକାରଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ବେଆଇନ ବିଷୟବସ୍ତୁକୁ ସାମାଜିକ ଗଣମାଧ୍ୟମ କମ୍ପାନୀଗୁଡ଼ିକ ମାତ୍ର ୨ରୁ ୩ ଘଣ୍ଟା ମଧ୍ୟରେ ହଟାଇବା ବାଧ୍ୟତାମୂଳକ କରାଯାଇଛି । ପୂର୍ବରୁ ଏହି ସମୟସୀମା ୨୪ରୁ ୩୬ ଘଣ୍ଟା ଥିଲା, ଯାହା କମ୍ପାନୀଗୁଡ଼ିକୁ ଅଭିଯୋଗର ସତ୍ୟାସତ୍ୟ ଏବଂ ଆଇନଗତ ଦିଗକୁ ପରଖିବା ପାଇଁ ସୁଯୋଗ ଦେଉଥିଲା । କିନ୍ତୁ ଏବେ ଏତେ କମ୍ ସମୟ ମଧ୍ୟରେ ହଜାର ହଜାର ନିର୍ଦ୍ଦେଶର ମାନବୀୟ ସମୀକ୍ଷା କରିବା ଅସମ୍ଭବ ହୋଇଥିବାରୁ, ମେଟା କମ୍ପାନୀ ନିଜର ଆପ୍ଲିକେସନ୍ ପ୍ରୋଗ୍ରାମିଂ ଇଣ୍ଟରଫେସ୍ ବା ଏପିଆଇ (API)କୁ ସରକାରଙ୍କ ସହଯୋଗ ପୋର୍ଟାଲ୍ ସହିତ ସିଧାସଳଖ ଯୋଡ଼ି ଦେଇଛି । ଏହାର ଅର୍ଥ ହେଉଛି, ଯେତେବେଳେ କୌଣସି ସରକାରୀ ସଂସ୍ଥା ସହଯୋଗ ପୋର୍ଟାଲରେ କୌଣସି ପୋଷ୍ଟ ବିରୋଧରେ ଅଭିଯୋଗ କରନ୍ତି, ତାହା ମେଟାର ପ୍ଲାଟଫର୍ମରୁ ସ୍ୱୟଂଚାଳିତ ଭାବେ ଡିଲିଟ୍ ବା ବ୍ଲକ୍ ହୋଇଯାଏ । ଏଥିପାଇଁ କମ୍ପାନୀ ପକ୍ଷରୁ କୌଣସି କର୍ମଚାରୀ ସେହି ପୋଷ୍ଟକୁ ପଢ଼ନ୍ତି ନାହିଁ କିମ୍ବା ତାହାର ଆଇନଗତ ବୈଧତା ଯାଞ୍ଚ କରନ୍ତି ନାହିଁ। ଏହି ମେସିନ୍-ଟୁ-ମେସିନ୍ ପ୍ରକ୍ରିୟା ଫଳରେ ସରକାରଙ୍କୁ ବିନା କୌଣସି ପ୍ରତିରୋଧରେ ଡିଜିଟାଲ୍ ବିଷୟବସ୍ତୁ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ମିଳିଯାଇଛି, ଯାହାକି ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଅତ୍ୟନ୍ତ ବିପଜ୍ଜନକ ଅଟେ ।

ଆଇନଗତ ଦୃଷ୍ଟିକୋଣରୁ ବିଚାର କଲେ, ଏହି ବ୍ୟବସ୍ଥା ଆଇଟି ଆଇନର ମୂଳ ଉଦ୍ଦେଶ୍ୟକୁ କ୍ଷୁଣ୍ଣ କରୁଛି । ସାଧାରଣତଃ ଅନଲାଇନ୍ ବିଷୟବସ୍ତୁ ଉପରେ କଟକଣା ଲଗାଇବା ପାଇଁ ଆଇଟି ଆଇନର ଧାରା ୬୯(G)ର ବ୍ୟବହାର କରାଯାଏ, ଯାହାକି ଜାତୀୟ ନିରାପତ୍ତା, ଦେଶର ସାର୍ବଭୌମତ୍ୱ ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା ଭଳି ଗମ୍ଭୀର ପ୍ରସଙ୍ଗରେ ସୀମିତ ଥାଏ । ଏଥିରେ କିଛି ନିର୍ଦ୍ଦିଷ୍ଟ ଆଇନଗତ ପ୍ରକ୍ରିୟା ଏବଂ ସୁରକ୍ଷା ବ୍ୟବସ୍ଥା ରହିଛି । କିନ୍ତୁ ବର୍ତ୍ତମାନ ସହଯୋଗ ପୋର୍ଟାଲ୍ ମାଧ୍ୟମରେ ଦିଆଯାଉଥିବା ଅଧିକାଂଶ ନିର୍ଦ୍ଦେଶ ଆଇଟି ଆଇନର ଧାରା ୭୯(୩)(ବି) ଅଧୀନରେ ଜାରି କରାଯାଉଛି । ଧାରା ୭୯ ହେଉଛି ଏକ 'ସେଫ୍ ହାର୍ବର' (Safe Harbor) ବ୍ୟବସ୍ଥା, ଯାହା ଇଣ୍ଟରନେଟ୍ କମ୍ପାନୀଗୁଡ଼ିକୁ ୟୁଜରମାନଙ୍କ ଦ୍ୱାରା ପୋଷ୍ଟ କରାଯାଇଥିବା ବିଷୟବସ୍ତୁ ପାଇଁ ଆଇନଗତ ଦାୟିତ୍ୱରୁ ସୁରକ୍ଷା ପ୍ରଦାନ କରେ । ସରକାର ଏହି ଧାରାର ଅପବ୍ୟବହାର କରି କମ୍ପାନୀଗୁଡ଼ିକୁ ଧମକ ଦେଉଛନ୍ତି ଯେ, ଯଦି ସେମାନେ ସରକାରୀ ନିର୍ଦ୍ଦେଶ ନ ମାନିବେ, ତେବେ ସେମାନଙ୍କର ଏହି ଆଇନଗତ ସୁରକ୍ଷା ପ୍ରତ୍ୟାହାର କରିନିଆଯିବ । ଇଣ୍ଟରନେଟ୍ ଫ୍ରିଡମ୍ ଫାଉଣ୍ଡେସନ୍ ଭଳି ଡିଜିଟାଲ୍ ଅଧିକାର ସଂସ୍ଥାର କର୍ମୀମାନେ ଏହାକୁ ତୀବ୍ର ସମାଲୋଚନା କରିଛନ୍ତି । ସେମାନଙ୍କ ମତରେ ଏକ ସ୍ୱୟଂଚାଳିତ ଏପିଆଇ ବ୍ୟବସ୍ଥାରେ ଆଇନଗତ ବୈଧତାର କୌଣସି 'ପ୍ରକୃତ ଜ୍ଞାନ' (actual knowledge) ନଥାଏ । କୌଣସି ସରକାରୀ ଅଧିକାରୀ କିମ୍ବା କମ୍ପାନୀ କର୍ମଚାରୀ ଏହାର ସମୀକ୍ଷା କରୁନଥିବାରୁ, ଏହା ଏକ ସର୍ତ୍ତମୂଳକ ଆଇନଗତ ଦାୟିତ୍ୱକୁ ବିନା ସର୍ତ୍ତରେ ପାଳନ କରିବାକୁ ବାଧ୍ୟ କରୁଛି ।

ଏହି ସମଗ୍ର ପ୍ରକ୍ରିୟାରେ ସ୍ୱଚ୍ଛତାର ଘୋର ଅଭାବ ଦେଖାଦେଇଛି, ଯାହାକି ପରିସ୍ଥିତିକୁ ଆହୁରି ଜଟିଳ କରିଦେଉଛି । ଯେତେବେଳେ କୌଣସି ବ୍ୟକ୍ତିଙ୍କର ପୋଷ୍ଟ ବା ଆକାଉଣ୍ଟକୁ ବ୍ଲକ୍ କରାଯାଏ, ତାଙ୍କୁ ଏହାର ପ୍ରକୃତ କାରଣ କିମ୍ବା କେଉଁ ସରକାରୀ ସଂସ୍ଥାର ନିର୍ଦ୍ଦେଶ କ୍ରମେ ଏହା କରାଗଲା, ସେ ବିଷୟରେ କୌଣସି ସୂଚନା ଦିଆଯାଏ ନାହିଁ । ଭାରତରେ ୬୦୦ ନିୟୁତରୁ ଅଧିକ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ଅଛନ୍ତି ଏବଂ ପ୍ରତିଦିନ କୋଟି କୋଟି ପୋଷ୍ଟ ଅପଲୋଡ୍ ହେଉଛି । ଏହା ବିଶ୍ୱର ସର୍ବବୃହତ୍ ବଜାର ହୋଇଥିଲେ ମଧ୍ୟ ଏଠାରେ ଟେକ୍ କମ୍ପାନୀଗୁଡ଼ିକ ସ୍ୱଚ୍ଛତା ଅବଲମ୍ବନ କରୁନାହାନ୍ତି । ଉଦାହରଣସ୍ୱରୂପ, ଇଣ୍ଡୋନେସିଆ ଭଳି ଦେଶରେ, ଯାହାର ୟୁଜର୍ ସଂଖ୍ୟା ଭାରତ ତୁଳନାରେ ଏକ ତୃତୀୟାଂଶରୁ କମ୍, ସେଠାରେ ମେଟା କମ୍ପାନୀ ୨୦୨୫ ମସିହାର ଦ୍ୱିତୀୟାର୍ଦ୍ଧରେ ୨୩ ନିୟୁତରୁ ଅଧିକ ବିଷୟବସ୍ତୁ ହଟାଇଥିଲା ଏବଂ ଅଧିକାଂଶ କ୍ଷେତ୍ରରେ ୟୁଜରମାନଙ୍କୁ ସରକାରୀ ନିର୍ଦ୍ଦେଶ ବାବଦରେ ଅବଗତ କରାଇଥିଲା। କିନ୍ତୁ ଭାରତରେ ଆଇନଗତ ବାଧ୍ୟବାଧକତା ଦର୍ଶାଇ କମ୍ପାନୀଗୁଡ଼ିକ ୟୁଜରମାନଙ୍କୁ କୌଣସି ସୂଚନା ଦେଉନାହାନ୍ତି । ଆମ୍ ଆଦମୀ ପାର୍ଟିର ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ଭଳି ବରିଷ୍ଠ ରାଜନେତାଙ୍କର ଇନଷ୍ଟାଗ୍ରାମ୍ ପୋଷ୍ଟ ମଧ୍ୟ ବ୍ଲକ୍ ହେବା ପ୍ରମାଣିତ କରୁଛି ଯେ, ଏହି ସେନ୍ସରସିପ୍ କେବଳ ସାଧାରଣ ଜନତା ନୁହେଁ ବରଂ ବିରୋଧୀ ସ୍ୱରକୁ ଚାପିଦେବା ପାଇଁ ବ୍ୟବହୃତ ହେଉଛି। ଗଣମାଧ୍ୟମ ସଂସ୍ଥା ଏବଂ ସାମ୍ବାଦିକମାନେ ମଧ୍ୟ ଏହି ନୀତିର ଶିକାର ହେଉଛନ୍ତି, ଯାହାକି ସେମାନଙ୍କୁ ଅନ୍ଧକାରରେ ରଖି ଏକ ଭୟର ବାତାବରଣ ସୃଷ୍ଟି କରୁଛି ।

ପରିଶେଷରେ, ୫ ମାସ ମଧ୍ୟରେ ପାଖାପାଖି ୨ ଲକ୍ଷ ଟେକ୍ ଡାଉନ୍ ନିର୍ଦ୍ଦେଶ ଭାରତରେ ଡିଜିଟାଲ୍ ଏକଛତ୍ରବାଦର ଏକ ଭୟାନକ ଚିତ୍ର ଉପସ୍ଥାପନ କରୁଛି । ଏକ ସୁସ୍ଥ ଗଣତନ୍ତ୍ରରେ ସରକାରୀ ନୀତିର ସମାଲୋଚନା ଏବଂ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିବା ନାଗରିକଙ୍କର ସାମ୍ବିଧାନିକ ଅଧିକାର । ଯଦି ଡିଜିଟାଲ୍ ମାଧ୍ୟମକୁ ସରକାର ଏକ ସ୍ୱୟଂଚାଳିତ ମେସିନ୍ ଜରିଆରେ ନିଜ ନିୟନ୍ତ୍ରଣରେ ରଖନ୍ତି ଏବଂ ବିନା କୌଣସି ମାନବୀୟ ସମୀକ୍ଷାରେ ଲୋକଙ୍କ ସ୍ୱରକୁ ଚାପି ଦିଅନ୍ତି, ତେବେ ବାକ୍ ସ୍ୱାଧୀନତାର କୌଣସି ମୂଲ୍ୟ ରହିବ ନାହିଁ। ତେଣୁ ନ୍ୟାୟପାଳିକା, ସାମାଜିକ ସଂଗଠନ ଏବଂ ଟେକ୍ କମ୍ପାନୀଗୁଡ଼ିକ ଏହି ବ୍ୟବସ୍ଥାର ପୁନର୍ବିଚାର କରିବା ଆବଶ୍ୟକ, ଯାହାଦ୍ୱାରା ଭାରତୀୟ ନାଗରିକଙ୍କର ଡିଜିଟାଲ୍ ଅଧିକାର ସୁରକ୍ଷିତ ରହିପାରିବ ଏବଂ ଇଣ୍ଟରନେଟ୍ କେବଳ ସରକାରୀ ପ୍ରଚାରର ମାଧ୍ୟମ ନ ହୋଇ ପ୍ରକୃତ ଗଣତାନ୍ତ୍ରିକ ଆଲୋଚନାର ମଞ୍ଚ ହୋଇ ରହିବ ।

ଧର୍ମ ପ୍ରବନ୍ଧ

# ସ୍ୱର ପରିବର୍ତ୍ତନର-୫

**କୁମାର ତ୍ରିପାଠୀ**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

**Keep an abslute faith and corfidance in the lord, for every thing, even the most meterial things, and all will be all right- the mother**

ପ୍ରତ୍ୟେକଟି ବିଷୟ, ଏପରିକି ଏକାନ୍ତ ଭୌତିକ ବିଷୟ ସବୁ ନିମିତ୍ତ ଭଗବାନଙ୍କ ଠାରେ ସମ୍ପୂର୍ଣ୍ଣ ଶ୍ରଦ୍ଧା ଓ ଦୃଢ଼ ବିଶ୍ୱାସ ରଖ, ସବୁ କିଛି ଠିକ୍ ହୋଇଯିବ- ଶ୍ରୀମା ।

ଜୀବନର ଚଲାପଥରେ କେତେ ବାଧାକେତେ ବିଘ୍ନ ଏବଂ ତାହାରି ଭିତରେ ମଣିଷ ପେଷି ହେଉ ହେଉ ପରମ ପ୍ରଭୁଙ୍କ ପାଖରେ ଗୁହାରି କରେ । ସେ ଜାଣେନି ପର ମୁହୂର୍ତ୍ତରେ ଯାହା ଘଟିବ ତାହା କିମିତି, କିପରି । ଯଦି ଚାହିଁଥିବା କଥାଟି ଘଟିଯାଏ ତେବେ ମନକୁ ଆସେ ଭଗବାନଙ୍କ ଅନୁକମ୍ପା ତା' ପ୍ରତି ଅଛି, କୃତଜ୍ଞ ହୋଇଉଠେ । ମାତ୍ର ଯଦି ବିପରୀତ ହୁଏ ତେବେ ନିଜ ଭାଗ୍ୟକୁ ହିଁ ନିନ୍ଦେ, ଧର୍ମକୁ ସଂକଟରେ ଦେଖେ । ବିଷାଦଗ୍ରସ୍ତ ମାନବ ଅବସାଦରେ ବୁଡ଼ି ରହି ନିଜକୁ ସୁଧାରିବା ପାଇଁ ପଥ ଖୋଜେ । ଆଉ କେହି କେହି ଭଗବାନଙ୍କୁ ସଂପୂର୍ଣ୍ଣ ନିର୍ଭର କରିଥାନ୍ତି । ଭଲ ହେଲେ 'ତୁ', ମନ୍ଦ ହେଲେ 'ତୁ' । ତୋ ବିନା ଆନ ଗତି କାହିଁ । ମାତ୍ର ସଂଖ୍ୟା କେତେ?

ମାଦାର ମୀରା ଛୋଟ ବେଳୁ ଏକ ପ୍ରକାର ସ୍ୱପ୍ନ ଦେଖୁଥିଲେ ଏ ଧରଣୀର ଆର୍ତ୍ତଜନ ମାନଙ୍କର । ନିଜକୁ ନିଜେ କହୁଥିଲେ, ମୁଁ ଗୋଟେ ଛୋଟ ପୃଥିବୀ ଗଢ଼ିବି ଯେଉଁଠି ଏହି ଲୋକେ ଖାଇବା, ରହିବା ଓ ଆସବାବ ପତ୍ର ଆଦିରେ ବ୍ୟସ୍ତ ରହିବେନି ଫଳରେ ସେଠାରେ ଅବସ୍ଥାନ କରୁଥିବା ବ୍ୟକ୍ତି ବିଶେଷଙ୍କ ପରବର୍ତ୍ତୀ ସମୟରେ କେଉଁ ଦିଗକୁ ଯାଉଛି, ଦିବ୍ୟ ଜୀବନ ପଥରେ ପାଦ ପଡ଼ି ପାରୁଛି କି ନାହିଁ? ପରେ ପଣ୍ଡିଚେରୀ ଶ୍ରୀ ଅରବିନ୍ଦ ଆଶ୍ରମରେ ତାଙ୍କର ଅବସ୍ଥାନ ସାଧକ ସାଧିକାଙ୍କ ସହ । ଯେଉଁଠି ସମସ୍ତଙ୍କ ପାଇଁ ଖାଦ୍ୟ-ପେୟ ଓ କର୍ମ ଯୋଜନା, ସମସ୍ତଙ୍କ ପାଇଁ ପ୍ରସ ପାରିଟି । ଅଭାବ ନାହିଁ, ଅସୁବିଧା ନାହିଁ । ସବୁ କର୍ମ ହିଁ ଭଗବାନଙ୍କ କର୍ମ । ସବୁ ସମୟ ହିଁ ଭଗବାନଙ୍କ ପାଇଁ ସମୟ । **All life is joga,** ଏହା ମା'ଙ୍କ ଗବେଷଣା ଗାର **Education and research.**

ମଣିଷ ଯେଣୁ ଖାଲି ଖାଇ ପିଇ ପଶୁତୁଲ୍ୟ ଜୀବନ ଯାପନ କରିବ ନାହିଁ ବୋଲି ଚାହିଁଲା ସେତେ ବେଳେ ମା' ହୋଇ ସନ୍ତାନକୁ ସହାୟତା ବା ନ ଦିଅନ୍ତେ କିପରି । ତେଣୁ ସେ ଅମରାବତୀ ପୁରର ଦେବ ଭୂମିରୁ ପହଁଞ୍ଚିଲେ ମର୍ତ୍ତ ଭୂମିର ମରଣ ପୁରୀକୁ ।

ତୋଳିବାକୁ ଏ ଧରଣୀ ଅମର ଆଲୋକେ ମର୍ତ୍ତପ୍ରାଣ କରିବାକୁ ରୂପାନ୍ତର ଦେବ ଜୀବନରେ....

ଆଶ୍ରମରେ ସଂଖ୍ୟା ବଢ଼ିଲା । ଶତଶତ ଅଭୀପସୁ ଆଶ୍ରୟ ନେଲେ । ବିଭିନ୍ନ ଡିପାଟମେଣ୍ଟ ଗଢ଼ି ଉଠିଲ । ମା' ସେମାନଙ୍କ ହାତ ଧରି କଢ଼େଇ ନେଲେ ଆଲୋକ ଆଡ଼େ ।

**She held thir hands, she chose for them their paths/ they were moved by her towords great un-known things.**

ଧରିଲେ ସେ ତାଙ୍କ ହାତ, ବାଛିଦେଲେ ତାଙ୍କ ପାଇଁ ପଥ ମହତ, ଅଜ୍ଞାତ ଆଡ଼େ ଗତି ସେମାନଙ୍କ ତାଙ୍କରି କତ୍ତୃତ ।

ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଅନେକ ଛୁଟିଲେ ଶ୍ରୀ ଅରବିନ୍ଦ ଆଶ୍ରମ ପଣ୍ଡିଚେରୀ । ନିଜର ପାଣ୍ଡିତ୍ୟ, ଅଭିଜାତ୍ୟ, ଅର୍ଥର କାରସାଦି, ସମ୍ମାନ, ଘର ଦ୍ୱାର ପିଲା କବିଲା ସହ ବା ଛାଡ଼ି, ପଛକୁ ପକାଇ ଅନୁସନ୍ଧିତ୍ସୁ ମଣିଷ ଦିବ୍ୟ ଜୀବନ ପାଇଁ ପାଇଁ ନିଜକୁ ବ୍ୟାକୁଳ କରି ପକାଇଲା । ଇମିତିକି ଯିଏ ଏପାଖ ସେପାଖ ହେଉଥିଲା, ହଁ ନାହିଁ ଦ୍ୱନ୍ଦ୍ୱ ଭିତରେ ଆଗପଛ ହେଉ ହେଉ ହୁଏତ ହୋଇ ପାରିବ ଭାବି ନିଜ ଅଞ୍ଚଳରେ ଗୋଟାଏ ଗୋଟାଏ କେନ୍ଦ୍ରକଲା । ପାଠଚକ୍ର ଯେ ପ୍ରସ୍ତୁତିର କ୍ଷେତ୍ର ଅନୁଭବକୁ ଆଣିଲା । ତା ପରେ ଶିକ୍ଷା ବ୍ୟବସ୍ଥା । ପୂର୍ଣ୍ଣାଙ୍ଗ ଯୋଗ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷା, ଏହାରି ଭିତରେ ପାଠଚକ୍ରରେ ଯୋଗ ସାଧନା ସହ ପୂର୍ଣ୍ଣାଙ୍ଗ ଶିକ୍ଷା ପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପୁଣି ଗବେଷଣାର ଉତ୍ତମ ବ୍ୟବସ୍ଥା ମଧ୍ୟରେ - କହଇ ମନ ଆରେ ମୋ ବୋଲ କର... ଡୋରୀ ଲାଗିଗଲେ ଆର୍ତ୍ତପ୍ରାଣ ଛଟପଟ ହେଲେ ବି ବ୍ୟବସ୍ଥାଟିକୁ ଧରି ରଖିବାରେ ପ୍ରଚେଷ୍ଟା କଲା । ଏବଂ ସେହି ପ୍ରକାର ଅନୁଭବରେ ବିଭିନ୍ନ ପାଠଚକ୍ର ଧୂପ, ଦୀପ, ଧୂଣାର ମହକରେ ମା' ଓ ପ୍ରଭୁଙ୍କ ଆବାହନ କଲା । 'ଏଇ ଭାରତ ବର୍ଷ ଆବିର୍ଭୁତ ହୁଅ, ପ୍ରକାଶ ହୁଅ । ପ୍ରଭୁ ଶ୍ରୀ ଅରବିନ୍ଦ କହନ୍ତି ଯିଏ କେବଳ ଆତ୍ମଦାନ କରି 'ମା'ଙ୍କୁ ପ୍ରକୃତରେ ଭଲ ପାଇପାରେ ତେବେ ସେ ତାହାକୁ ସିଦ୍ଧିର ପଥରେ ଆଗେଇ ନେଇ ଭଗବାନଙ୍କ ନିକଟରେ ପହଁଞ୍ଚାଇ ଦିଅନ୍ତି । **Her love enveloping you and carrying you in its arms god words.** ଯଦି ଜଣେ ଅଣ କୌଣସି ଇଷ୍ଟ ଦେବତାଙ୍କୁ ଭକ୍ତି କରୁଥାଏ, ସେଥିରେ ବି କୌଣସି ବାଧାନାହିଁ । ମା'ଙ୍କ ଉପରେ ନିର୍ଭର କରି ରହିଲେ ମା' ତୁମକୁ ତାଙ୍କ ପାଖରେ ପହଞ୍ଚାଇ ଦେବେ ।

ଯାହାକୁ ସେ ଆଶ୍ରୟ ଦିଅନ୍ତି ତାକୁ ସେ ସର୍ବଦା ରକ୍ଷା କରନ୍ତି । ତାଙ୍କର ଅଦୃଶ୍ୟ ଉପସ୍ଥିତି ସର୍ବଦା ତା' ସାଙ୍ଗରେ ଥାଏ । ମା' କହନ୍ତି 'ଯେତେବେଳେ ତୁମ୍ଭେମାନେ ମୋତେ ଡାକ ଏବଂ ମୁଁ ତାହା ଜାଣିବା ପ୍ରୟୋଜନ ହୁଏ, ଯଦ୍ୱାରା ମୁଁ କୌଣସି ସାହାଯ୍ୟ ପଠାଇ ପାରେ । ସେତେବେଳେ ସେହି ଖବର ମୋ ପାଖରେ ପହଞ୍ଚି ଯାଏ ଏବଂ ଯାହା କରିବାର ତାହା ମୁଁ କରେ । +++ ଜଡ଼ର ପଶ୍ଚାତରେ ରହିଛି ଯେଉଁ ପ୍ରାଣ, କୁତ୍ସିତତାର ପଶ୍ଚାତରେ ଯେଉଁ ସୌନ୍ଦର୍ଯ୍ୟ, ତୃଣର ପଶ୍ଚାତରେ ଯେଉଁ ଚେତନା, ଫୁଲର ପଶ୍ଚାତରେ ଯେଉଁ ହସ, ଦୁଃଖ, ଶୋକର ପଶ୍ଚାତରେ ଯେଉଁ ରହସ୍ୟ ଅସମ୍ଭବର ପଶ୍ଚାତରେ ଯେଉଁ ସମ୍ଭାବନା ସେସବୁ ସ୍ପଷ୍ଟ ହୋଇ ଉଠିବ । ତାହାହିଁ ହେବ ଜଣକ ଜୀବନର ସର୍ବୋତ୍ତମ ଆବିଷ୍କାର । ତାହା କୌଣସି ଶିକ୍ଷା, ଦୀକ୍ଷା ଉପରେ ନିର୍ଭର କରେ ନାହିଁ । ଦୁଃସ୍ଥ, ଦରିଦ୍ର, ହତଭାଗ୍ୟ, ଅଶିକ୍ଷିତ ସେଥିରେ କିଛି ଫରକ ପଡ଼େନି । ଭିତରର ପ୍ରସ୍ତୁତି, ମା'ଙ୍କ ପ୍ରତି ନିର୍ଭରତା, ବିଶ୍ୱାସ ଓ ସର୍ମପଣ ଜଣକର ଆସ୍ଥାହେବା ପ୍ରଥମ କଥା ଏବଂ ତାହାହିଁ ମା'- ଏହି ନାମ ଜପରୁ ଅଙ୍କୁରିତ ହୁଏ । ମା' କହନ୍ତି ଅନ୍ଧାକାରକୁ ଭୟ କର ନାହିଁ, କୃଷ୍ଣ ଅନ୍ଧକାର ମଝିରେ ହିଁ ଜଳିବ ମା'ଙ୍କର ଶୁଭ୍ର ଆଲୋକ । ଦୁର୍ଭାଗ୍ୟକୁ ଭୟକର ନାହିଁ ତାହାରି ପଶ୍ଚାତରେ ହିଁ ଲୁଚି ରହିଛି ସୌଭାଗ୍ୟ । **Dont give way, hold tight. itis when ev-ery thing seems lost that all is saved.** ଟିକିଏ ଶିଥିଳ ହୁଅ ନାହିଁ, ଶକ୍ତ କରି ଧର, ଯେତେ ବେଳେ ସବୁକିଛି ହରାଇଲା ଭଳ ମନେ ହେଉଛି ସେତିକି ବେଳେ ହିଁ, ଜାଣିବ ଯେ ସେସବୁ କିଛି ହିଁ ତୁମର ସୁରକ୍ଷିତ ହୋଇଛି। ଜୀବନ ସବିଶେଷ ଶିକ୍ଷା ଏହି ଯେ ଜଗତର ସମସ୍ତ ବିଷୟ ଜଣକୁ ବିନା ବ୍ୟତି କ୍ରମରେ ଶେଷକୁ ନିରାଶ କରିପାରେ କିନ୍ତୁ ଭଗବାନଙ୍କ ଦିଗକୁ ଯାହାର ନିଜର ତା'ଠାରେ ନୈରାଶ୍ୟର ପ୍ରଶ୍ନ ନାହିଁ । ନିଜ ଉପରେ ନିର୍ଭରତାକୁ ବାଦ ଦେଇ ମା'ଙ୍କ ଉପରେ ଏକାନ୍ତ ନିର୍ଭର ହେବା । ପ୍ରଭୁଙ୍କ ବକ୍ତବ୍ୟ **He who choses the infinite. has beer chosen by the infinite.** ଜଣେ ଯଦି ଭଗବାନଙ୍କୁ ବାଛି ନେଇଥାଏ ତାହେଲେ ଜାଣିବ ଭଗବାନ ତାହାକୁ ହିଁ ବାଛି ନେଇଛନ୍ତି । ମନକୁ ସବୁ ଦିଗରୁ ନୀରବ କରି, ଅଚଞ୍ଚଳ ରହି, ସମସ୍ତ ଆକର୍ଷଣକୁ ଶିଥିଳ କରି ଅନ୍ତରର ଚିନ୍ତା ପାତ୍ରଟିକୁ ମା'ଙ୍କ ଆଡ଼କୁ ଖୋଲି ଧରିଲେ ମା'ଙ୍କ ଆଶୀର୍ବାଦର ମୁକ୍ତା ହିଁ ଝରି ପଡ଼ିବ । ନିଜକୁ ସାଧା କାଗଜ କରି ମା'ଙ୍କୁ ଧରାଇ ପାରିଲେ ସେଥିରେ ତାଙ୍କର ଶୁଭ ଆଶୀର୍ବାଦର ହସ୍ତାକ୍ଷର କେବଳ ଶୋଭାବର୍ଦ୍ଧନ କରିବ । ଏହା ମୀରା (ମା)ଙ୍କ ଜୀବନର ସବିଶେଷ ଆଲେଖ୍ୟ, ସ୍ୱର ପରିବର୍ତ୍ତନର । (କ୍ରମଶଃ)

+ମୋ: ୯୪୩୮୨୩୨୬୦୦

# ପରଂବ୍ରହ୍ମଙ୍କ ନିମଦାରୁ ମୂର୍ତ୍ତିର ମହତ୍ତ୍ୱ



**ଇଂ. ଶୁଭେନ୍ଦୁ ମୋହନ ସୁବୁଦ୍ଧିରାୟ**

ଧର୍ମ ଦିଗରୁ ଜଗନ୍ନାଥ ଯେପରି ଶ୍ରେଷ୍ଠ ଦେବତା - ଜଗତର ନାଥ, ସାମାଜିକତା ଦୃଷ୍ଟିରୁ ସେ ଯେପରି ଦୀନ ଜନତାର ବନ୍ଧୁ- ଦୀନବନ୍ଧୁ ଓ ଜଗବନ୍ଧୁ, ସାମ୍ପ୍ରତିକ ଆନ୍ତର୍ଜାତିକ ବିଚାରରେ ସେ ସେହିଭଳି ବିଶ୍ୱ ଭାତୃତ୍ୱର ପ୍ରତୀକ। ଅନ୍ୟ କୌଣସି କାଷ୍ଠରେ ନିର୍ମିତ ନ ହୋଇ ଠାକୁରଗଣ ନିମ କାଷ୍ଠରେ ନିର୍ମିତ ହେବା ଏହି ବିଶ୍ୱ ଭ୍ରାତୃତ୍ୱର ସଙ୍କେତ ବହନ କରେ। କାରଣ ନିମକାଷ୍ଠ, ମୈତ୍ରୀ ପ୍ରୀତିର ପ୍ରତୀକ। ମଳୟ ସ୍ପର୍ଶରେ ଏହା 'ମହାସୌରଭ' ବିତରଣ କରିଥାଏ ଏବଂ ଏହା ଯେତିକି ପୁରୁଣା ହୁଏ, ସେତିକି ମଧୁର ସ୍ୱାଦଯୁକ୍ତ ହୁଏ। ଗୀତାର ପୁରୁଷୋତ୍ତମ ଯୋଗ, ଶାବରତନ୍ତ୍ର ଓ ରାଧିକା ସହସ୍ରନାମ ପ୍ରଭୃତି ପ୍ରାଚୀନ ଶାସ୍ତ୍ରରୁ ନିମଦାରୁର ଶ୍ରେଷ୍ଠତ୍ୱ ପ୍ରତିପାଦିତ। ଏହା ପ୍ରୀତିପ୍ରଦ ମୈତ୍ରୀବୃକ୍ଷ ତଥା 'ଦେବଦାରୁ' ରୂପେ ଗୃହୀତ। ଏହି ପ୍ରୀତିପ୍ରଦାୟକ ନିମଦାରୁ ବିଶ୍ୱ ମୈତ୍ରୀର ସଙ୍କେତ ବହନ କରେ।

ରୂପ ଓ ଅରୂପ, ସଗୁଣ ବହ୍ମ ଓ ନିର୍ଗୁଣ ବ୍ରହ୍ମ ଏବଂ ସାକାର ଓ ନିରାକାର ସମ୍ଭୂତ ଅଚିନ୍ତ୍ୟ ରୂପ ଓ ବିଚିତ୍ର ଆକୃତସମ୍ପନ୍ନ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀଜଗନ୍ନାଥ, ସୁଭଦ୍ରା, ବଳଭଦ୍ର ଓ ସୁଦର୍ଶନଙ୍କ ମୂର୍ତ୍ତିରୂପରେ ତାତ୍ତ୍ୱିକ ମହତ୍ତ୍ୱ ବାସ୍ତବିକ ଅତି ରହସ୍ୟମୟ। ସେ 'ନିରାକାର ଜ୍ୟୋତିର୍ମୟ', ସେ 'ସହସ୍ରାଶୀର୍ଷା ବିରାଟ ପୁରୁଷ', 'ଯଜ୍ଞ-ନୃସିଂହ' (ଯଜ୍ଞେଶ୍ୱର ବା ଯଜ୍ଞ ପୁରୁଷ), ନୀଳାଖ୍ୟ ମୂର୍ତ୍ତି ବା ନୀଳମାଧବ। ପ୍ରାଚୀନ କାଳରେ ପ୍ରଥମାବସ୍ଥାରେ ନିର୍ଗୁଣ ଓ ନିରାକାର ଜ୍ୟୋତିର୍ମୟ, ବ୍ରହ୍ମ ଯେତେବେଳେ ମୁନି, ଋଷି, ଅବତାରୀ ପୁରୁଷ ଓ ଦେବତାମାନଙ୍କ ଦ୍ୱାରା ଉପାସିତ ହେଉଥିଲେ, ସେ ସମୟରେ ସେହି ନାରାୟଣ ଜ୍ୟୋତି ଅପୌରୁଷେୟ ପରଂବ୍ରହ୍ମଙ୍କ କୌଣସି ରୂପ ବା ଆକୃତି ନଥିଲା କିମ୍ବା କୌଣସି ମନ୍ଦିରର ଗମ୍ଭୀରା ବା ଦେଉଳ ମଧ୍ୟରେ ସ୍ଥାପିତ ହୋଇନଥିଲେ। ସେ ଥିଲେ କେବଳ ଜ୍ୟୋତିର୍ମୟ, ଏକ ଜ୍ୟୋତିଃ ପ୍ରକାଶନ ବସ୍ତୁ। ତାଙ୍କୁ ଜ୍ୟୋତି ପ୍ରକାଶୋ ଭଗବାନ ସାକ୍ଷାତ ନାରାୟଣ ପ୍ରଭୁ' ରୂପେ ଗ୍ରହଣ କରାଯାଉଥିଲା।

ଶ୍ରୀଜୀଉମାନଙ୍କର ଯେଉଁ ନବକଳେବର ଅନୁଷ୍ଠିତ ହୁଏ, ତାହା ସାଧାରଣ ନିମଦାରୁରେ ହୋଇନଥାଏ। ସେଥିପାଇଁ କାକଟପୁର ମଙ୍ଗଳାଙ୍କ ସ୍ୱପ୍ନାଦେଶ ପ୍ରକାରେ ବିଶେଷ ନିମ ବୃକ୍ଷର ସନ୍ଧାନ କରିବାକୁ ପଡ଼ିଥାଏ, ଯେମିତି ତାହା ଚତୁର୍ଶାଖ ବିଶିଷ୍ଟ ହୋଇଥିବ, କୌଣସି ମଠ, ମନ୍ଦିର, ଉଈହୁଙ୍କା, ନଦୀ, ଶ୍ମଶାନ ବା ସର୍ପବିଳ ନିକଟରେ ଥିବ, ମଧମାଙ୍ଗୁଷ୍ଠରେ ଅନ୍ୟୁନ ୯୬ ଯବମାପର ପ୍ରାୟ ଅଢ଼େଇ ମିଟର ଚୌରସ ହୋଇଥିବ, ଅନ୍ୟ ବୃକ୍ଷର ଡାଳ ସ୍ପର୍ଶ କରିନଥିବ, ବଜ୍ରାଘାତ, ଅସ୍ତ୍ରାଘାତ ବା ପକ୍ଷୀବସା ନଥିବ ଏବଂ ଶଙ୍ଖ, ଚକ୍ରାଦି ଦିବ୍ୟ ସଙ୍କେତ ଦୃଶ୍ୟମାନ ହେଉଥିବ। ବନଯାଗ ଓ ପୂଜା ପ୍ରକରଣାଦି ପରେ କ୍ରମାନ୍ୱୟରେ ସ୍ୱର୍ଣ୍ଣ, ରୌପ୍ୟ ଓ ଲୌହ କୁରାଢ଼ି ଦ୍ୱାରା ଛେଦନ କରି ବର, ତିନ୍ତୁଳି ବା କେନ୍ଦୁ କାଷ୍ଠରେ ନିର୍ମିତ ସ୍ୱତନ୍ତ୍ର ଶଗଡ଼ରେ ତାହା ମନୁଷ୍ୟଙ୍କ ଦ୍ୱାରା ଟଣାଯାଇ ଅଣାଯାଇଥାଏ। ପରେ ବିଧିମୁତାବକ ଜଗନ୍ନାଥ, ବଳଭଦ୍ର ଓ ସୁଦର୍ଶନଙ୍କର ୮୪ ଯବ ଉଚ୍ଚତା ବିଶିଷ୍ଟ ଓ ସୁଭଦ୍ରାଙ୍କର ସାଢ଼େ ୫୨ ଯବ ଉଚ୍ଚ ମୂର୍ତ୍ତି ନିର୍ମାଣ କରାଯାଇଥାଏ। ଜଗନ୍ନାଥଙ୍କ ରୂପ ଚକ୍ରାକୃତି, ବଳରାମଙ୍କ ଶଙ୍ଖାକୃତି, ସୁଭଦ୍ରାଙ୍କର ପଦ୍ମାକୃତି ଓ ସୁଦର୍ଶନଙ୍କର ଗଦାକୃତି ତଥା ବସ୍ତ୍ର, ନେତ, ଅର୍କ, ଚନ୍ଦନାଦି ଉପକରଣ ଅସ୍ଥି, ଚର୍ମ, ରକ୍ତ, ମାଂସ ଓ ମଜ୍ଜାର ପ୍ରତୀକ ରୂପେ ଗୃହୀତ।

ଆମର ଜୀବ ଓ ଜଡ଼ ଜଗତ ଯେ ଅଦୃଶ୍ୟ ବ୍ରହ୍ମର ପ୍ରକାଶ୍ୟ ଶକ୍ତିରୂପ ଏବଂ ବ୍ରହ୍ମ ଓ ବ୍ରାହ୍ମଣ୍ଡ ମଧ୍ୟରେ ଆତ୍ମା ଓ ଶରୀରର ସଂପର୍କ ନିହିତ, ଏହା ହିଁ ଦାରୁମୟ ପରଂବ୍ରହ୍ମଙ୍କ କିୟାତ୍ମକ ଓ ନିୟାମକ ଶକ୍ତି ତଥା ସୃଷ୍ଟିର ଗତିଶୀଳତାର ପରିଚାୟକ। ଏଥିପାଇଁ, ଶ୍ରୀକ୍ଷେତ୍ର ବ୍ରହ୍ମବାଦୀଙ୍କର ବୈକୁଣ୍ଠ, ସାଧୁ ସନ୍ଥଙ୍କର ଲୀଳାଭୂମି, ସିଦ୍ଧ ସାଧକଙ୍କ ତପୋସ୍ଥଳ, ସମସ୍ତ ସଂପ୍ରଦାୟର ଭକ୍ତଜନଙ୍କର ଶ୍ରେଷ୍ଠ ତୀର୍ଥକ୍ଷେତ୍ର। ସର୍ବୋପରି, ସଂସାରୀ ମାନଙ୍କର ଏହା ପ୍ରିୟ ଶ୍ରଦ୍ଧାଧାମ, ମୋକ୍ଷ ମାର୍ଗର ମୁଖ୍ୟଦ୍ୱାର। ସ୍କନ୍ଦ ପୁରାଣ ଭାଷାରେ - 'ଦେବଦେବ ଜଗନ୍ନାଥ ସର୍ବତୀର୍ଥ ପ୍ରବର୍ତ୍ତକଃ, ସର୍ବତୀର୍ଥମୟଶ୍ଚାପି ସର୍ବଦେବମୟ ପ୍ରଭୋ। କିଂ ବ୍ରତେ କିଂ ତପୋଦାନେ କିଂ କୃଚ୍ଛେ କ୍ରତୁଭିସ୍ତଥା,



କିମଷ୍ଟାଙ୍ଗ ଯୋଗେନ କିଂ ସାଂଖ୍ୟେନ ପରେଣଚ, ତୀର୍ଥରାଜ ଜଳେ ସ୍ନାତ୍ୱା କ୍ଷେତ୍ର ଶ୍ରୀ ପୁରୁଷୋତ୍ତମେ, ନ୍ୟଗ୍ରୋଧମୂଳ ବସତୋ ବସନ୍ତ ଧର୍ମଚକ୍ଷୁଷା, ଦୃଷ୍ଟ୍ୱା ଦାରୁମୟ ବ୍ରହ୍ମଂ ଦେହବନ୍ଧାତ ପ୍ରମୁଚ୍ୟତେ।'

ଏହାର ସାରମର୍ମ ହେଲା - ଶ୍ରୀଜଗନ୍ନାଥ ସର୍ବଦେବମୟ, ସେ ଦେବତାମାନଙ୍କର ଦେବତା, ସେ ସର୍ବତୀର୍ଥ ପ୍ରବର୍ତ୍ତକ, ସର୍ବତୀର୍ଥମୟ। ଏଣୁ ରୋଗ, ଶୋକ, ସନ୍ତାପ ଜର୍ଜରିତ ସଂସାର ସାଗରରେ ଉବୁଟୁବୁ ହେଉଥିବା ପ୍ରାଣୀଗଣ ଏହି ଚିରବସନ୍ତ ବିରାଜତି ମର୍ତ୍ତ୍ୟର ଅମରାବତୀ ଧାମରେ ସରିତ, ସାଗର, ସରୋବର ସର୍ବତ୍ର ପରିବ୍ୟାପ୍ତ ପବିତ୍ର ତୀର୍ଥଜଳରେ ସ୍ନାନ ପୂର୍ବକ ସ୍ୱଚକ୍ଷୁରେ ଦାରୁମୟ ବ୍ରହ୍ମଙ୍କୁ ଅବଲୋକନ କରି ଦୈହିକ ବନ୍ଧନରୁ ଅକ୍ଳେଶରେ ମୁକ୍ତିଲାଭ କରିପାରିବେ। ଏଥିପାଇଁ ଜପ, ତପ, ଧ୍ୟାନ, ଧାରଣା, ଦାନ, ଯୋଗାସନ, ବ୍ରତୋପାସନାଦି କୃଚ୍ଛ ସାଧନାର କୌଣସି ପ୍ରୟୋଜନ ନାହିଁ। ଏଥିପାଇଁ ଭକ୍ତକବି ରାମଦାସ 'ଦାର୍ଢ୍ୟତାଭକ୍ତି ରସାମୃତ'ରେ ଭକ୍ତ ରଘୁଦାସ ପ୍ରସଙ୍ଗରେ ଲେଖିଛନ୍ତି - 'ଧୂଳିଆ ପହଣ୍ଡେ ଦର୍ଶନ। କଲା ସେ ପ୍ରଭୁ ଭଗବାନ।। ବୋଇଲା ଆହେ ମହାବାହୁ। ଶରଣ ପଞ୍ଜର ବୋଲାଉ।। ତୋ ରୂପ କରିବି ଦର୍ଶନ। ତୋ ନାମ କରିବି ଗାୟନ।।' ଅନ୍ୟତ୍ର, ଭକ୍ତ ବଳରାମ ଦାସଙ୍କ ସଂପର୍କରେ କବିଙ୍କ ଭାଷାରେ ପ୍ରଭୁ ଜଗନ୍ନାଥଙ୍କ ଭକ୍ତି ହେଉଛି - 'ମୋର ଭକତ ଯେଉଁ ଜନ, ମୋହର ନାମ କରେ ଗାନ। ସେ କେବେ ଅଶୁଚି ନୁହଇ, ସର୍ବଦା ଶୁଚିମନ୍ତ ଦେହୀ।' ଏଠାରେ କହିବା ବାହୁଲ୍ୟ ଯେ ଭକ୍ତବତ୍ସଳ ଭଗବାନ ସରିତ-ସାଗର, ଗିରି-କନ୍ଦର, ତରୁଲତା, ପ୍ରାସାଦ-ଉଦ୍ୟାନ ବା ମଠ-ମନ୍ଦିରର ରତ୍ନବେଦୀ ଅପେକ୍ଷା ଭକ୍ତର ହୃଦୟ-ସିଂହାସନରେ ବିରାଜମାନ କରିବା ଲାଗି ସର୍ବଦା ଅଧିକ ଆଗ୍ରହୀ ହୋଇଥାନ୍ତି।

+ଲିଙ୍ଗାପଡ଼ା,
ଧବଳେଶ୍ୱର, କଟକ,
ମୋ: ୯୭୭୮୪୪୯୧୧୯




## ହଁ ସେ ଗୋଟେ ନାରୀ

**ଶୁଭଶ୍ରୀ ସାହୁ**

ହଁ ସେ ଗୋଟେ ନାରୀ...
କାହା ପଞ୍ଜୁରୀର ସେ ବନ୍ଦୀ ହୋଇରହିଥିବା ଶାରୀ
ନିଜ ସତୀତ୍ୱକୁ ରକ୍ଷା କରି ତା ଜୀବନଟା ଯାଏ ସରି
ପରିବାରର ଖୁସିରେ ତା ମନ ଯାଏ ଭରି
କେବେ ଥକି ପଡେନି ସତେ ଯେମିତି
ଗୋଟେ ମେସିନ ପରି
ହଁ ସେ ଗୋଟେ ନାରୀ....

କାହା ପାଇଁ ସେ ସପନର ରାଣୀ ତ
କାହା ପାଇଁ ଘରର ଚାକରାଣୀ
କିଏ କିଏ କୁହନ୍ତି ସିଏ ସାକ୍ଷାତ୍ ମା ଲକ୍ଷ୍ମୀଙ୍କ ପରି
ଆଉ କେବେ କିଏ ପୁଣି କୁହେ
ଏଟା ମା ପେଟରୁ ଗଲାନି ମରି
ହଁ ସେ ଗୋଟେ ନାରୀ....

ସ୍ନେହ, ମମତା ସହ ଧର୍ଯ୍ୟର ଭାର ଧରି
କଷ୍ଟ ହେଲେ ବି କହେନି ସେ କେବେ ରାଗି କରି
ସବୁ ସହି କେବେ ପାରେନି ପ୍ରତିବାଦ କରି
ଯେମିତି ରକ୍ତ ମାଂସରେ ଗଢା ପଥରଟି ପରି
ହଁ ସେଥି ପାଇଁ ସେ ବୋଧେ ନାରୀ....

+ସୁନାଇଲୋ,
ନିଶ୍ଚିନ୍ତକୋଇଲି, କଟକ

## ଅସଲ ବେଳ

**ମୋହନ କୁମାର ସ୍ୱାଇଁ**



ମସିଣାରେ ପଡ଼ି ମସୁଧା ଖୋଜିଲେ
ମହାର୍ଘ ମହକ ଆସେନି ଫେରି
ଦେହେ ମନ୍ଦାକିନୀ ସଲିଲ ମାରିଲେ
ପୁଣ୍ୟ ଚଇତନ ଯାଏନି ଭରି।

ଭୂଷଣ ଭାଷଣ ବୈରାଗୀ ସମାନ
ଆଚରଣ କଲେ ବଜାଇ ଭେରି
ଭବ ସାଗରର ନିୟତି ମୁଠାରୁ
ସଂସାର ସାଗର ହୁଏନି ତରି। ।

ସମ୍ମୁଖ ପଶ୍ଚାତ ଘୁରି ବୁଲୁଅଛି
ଚକାଆଖି ବୃତ୍ତ ବଳୟ କରି
ବୃତ୍ତରୁ ବାହାରି ବସନ୍ତ ମଳୟ
ଖୋଜିଲେ କୁଆଡୁ ପାରିବ ଧରି ?

କରମର ଫଳ ସୁଆଦ ଲାଗଇ
ତୃପ୍ତିର ପସରା ସେଇଠି ଅଛି
ବିଳମ୍ବ ହେଲେବି ପ୍ରାପତ ହୁଅଇ
ଊଣା ହୁଏନାହିଁ ତହିଁରୁ କିଛି ।

ମନ୍ଦିରେ ସନ୍ଧିରେ, ପଙ୍କ ଗଡିଆରେ
ଆତ୍ମଗୋପନରେ ରହିଛି କାଳ
ବାଛି ନେବ କଞ୍ଚା ରଖିବ ପାଚିଲା
ଉପଗତ ହେଲେ ଅସଲ ବେଳ ।

+ବେଣାପୁର କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୧୮୦୯୯୦୩୮

# ୧୦ ମିନିଟରେ ପ୍ରସ୍ତୁତ କରନ୍ତୁ ସାଦିଷ୍ଟ ସୁଜି ଉତ୍ତପମ: ସକାଳ ଜଳଖିଆ ପାଇଁ ପରଫେକ୍ଟ ରେସିପି



ପ୍ରତିଦିନ ସକାଳ ଜଳଖିଆରେ ସେହି ଏକା ପ୍ରକାର ଖାଦ୍ୟ ଖାଇ ଯଦି ବିରକ୍ତ ହୋଇପଡ଼ିଛନ୍ତି, ତେବେ ଆଜି ଆମେ ଆପଣଙ୍କ ପାଇଁ ଆଣିଛୁ ଏକ ସ୍ୱାଦିଷ୍ଟ, ପୌଷ୍ଟିକ ଓ ଶୀଘ୍ର ପ୍ରସ୍ତୁତ ହୋଇଯାଉଥିବା ଦକ୍ଷିଣ ଭାରତୀୟ ବ୍ୟଞ୍ଜନ ସୁଜି ଉତ୍ତପମ । ମାତ୍ର କିଛି ସାଧାରଣ ସାମଗ୍ରୀରେ ଘରେ ଖୁବ ସହଜରେ ପ୍ରସ୍ତୁତ କରିହେବ ଏହି ଖାଦ୍ୟ । ଏଥିରେ ମିଶିଥିବା ବିଭିନ୍ନ ପନିପରିବା ଏହାର ସ୍ୱାଦ ସହ ପୌଷ୍ଟିକତାକୁ ମଧ ବଢ଼ାଇଥାଏ।

*ସୁଜି ଉତ୍ତପମ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ—*

ଏକ କପ୍ ସୁଜି, ପ୍ରାୟ ତିନି-ଚତୁର୍ଥାଂଶ କପ୍ ଦହି, ଗୋଟିଏ ବାରିକ କଟା ଟମାଟୋ, ଅଧା କପ୍ ବାରିକ କଟା ବନ୍ଧାକୋବି, ଚତୁର୍ଥାଂଶ କପ୍ କ୍ୟାପ୍ସିକମ୍, ଗୋଟିଏ କଞ୍ଚା ଲଙ୍କା, ଅଳ୍ପ ଅଦା କୋରା, ଧନିଆ ପତ୍ର, ସ୍ୱାଦ ଅନୁସାରେ ଲୁଣ, ଚିମୁଟାଏ ବେକିଂ ସୋଡା ଏବଂ ସେକିବା ପାଇଁ ତେଲ । ନିଜ ପସନ୍ଦ ଅନୁସାରେ ଗାଜର, ପିଆଜ କିମ୍ବା ଅନ୍ୟ ପନିପରିବା ମଧ ମିଶାଇ ପାରିବେ । ପ୍ରଥମେ ଏକ ପାତ୍ରରେ ସୁଜି ଓ ଦହିକୁ ଭଲଭାବେ ମିଶାନ୍ତୁ । ଆବଶ୍ୟକ ଅନୁସାରେ ପାଣି ମିଶାଇ ପକୁଡ଼ି ଘୋଳ ଭଳି ବ୍ୟାଟର ପ୍ରସ୍ତୁତ କରନ୍ତୁ । ପରେ ସେଥିରେ ଲୁଣ, ଅଦା, କଞ୍ଚା ଲଙ୍କା ମିଶାଇ ପ୍ରାୟ ୧୫ ମିନିଟ୍ ଢାଙ୍କି ରଖନ୍ତୁ, ଯାହାଦ୍ୱାରା ସୁଜି ଭଲ ଭାବରେ ଫୁଲିଯିବ । ଏହି ସମୟରେ ଟମାଟୋ, ବନ୍ଧାକୋବି, କ୍ୟାପ୍ସିକମ୍ ଓ ଧନିଆ ପତ୍ରକୁ ବାରିକ କାଟି ରଖନ୍ତୁ । ୧୫ ମିନିଟ୍ ପରେ ବ୍ୟାଟରରେ ଚିମୁଟାଏ ବେକିଂ ସୋଡା ମିଶାନ୍ତୁ । ଯଦି ଘୋଳ ଅଧିକ ଗାଢ଼ ଲାଗେ, ତେବେ ଅଳ୍ପ ପାଣି ମିଶାଇ ସଠିକ୍ ଘନତାକୁ ଆଣନ୍ତୁ । ଏବେ ଏକ ନନ୍-ଷ୍ଟିକ୍ ତାୱାକୁ ମଧମ ଆଞ୍ଚରେ ଗରମ କରି ଅଳ୍ପ ତେଲ ଲଗାନ୍ତୁ । ଗୋଟିଏ କରଛୁଲି ବ୍ୟାଟର ତାୱା ଉପରେ ଢାଳି ହାଲୁକା ହାତରେ ଗୋଲାକାରରେ ପ୍ରସାରିତ କରନ୍ତୁ । ତା' ଉପରେ କଟା ପନିପରିବା ସମାନ ଭାବରେ ପକାଇ ହାଲୁକା ଚାପି ଦିଅନ୍ତୁ । ଚାରିପାଖରେ ଅଳ୍ପ ତେଲ ଦେଇ ଦୁଇ ପାର୍ଶ୍ୱକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ସେକନ୍ତୁ । ପ୍ରସ୍ତୁତ ହୋଇଗଲା ଗରମାଗରମ ସୁଜି ଉତ୍ତପମ । ଏହାକୁ ନଡ଼ିଆ ଚଟଣି, ସାମ୍ବର କିମ୍ବା ଗ୍ରୀନ୍ ଚଟଣି ସହ ପରଷନ୍ତୁ । ସ୍ୱାଦ ସହ ସ୍ୱାସ୍ଥ୍ୟର ମଧ ଭରପୂର ଯତ୍ନ ନେଉଥିବା ଏହି ଜଳଖିଆ ବ୍ୟସ୍ତ ସକାଳ ପାଇଁ ଏକ ଉତ୍ତମ ବିକଳ୍ପ ।

# ଚଟାଣ ସଫାବେଳେ ବ୍ୟବହାର କରନ୍ତୁ ଏହି କ୍ଲିନର : ଗୋଟିଏ ସଫାରେ ହେବ ଜୀବାଣୁମୁକ୍ତ



ଆପଣ ଅନେକ ସମୟରେ ପାଣିରେ ଫିଲାଇଲ ମିଶାଇ ଘର ପୋଛୁଥିବେ । କିନ୍ତୁ ଆପଣ ନଜର କରିଥିବେ ଯେ କେତେକ ସମୟରେ, ସମ୍ପୂର୍ଣ୍ଣ ସଫା କରିବା ପରେ ମଧ, ଚଟାଣରେ ଦାଗ ସେମିତି ଥାଏ ବା ଭଲ ଭାବେ ସଫା ହୋଇପାରିନଥାଏ । ଯଦି ଆପଣ ଚାହାଁନ୍ତି ଯେ ଆପଣଙ୍କ ଘର କେବଳ ସଫା ନୁହେଁ ବରଂ ଜୀବାଣୁମୁକ୍ତ ମଧ ହେଉ, ତେବେ ପାଣିରେ କିଛି ସରଳ ଘରୋଇ ଉପାଦାନ ମିଶାଇବା ଦ୍ୱାରା ଏକ ବଡ଼ ପରିବର୍ତ୍ତନ ଆସିପାରେ। ଏହି ଉପାଦାନଗୁଡ଼ିକ ମହଙ୍ଗା କ୍ଲିନରକୁ ମଧ ପଛରେ ପକାଇଦେଇପାରେ । ଯଦି ଆପଣଙ୍କ ଚଟାଣରେ ଦାଗ, ଗ୍ରୀସ୍ କିମ୍ବା ମଇଳା ଲାଗି ଛାଡୁନଥାଏ, ତେବେ ଧଳା ଭିନେଗାର ବହୁତ ଉପଯୋଗୀ ହୋଇପାରେ। ଏହା ଏକ ପ୍ରାକୃତିକ କ୍ଲିନର ଭାବରେ କାର୍ଯ୍ୟ କରେ ଏବଂ ମଇଳା ଦୂର କରିବାରେ ସାହାଯ୍ୟ କରେ। ପୋଛା ପାଣିରେ ଅଳ୍ପ ଧଳା ଭିନେଗାର ମିଶାଇବା ଦ୍ୱାରା ଆପଣଙ୍କ ଚଟାଣ ସଫା ଦେଖାଯିବ। ପ୍ରାରମ୍ଭରେ ସାମାନ୍ୟ ଗନ୍ଧ ଅନୁଭବ ହୋଇପାରେ, କିନ୍ତୁ ଚଟାଣ ଶୁଖିବା ପରେ ଏହା ଆପେ ଆପେ ଚାଲିଯିବ।

ଯଦି ଚଟାଣରେ ପୁରୁଣା ଦାଗ ଅଛି, ତେବେ ବେକିଂ ସୋଡା ବ୍ୟବହାର କରାଯାଇପାରିବ। ଏହା ଏକ ସ୍କ୍ରବ୍ ଭାବରେ କାର୍ଯ୍ୟ କରେ ଏବଂ ମଇଳା ବାହାର କରିବାରେ ସାହାଯ୍ୟ କରେ। ଏହାକୁ ଅଳ୍ପ ପାଣିରେ ଭଲ ଭାବରେ ମିଶାନ୍ତୁ ଏବଂ ଘର ପୋଛନ୍ତୁ । ଦେଖିବେ ଚଟାଣରୁ ସବୁ ଦାଗ ଲିଭିଯିବ।


ଲେମ୍ବୁ ରସକୁ ଚଟାଣ ସଫା କରିବା ପାଇଁ ଏକ ଭଲ ଘରୋଇ ଉପାୟ ଭାବରେ ବିବେଚନା କରାଯାଏ। ଏହାର ପ୍ରାକୃତିକ ଉପାଦାନ ଦାଗ ହଟାଇବା ଏବଂ ଚଟାଣକୁ ଚମକଦାର ରଖିବାରେ ସାହାଯ୍ୟ କରେ। ପୋଛା ପାଣିରେ ଦୁଇରୁ ତିନି ଚାମଚ ଲେମ୍ବୁ ରସ ମିଶାଯାଇପାରିବ।

ଲୁଣ କେବଳ ସ୍ୱାଦ ବର୍ଦ୍ଧକ ନୁହେଁ, ବରଂ ଏହାକୁ ସଫା କରିବାରେ ମଧ ଉପଯୋଗୀ ବୋଲି ବିବେଚନା କରାଯାଏ। ପୋଛା ପାଣିରେ ଏକ ଚାମଚ ଲୁଣ ମିଶାଇ ଚଟାଣ ସଫା କରନ୍ତୁ । ଏହା ଜୀବାଣୁ ହ୍ରାସ କରିବାରେ ସାହାଯ୍ୟ କରେ। ଯଦି ଆପଣ ଆପଣଙ୍କର ଦୈନନ୍ଦିନ ପୋଛିବା ସମୟରେ ଏହି ସରଳ ଘରୋଇ ସାମଗ୍ରୀର ସଠିକ୍ ପରିମାଣ ବ୍ୟବହାର କରନ୍ତି, ତେବେ ଆପଣଙ୍କର ଚଟାଣ ଅଧିକ ସଫା, ଚମକଦାର ଦେଖାଯାଇପାରିବ।

# କୋଲେଷ୍ଟେରଲ୍‌କୁ ନେଇ ଏତେ ନକାରାତ୍ମକ ଧାରଣା କାହିଁକି ? ଜାଣନ୍ତୁ କାରଣ ...

କୋଲେଷ୍ଟ୍ରଲକୁ ନେଇ ଅନେକଙ୍କ ମନରେ ଭ୍ରମ ଓ ଦ୍ୱନ୍ଦ୍ୱ ରହିଛି। କେହି ଏହାକୁ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ ବୋଲି ମନେ କରୁଥିବା ବେଳେ, ଆଉ କେହି ଏହାକୁ ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ଭାବନ୍ତି ।ବାସ୍ତବରେ କୋଲେଷ୍ଟେରଲ୍ ଶରୀର ପାଇଁ ଏକ ଦରକାରୀ ଉପାଦାନ ।ଯକୃତ (ଲିଭର) ସ୍ୱାଭାବିକ ଭାବେ କୋଲେଷ୍ଟେରଲ୍ ଉତ୍ପାଦନ କରିଥାଏ, ଯାହା ହର୍ମୋନ, ପିତ୍ତରସ ଓ ଭିଟାମିନ-ଡି ତିଆରିରେ ସହାୟକ ହୁଏ।

ଏହାର କାରଣ ହେଉଛି ଖାଦ୍ୟରେ ଥିବା କୋଲେଷ୍ଟ୍ରଲ ଓ ରକ୍ତରେ ଥିବା କୋଲେଷ୍ଟ୍ରଲ ଏକ



ନୁହେଁ। ରକ୍ତରେ ଦୁଇ ପ୍ରକାର କୋଲେଷ୍ଟେରଲ୍ ରହିଥାଏ— ଏଲ୍‌ଡିଏଲ୍ ଓ ଏଚ୍‌ଡିଏଲ୍ । ଏଲ୍‌ଡିଏଲ୍‌କୁ ଖରାପ କୋଲେଷ୍ଟ୍ରଲ କୁହାଯାଏ, କାରଣ ଏହା ରକ୍ତନଳୀରେ ଚର୍ବି ଜମା କରି ହୃଦ୍‌ରୋଗ ଓ ଷ୍ଟ୍ରୋକ୍‌ର ଆଶଙ୍କା ବଢ଼ାଏ। ଏଚ୍‌ଡିଏଲ୍‌କୁ ଭଲ କୋଲେଷ୍ଟ୍ରଲ କୁହାଯାଏ, କାରଣ ଏହା ଖରାପ କୋଲେଷ୍ଟ୍ରଲକୁ ଶରୀରରୁ ବାହାର କରିବାରେ ସହାୟତା କରେ।

## କେଉଁ ଖାଦ୍ୟରେ ଥାଏ ଅଧିକ କୋଲେଷ୍ଟେରଲ୍ ?

କୋଲେଷ୍ଟ୍ରଲର ମୁଖ୍ୟ ଉତ୍ସ ହେଉଛି ଅଣ୍ଡା, ଦୁଗ୍ଧଜାତ ଖାଦ୍ୟ, ମାଂସ, ଚିକେନ୍, ଓ ସମୁଦ୍ରଜାତ ଖାଦ୍ୟ ।କିନ୍ତୁ ସମସ୍ତଙ୍କ ଶରୀରରେ ଏହାର ପ୍ରଭାବ ସମାନ ହୁଏ ନାହିଁ। କେତେକ ଲୋକଙ୍କ ପାଖରେ ଅଧିକ କୋଲେଷ୍ଟ୍ରଲଯୁକ୍ତ ଖାଦ୍ୟ ଖାଇଲେ ରକ୍ତରେ କୋଲେଷ୍ଟ୍ରଲ ବଢ଼ିଯାଏ। ତେଣୁ ମଧୁମେହ କିମ୍ବା ହୃଦ୍‌ରୋଗ ଥିବା ବ୍ୟକ୍ତିମାନେ ସତର୍କ ରହିବା ଆବଶ୍ୟକ।


ତେବେ ଧ୍ୟାନ ରଖନ୍ତୁ, ସମସ୍ତ କୋଲେଷ୍ଟ୍ରଲଯୁକ୍ତ ଖାଦ୍ୟ କ୍ଷତିକାରକ ନୁହେଁ। ଅଣ୍ଡା, ମାଛ ଓ ଦୁଗ୍ଧଜାତ ଖାଦ୍ୟରେ ଅନେକ ପୌଷ୍ଟିକ ଉପାଦାନ ମଧ ରହିଥାଏ। ମୁଖ୍ୟ କଥା ହେଉଛି ପରିମିତ ପରିମାଣରେ ଖାଇବା ଏବଂ ଅଧିକ ତେଲିଆ ଓ ପ୍ରକ୍ରିୟାକୃତ ଖାଦ୍ୟକୁ ଏଡ଼ାଇବା ଉଚିତ। ହୃଦୟକୁ ସୁସ୍ଥ ରଖିବା ପାଇଁ ଡାଲି, ଶସ୍ୟ, ବାଦାମ, ଫଳ ଓ ସବୁଜ ପନିପରିବା ଭଳି ପୌଷ୍ଟିକ ଖାଦ୍ୟ ଅଧିକ ଖାଇବା ଉଚିତ। ଏହା ସହିତ ଅଧିକ ତେଲିଆ ଓ ପ୍ରକ୍ରିୟାକୃତ ଖାଦ୍ୟର ସେବନ କମ୍ କରିବା ଏବଂ ନିୟମିତ ବ୍ୟାୟାମ କରିବା ହୃଦୟକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ।

ଯଦି ଆପଣ ମାଂସ ଖାଉଛନ୍ତି, ତେବେ ତେଲରେ ଭଜା ଖାଦ୍ୟ ବଦଳରେ ସିଝା, ପୋଡ଼ା କିମ୍ବା ରୋଷ୍ଟ କରାଯାଇଥିବା ଚିକେନ୍, ମାଛ ଏବଂ କମ୍ ଚର୍ବିଯୁକ୍ତ ମାଂସ ବାଛିପାରିବେ। ଏହାଛଡ଼ା, ମଧୁମେହ କିମ୍ବା ହୃଦ୍‌ରୋଗ ନ ଥିବା ସୁସ୍ଥ ବ୍ୟକ୍ତିମାନଙ୍କ ପାଇଁ ଦିନକୁ ଗୋଟିଏ ଅଣ୍ଡା ଖାଇବା ସାଧାରଣତଃ ସୁରକ୍ଷିତ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କୋଲେଷ୍ଟ୍ରଲକୁ ସମ୍ପୂର୍ଣ୍ଣ ଶତ୍ରୁ ଭାବିବା ପରିବର୍ତ୍ତେ ସନ୍ତୁଳିତ ଖାଦ୍ୟ ଓ ସୁସ୍ଥ ଜୀବନଶୈଳୀ ଅପଣାଇବା ହିଁ ହୃଦୟକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ।

# ୪୦ ବର୍ଷ ପରେ ନିୟମିତ ହେଲଥ୍ ଚେକଅପ୍ କାହିଁକି ଜରୁରୀ ? ବିଶେଷଜ୍ଞଙ୍କ ବଡ଼ ପରାମର୍ଶ

ଆପଣ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ବୋଲି ଭାବୁଛନ୍ତି କି ? ତେବେ କେବଳ ସୁସ୍ଥ ଅନୁଭବ କଲେ ହିଁ ଯଥେଷ୍ଟ ନୁହେଁ । ଅନେକ ଗୁରୁତର ରୋଗ ପ୍ରାରମ୍ଭିକ ପର୍ଯ୍ୟାୟରେ କୌଣସି ଲକ୍ଷଣ ଦେଖାଏ ନାହିଁ । ଫଳରେ ରୋଗ ଧରାପଡ଼ିବା ବେଳକୁ ବହୁତ ଡେରି ହୋଇଯାଏ । ଚିକିତ୍ସା ବିଶେଷଜ୍ଞଙ୍କ ମତରେ, ବର୍ଷକୁ ଅତି କମରେ ଥରେ କିଛି ମୌଳିକ ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ହୃଦରୋଗ, ମଧୁମେହ, କ୍ୟାନ୍ସର ଭଳି ଅନେକ ରୋଗକୁ ପ୍ରାରମ୍ଭରୁ ଚିହ୍ନଟ କରିହେବ । ତେବେ କେଉଁ ବୟସରେ କେଉଁ ପରୀକ୍ଷା ଜରୁରୀ ? କେବେ କରିବେ CT ସ୍କାନ୍, MRI କିମ୍ବା ମ୍ୟାମୋଗ୍ରାଫି ? ଆସନ୍ତୁ ଜାଣିବା ...

ବଦଳୁଥିବା ଜୀବନଶୈଳୀ, ଅନିୟମିତ ଖାଦ୍ୟାଭ୍ୟାସ, ମାନସିକ ଚାପ ଓ ବ୍ୟାୟାମର ଅଭାବ ଆଜିକାଲି ଅନେକ ଗୁରୁତର ରୋଗର କାରଣ ପାଲଟିଛି । ଅନେକ ସମୟରେ ଶରୀରରେ କୌଣସି ଲକ୍ଷଣ ନଥିଲେ ମଧ ଭିତରେ ନିରବରେ ରୋଗ ବଢ଼ି ଚାଲିଥାଏ । ତେଣୁ କେବଳ ଅସୁସ୍ଥ ହେଲେ ନୁହେଁ, ସୁସ୍ଥ ଥିବା ସମୟରେ ମଧ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଜରୁରୀ ବୋଲି ବିଶେଷଜ୍ଞମାନେ କହୁଛନ୍ତି । ଡାକ୍ତରଙ୍କ ପରାମର୍ଶ ଅନୁସାରେ, ପ୍ରତିବର୍ଷ ଥରେ ରକ୍ତଚାପ, ରକ୍ତରେ ଶର୍କରା ପରୀକ୍ଷା, ଲିପିଡ୍ ପ୍ରୋଫାଇଲ୍, ଲିଭର ଓ କିଡନୀ ଫଙ୍କସନ୍ ଟେଷ୍ଟ, ଥାଇରଏଡ୍ ପରୀକ୍ଷା, ହିମୋଗ୍ଲୋବିନ୍, ଭିଟାମିନ୍-ଡି ଓ ଭିଟାମିନ୍-ବି୧୨ ପରୀକ୍ଷା କରାଇବା ଉଚିତ । ଏହା ସହିତ ଛାତିର ଏକ୍ସ-ରେ ଓ ପେଟର




ଅଲ୍ଟ୍ରାସାଉଣ୍ଡ କରାଇଲେ ଲିଭର, କିଡନୀ କିମ୍ବା ଅନ୍ୟ ଅଙ୍ଗରେ ଥିବା ସମସ୍ୟା ଆଗୁଆ ଜଣାପଡ଼ିପାରେ । ବିଶେଷ କରି ମୋଟାପଣ, ଉଚ୍ଚ ରକ୍ତଚାପ, ମଧୁମେହ କିମ୍ବା ପରିବାରରେ ହୃଦରୋଗର ଇତିହାସ ଥିଲେ ନିୟମିତ ପରୀକ୍ଷା ଅଧିକ ଜରୁରୀ । ଏହି ବର୍ଗର ଲୋକଙ୍କ ପାଇଁ ହୃଦଯନ୍ତ୍ରର ସ୍ଥିତି ଜାଣିବାକୁ ଇସିଜି, ଇକୋକାର୍ଡିଓଗ୍ରାଫି ଏବଂ ଷ୍ଟ୍ରେସ୍ ଟେଷ୍ଟ କରିବାକୁ ପରାମର୍ଶ ଦିଆଯାଏ । ୪୦ ବର୍ଷ ପରେ ସ୍ୱାସ୍ଥ୍ୟ ପ୍ରତି ସତର୍କତା ଆହୁରି ବଢ଼ାଇବା ଦରକାର । ଯେଉଁମାନଙ୍କର ହୃଦରୋଗର ଝୁମ୍ପ ଅଧିକ, ସେମାନଙ୍କୁ CT କୋରୋନାରୀ ଆଞ୍ଜିଓଗ୍ରାଫି ଓ CT କ୍ୟାଲସିୟମ୍ ସ୍କୋର ଟେଷ୍ଟ କରାଇବାକୁ ବିଶେଷଜ୍ଞ ପରାମର୍ଶ ଦେଉଛନ୍ତି । ଏହି ପରୀକ୍ଷା ହୃଦର ରକ୍ତନଳୀରେ ବ୍ଲକେଜ୍ ଥିଲେ ତାହା ଚିହ୍ନଟ କରିବାରେ ସାହାଯ୍ୟ କରେ । ମହିଳାମାନଙ୍କ କ୍ଷେତ୍ରରେ ସର୍ଭିକ୍ସ କ୍ୟାନ୍ସର ପାଇଁ ପ୍ୟାପ୍ ସ୍ମିୟର୍ ଟେଷ୍ଟ ଓ ୪୦ ବର୍ଷ ପରେ ପ୍ରତିବର୍ଷ ମ୍ୟାମୋଗ୍ରାଫି କରାଇବା ଦ୍ୱାରା ସ୍ତନ କ୍ୟାନ୍ସରକୁ ପ୍ରାରମ୍ଭିକ ଅବସ୍ଥାରେ ଧରାଯାଇପାରେ । ହାଡ଼ କ୍ଷୟ ଝୁମ୍ପ ଥିବା ମହିଳାଙ୍କ ପାଇଁ ଉରଡଇ ବୋନ୍ ଡେନସିଟି ସ୍କାନ୍ ମଧ ଉପଯୋଗୀ । MRI ଓ CT ସ୍କାନ୍‌କୁ ନେଇ ମଧ ଅନେକଙ୍କ ମନରେ ଦ୍ୱନ୍ଦ୍ୱ ରହିଛି । ବିଶେଷଜ୍ଞଙ୍କ ମତରେ, ଉଚ୍ଚ ସ୍କାନ୍‌ରେ ରେଡିଏସନ୍ ବ୍ୟବହୃତ ହେଉଥିବାରୁ ଏହାକୁ ସମସ୍ତଙ୍କ ପାଇଁ ଫୁଲ୍ ବଡି ସ୍କ୍ରିନିଂରେ ବ୍ୟବହାର କରାଯାଏ ନାହିଁ । ଅନ୍ୟପଟେ ଗଜଓ ରେ ରେଡିଏସନ୍ ନଥାଏ ଏବଂ କିଛି ପରିସ୍ଥିତିରେ କ୍ୟାନ୍ସର ସ୍କ୍ରିନିଂ ପାଇଁ ଏହା ବ୍ୟବହୃତ ହୋଇପାରେ । ତେବେ କେଉଁ ପରୀକ୍ଷା କାହା ପାଇଁ ଉପଯୁକ୍ତ, ତାହା ବୟସ, ପରିବାରିକ ଇତିହାସ, ଲକ୍ଷଣ ଓ ଝୁମ୍ପକୁ ବିଚାର କରି ଡାକ୍ତରଙ୍କ ପରାମର୍ଶରେ ନିଷ୍ପତ୍ତି ନେବା ଉଚିତ । ମନେରଖନ୍ତୁ, ସମୟରେ ରୋଗ ଚିହ୍ନଟ ହେଲେ ଚିକିତ୍ସା ସହଜ ହୁଏ ଏବଂ ଜୀବନ ବଞ୍ଚିବାର ସମ୍ଭାବନା ମଧ ବଢ଼ିଯାଏ । ତେଣୁ ବୟସ, ଜୀବନଶୈଳୀ ଓ ସ୍ୱାସ୍ଥ୍ୟ ଝୁମ୍ପ ଅନୁଯାୟୀ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାନ୍ତୁ ଏବଂ କୌଣସି ପରୀକ୍ଷା କରିବା ପୂର୍ବରୁ ଯୋଗ୍ୟ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ସାମାନ୍ୟ ସତର୍କତା ଆପଣଙ୍କୁ ବଡ଼ ରୋଗରୁ ସୁରକ୍ଷିତ ରଖିପାରେ ।

# ଯୁବପିଢ଼ିଙ୍କୁ ବଡ଼ ବିପଦ 'ଅବସାଦ' : ୬୦ ରାଙ୍କରେ ଭାରତ

ମାନସିକ ସ୍ୱାସ୍ଥ୍ୟ ମାପକାଠି , ସ୍କୋରରେ ଭାରତୀୟ ଯୁବବର୍ଗ ନିମ୍ନମାନର ପ୍ରଦର୍ଶନ କରିଛନ୍ତି । ୮୪ଟି ଦେଶକୁ ନେଇ କରାଯାଇଥିବା ବୈଶ୍ୱିକ ସ୍ୱାସ୍ଥ୍ୟ ଅଧ୍ୟୟନରେ ଭାରତୀୟ ଯୁବପିଢ଼ି ୬୦ତମ ର୍‌ୟାଙ୍କ୍‌ରେ ରହିଛନ୍ତି । ଆମେରିକାର ସାପିଏନ୍ ଲାବ୍‌ସ ଦ୍ୱାରା ୨୦୨୫ରେ କରାଯାଇଥିବା ଅଧ୍ୟୟନ ଗ୍ଲୋବାଲ ମାଇଣ୍ଡ ହେଲ୍‌ଥରେ ୧୮ରୁ ୩୪ ବର୍ଷ ବୟସବର୍ଗର ଭାରତୀୟ ଯୁବବର୍ଗଙ୍କୁ ସାମିଲ କରାଯାଇଥିଲା । ତେବେ ୫୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ବରିଷ୍ଠ ଭାରତୀୟଙ୍କ ତୁଳନାରେ ସେମାନଙ୍କ ମାନସିକ ସୁସ୍ଥତା ଖରାପ ଥିବା ଅଧ୍ୟୟନରୁ ଜଣାପଡ଼ିଛି । ବରିଷ୍ଠ ବ୍ୟକ୍ତିମାନଙ୍କ ମାନସିକ ସୁସ୍ଥତା ଏହି ଅଧ୍ୟୟନରେ ୪୯ ର୍‌ୟାଙ୍କ୍‌ରେ ରହିଛି ।

ବିଚଳିତ ବର୍ଗରେ ଭାରତୀୟ ଯୁବବର୍ଗଙ୍କ ଏମ୍‌ଏଚ୍‌କ୍ୟୁ ସ୍କୋର ୩୩ ଥିବାବେଳେ ୫୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ସ୍କୋର ପାଖାପାଖି ୧୦୦ ରହିଛି। ସବୁ ଦେଶରେ ମାନସିକ ସୁସ୍ଥତାରେ ବୟସ୍କଙ୍କ ତୁଳନାରେ ୧୮ରୁ ୩୫ ବର୍ଷ ବୟସ ବର୍ଗର ଯୁବବର୍ଗଙ୍କ ପ୍ରଦର୍ଶନ ଖରାପ ରହିଛି । ତେବେ ଘାନା, ନାଇଜେରିଆ, ଜିମ୍ବାୱେ, କେନିଆ ଏବଂ ତାଞ୍ଜାନିଆ ଆଦି ଆଫ୍ରିକୀୟ ଦେଶରେ ମାନସିକ ସୁସ୍ଥତା ତୁଳନାତ୍ମକ ଭାବେ ଭଲ ରହିଛି । ଅନ୍ୟ ପକ୍ଷରେ ଜାପାନ, ତାଇୱାନ, ହଂକଂ, ବ୍ରିଟେନ ଏବଂ ଚାଇନା ମାନସିକ ସୁସ୍ଥତା ର୍‌ୟାଙ୍କ୍‌ରେ ତଳେ ରହିଛନ୍ତି । ବିଶ୍ୱ ଖୁସି ସୂଚକାଙ୍କରେ ଶୀର୍ଷରେ ଥିବା ଫିନ୍ ?ଲାଣ୍ଡ ମାନସିକ ସୁସ୍ଥତା ସୂଚକାଙ୍କରେ ୫୫ରୁ ଉର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ୨୮ରେ ଏବଂ ୧୮ରୁ ୩୫ ବର୍ଷ ବୟସ ବର୍ଗଙ୍କ ପାଇଁ ୪୦ତମ ସ୍ଥାନରେ ରହିଛି ।



୨୦୨୪ ଏବଂ ୨୦୨୫ରେ ୮୪ଟି ଦେଶର ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଇଣ୍ଟରନେଟ୍ ସହ ଜଡ଼ିତ ବ୍ୟକ୍ତି ବିଶେଷଙ୍କଠାରୁ ସଂଗୃହୀତ ତଥ୍ୟ ଆଧାରରେ ଏହି ସୂଚକାଙ୍କ ପ୍ରସ୍ତୁତ କରାଯାଇଛି ।

ଏଥିରୁ ମୁକୁଳିବାର ଟିପ୍ସ :

ଶାରୀରିକ ଗତିବିଧି :

ଅବସାଦରୁ ମୁକୁଳିବାର ସହଜ ଉପାୟ ହେଉଛି ଯୋଗ । ଏହାସହ ସକାଳ ସନ୍ଧ୍ୟାରେ ଚାଲିବା, କିଛି ସମୟ ଜୁମ୍ବା ଏକ୍ସରସାଇଜ୍ କରିବା ଦ୍ୱାରା ଶରୀରରୁ ଏଣ୍ଡୋର୍ଫିନ୍ ହର୍ମୋନ୍ ରିଲିଜ୍ ହୁଏ , ଯାହା ମନକୁ ହାଲକା ବା ସହଜ କରିଦିଏ ।

ଗଭୀର ଶ୍ୱାସ ଓ ଧ୍ୟାନ : ଅବସାଦ ଅନୁଭବ କଲେ ବେଶି ନୁହେଁ ୪ରୁ ୫ ସେକେଣ୍ଡ ଗଭୀର ପ୍ରଶ୍ୱାସ ନିଅନ୍ତୁ , ୪ ସେକେଣ୍ଡେ ଶ୍ୱାସକୁ ଭିତରେ ରଖି ୪ ସେକେଣ୍ଡରେ ଛାଡ଼ନ୍ତୁ । ଏହା ସହ ଧ୍ୟାନ କରନ୍ତୁ , ଯାହା ମନକୁ ଶାନ୍ତ କରିଥାଏ ।

ସାତ୍ତ୍ୱିକ ଖାଦ୍ୟ, ଆବଶ୍ୟକ ନିଦ :

ସନ୍ତୁଳିତ ଆହାର ସହ ୬ରୁ ୭ ଘଣ୍ଟା ଶୁଅନ୍ତୁ । କଫି, ଚିନି ପରି ଜିନିଷରୁ ଦୂରେଇ ରୁହନ୍ତୁ । କୌଣସି ପ୍ରକାର ସ୍କ୍ରିନରୁ ଦୂରେଇ ରୁହନ୍ତୁ ।

ଡାଏରି ଲେଖନ୍ତୁ :

ନିଜ ବିଚାରକୁ କାଗଜରେ ଲେଖିଦିଅନ୍ତୁ । ଏହା ଦ୍ୱାରା ମନର ବୋଝ ହାଲକା ହୋଇଯାଏ । ଏହାସହ ସାଙ୍ଗ ମାନଙ୍କ ସହ ସମୟ ବିତାଇବା ସହ କାମରୁ କିଛି ଦିନର ବ୍ରେକ୍ ନେଇ ବୁଲିବାକୁ ଯାଆନ୍ତୁ , ଗୀତ ଶୁଣନ୍ତୁ ବା କୌଣସି ଯେକୌଣସି ରଚନାତ୍ମକ କାମରେ ନିଜକୁ ବ୍ୟସ୍ତ ରଖନ୍ତୁ ।ଦେଖିବେ ଧୀରେ ଧୀରେ ଆପଣଙ୍କ ଅବସାଦ ଦୂରେଇଯିବ ।

## ବର୍ଷା ଋତୁ ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୧୮/୦୮ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ବର୍ଷା ଦିନିଆ ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ ବର୍ଷାରେ ଭିଜିଲେ ଅଶୁଦ୍ଧ ଜଳ ପାନ କଲେ ଥଣ୍ଡା, ସର୍ଦ୍ଦି, ଆଖି ଧରା, କୃମି ଆଦି ରୋଗ ହେବ। ମାଛି ବସା ଖାଦ୍ୟ ଓ ଗୋଳିଆ ପାଣି ପିଇଲେ, ଅତିସାର, ପ୍ରବାହିକା, ଟାଇଫୋଏଡ ରୋଗ ହେବ। ମଶା କାମୁଡ଼ିଲେ ଶ୍ଲୀପଦ, ମ୍ୟାଲେରିଆ, ଡେ଼ଙ୍ଗୁ ଆଦି ମଶା ଜନ୍ୟ ରୋଗ ହେବ। ଅନ୍ଧାରରେ ବୁଲିଲେ ବିଛା, ସର୍ପ କାମୁଡ଼ିବେ ଏଥିରୁ ରକ୍ଷା ପାଇବା ପାଇଁ ଏହି ସବୁ କାରଣ ଠାରୁ ଦୁରେଇ ରୁହନ୍ତୁ, ଗରମ ପାଣି ଓ ଖାଦ୍ୟ ଖାଆନ୍ତୁ, ସୋରିଷ ତେଲ ଦେହ ଓ ଆଙ୍ଗୁଠି ସନ୍ଧିରେ ଲଗାନ୍ତୁ । ଅଦା, ତୁଳସୀ, ରସୁଣ, କଳାଜିରା ଓ ଗୁଳୁଚି ରସ ସେବନ କରନ୍ତୁ। ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି.ଶ୍ରୀନିବାସ ରାଓ । ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୋଇଥାଏ।

# ହକି ପୁରୁଷ ବିଶ୍ୱକପ୍ ୨୦୨୬ ପାଇଁ ବେଦାନ୍ତ କଳିଙ୍ଗ ଲାନ୍ସର୍ସର ୮ ଖେଳାଳି ଜାତୀୟ ଦଳରେ ସ୍ଥାନ ପାଇଲେ

କେନ୍ଦ୍ରାପଡ଼ା,୧୮/୦୮ (ନି.ପ୍ର): ବର୍ତ୍ତମାନର ହକି ଇଣ୍ଡିଆ ଲିଗ୍ ଚାମ୍ପିଅନ୍ ବେଦାନ୍ତ କଳିଙ୍ଗ ଲାନ୍ସର୍ସର ୮ ଜଣ ଖେଳାଳି ୨୦୨୬ ଏଫ୍ଆଇଏଚ୍ ହକି ପୁରୁଷ ବିଶ୍ୱକପ୍ରେ ଭାରତ, ବେଲଜିୟମ୍ ଓ ଅଷ୍ଟ୍ରେଲିଆର ଜାତୀୟ ଦଳ ପକ୍ଷରୁ ଖେଳିବା ପାଇଁ ଚୟନିତ ହୋଇଛନ୍ତି। ବେଲଜିୟମ୍ ଓ ନେଦରଲ୍ୟାଣ୍ଡସ୍‌ରେ ଆସନ୍ତା ଅଗଷ୍ଟ ୧୫ରୁ ୩୦ ପର୍ଯ୍ୟନ୍ତ ଏହି ପ୍ରତିଷ୍ଠିତ ପ୍ରତିଯୋଗିତା ଆୟୋଜିତ ହେବ। ଗତ ଜାନୁଆରୀରେ କଳିଙ୍ଗ ହକି ଷ୍ଟାଡିୟମ୍‌ରେ ଆୟୋଜିତ ଫାଇନାଲ୍‌ରେ ରାଂଚି ରୟାଲ୍ସକୁ ୩-୨ ଗୋଲରେ ପରାସ୍ତ କରି ଲାନ୍ସର୍ସ ନିଜର ଦ୍ୱିତୀୟ ଟାଇଟଲ୍ ଜିତିଥିଲା। ସମଗ୍ର ସିଜନରେ ଦଳ ସର୍ବଶ୍ରେଷ୍ଠ ରକ୍ଷଣଭାଗ ଏବଂ ସର୍ବାଧିକ ପେନାଲ୍ଟି କର୍ଣ୍ଣର ରୂପାନ୍ତରଣ ହାର ରେକର୍ଡ଼ କରିଥିଲା। ଭାରତୀୟ ଦଳରେ ପ୍ୟାରିସ୍ ୨୦୨୪ ଅଲିମ୍ପିକ୍ସର ବ୍ରୋଞ୍ଜ ପଦକ ବିଜେତା ଡିଫେଣ୍ଡର ସଞ୍ଜୟ ଏବଂ ଟୋକିଓ ୨୦୨୦ ଅଲିମ୍ପିକ୍ସର ବ୍ରୋଞ୍ଜ ପଦକ ବିଜେତା ଫରୱାର୍ଡ ଦିଲପ୍ରୀତ ସିଂହ ସ୍ଥାନ ପାଇଛନ୍ତି। ସହ-ଆୟୋଜକ ବେଲଜିୟମ୍ ଦଳରେ ଲାନ୍ସର୍ସର ଅଧିନାୟକ ଆର୍ଥର ଭାନ୍ ଡୋରେନ୍ ଏବଂ ଡ୍ରାଗ୍-ଫ୍ଲିକ୍ ବିଶେଷଜ୍ଞ ଆଲେକ୍ସାଣ୍ଡର ହେଣ୍ଡ୍ରିକ୍ସଙ୍କୁ ସ୍ଥାନ ମିଳିଛି। ଉଭୟେ ଟୋକିଓ ୨୦୨୦ ଅଲିମ୍ପିକ୍ସର ସ୍ୱର୍ଣ୍ଣ ପଦକ ବିଜେତା ଏବଂ ରିଓ ୨୦୧୬ ଅଲିମ୍ପିକ୍ସର ରୌପ୍ୟ ପଦକ ବିଜେତା। ଏହି ସିଜନରେ ହେଣ୍ଡ୍ରିକ୍ସ ୧୨ଟି ଗୋଲ କରି ଲାନ୍ସର୍ସର ସର୍ବାଧିକ ଗୋଲଦାତା ଥିଲେ। ଅଷ୍ଟ୍ରେଲିଆ ଦଳରେ ଗୋଲକିପର ଜେଡ୍ ସ୍ନୋଡେନ୍, ମିଡଫିଲ୍ଡର ଲିଆମ୍ ହେଣ୍ଡରସନ୍, ଫରୱାର୍ଡ କ୍ରେଗ୍ ମାରାଇସ୍ ଏବଂ ରିଜର୍ଭ ଖେଳାଳି କୁପର ବର୍ନ୍ସଙ୍କୁ ସାମିଲ କରାଯାଇଛି। ବେଲଜିୟମ୍ ୱାଭ୍‌ରରେ ପୁଲ୍-ବି, ଅଷ୍ଟ୍ରେଲିଆ ଆମ୍ସ୍ଟେଲଭିନ୍‌ରେ ପୁଲ୍-ସି ଏବଂ ଭାରତ ପୁଲ୍-ଡିରେ ପ୍ରତିଦ୍ୱନ୍ଦ୍ୱିତା କରିବ। କ୍ରସ୍‌ଓଭର କିମ୍ବା ନକ୍‌ଆଉଟ୍ ପର୍ଯ୍ୟାୟରେ ଏହି ତିନି ଦଳ ଏବଂ ସେମାନଙ୍କ ଲାନ୍ସର୍ସ ସହଖେଳାଳିଙ୍କ ମଧ୍ୟରେ ମୁକାବିଲା ହେବାର ସମ୍ଭାବନା ରହିଛି। ବେଦାନ୍ତ ଆଲୁମିନିୟମ୍ ମେଟାଲ୍ ଲିମିଟେଡ୍ର ସିଇଓ ରାଜେଶ କୁମାର କହିଛନ୍ତି, "ବିଶ୍ୱ ହକିର ସର୍ବୋଚ୍ଚ ପ୍ରତିଯୋଗିତା ପାଇଁ ଆମର ୮ ଜଣ ଖେଳାଳିଙ୍କ ଚୟନ ସମଗ୍ର ବେଦାନ୍ତ କଳିଙ୍ଗ ଲାନ୍ସର୍ସ ପରିବାର ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ଏହା ଶ୍ରେଷ୍ଠତା, ଶୃଙ୍ଖଳା ଏବଂ ବିଶ୍ୱସ୍ତରୀୟ ଦକ୍ଷତାର ସମନ୍ୱୟରେ ଏକ ଶକ୍ତିଶାଳୀ ଦଳ ଗଠନ ପ୍ରତି ଆମର ପ୍ରତିବଦ୍ଧତାର ପ୍ରତିଫଳନ। ଆମର ଖେଳାଳିମାନେ ନିଜ ନିଜ ଦେଶକୁ ପ୍ରତିନିଧିତ୍ୱ କରୁଥିବା ଏବଂ ସମ୍ଭବତଃ ପରସ୍ପର ବିରୋଧରେ ଖେଳୁଥିବା ଦେଖିବା ବିଶ୍ୱର ଏବଂ ଓଡ଼ିଶାର ହକିପ୍ରେମୀମାନଙ୍କ ପାଇଁ ଏକ ଅବିସ୍ମରଣୀୟ ଅନୁଭବ ହେବ।"

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣକୁ ହତ୍ୟା, ଜଣେ ଗୁରୁତର; ହତ୍ୟାକାରୀ ମଧ୍ୟ ଗୁରୁତର

ଜୟପୁର,୧୮/୦୮ (ନି.ପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ। ବୋରିଗୁମ୍ମା ବ୍ଲକ କାମତା ଗାଁ ରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ସୂଚନା ଅନୁଯାୟୀ, ସୋନୁ ଯାନୀ ନାମକ ବ୍ୟକ୍ତି ନିଜ ଘରେ ଘୁଷୁରୀ ପାଳୁଥିଲେ। ପ୍ରତିଦିନ ସେହି ଘୁଷୁରୀ ପଡିଶା ଘରେ ରହୁଥିବା ରଘୁନାଥ କମାରଙ୍କ ଘରକୁ ଯାଇ ଅଳିଆ ଆବର୍ଜନା କରୁଥିଲା ସେ ନେଇ ବାରମ୍ବାର ସୋନୁ ଯାନୀଙ୍କୁ ତାଗିଦ କରୁଥିଲେ ରଘୁନାଥ। ଉତ୍ୟକ୍ତ ହୋଇ ସୋନୁ ପୂର୍ବରୁ ବାପା ରଘୁନାଥ ଏବଂ ପୁଅ ଜଗବନ୍ଧୁଙ୍କୁ ଆକ୍ରମଣ କରି ଜେଲ ଯାଇଥିଲା । ଜେଲ୍ ରୁ ଫେରିବା ପରେ ପ୍ରତିଶୋଧ ପରାୟଣ ହୋଇ କିଭଳି ପ୍ରତିଶୋଧ ନେବ ଅପେକ୍ଷାରେ ଥିଲା ସୋନୁ। ଗତକାଲି ବିଳମ୍ବିତ ରାତିରେ ବଚସା ହୋଇ କ୍ରୋଧିତ ହୋଇ ସୋନୁ ଯାନୀ ପ୍ରଥମେ ଏକ ଧାରୁଆ ଅସ୍ତ୍ରରେ ପୁଅ ଜଗବନ୍ଧୁଙ୍କୁ ପେଟରେ ଆକ୍ରମଣ କରି ପରେ ବାପାଙ୍କୁ ଆକ୍ରମଣ କରିଥିଲା ପୁଅକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମେଡ଼ିକାଲ ଆଣିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ବାପା ଜଗବନ୍ଧୁ ଭାଗ୍ୟ ବଶତଃ ଅଳ୍ପକେ ବର୍ତ୍ତି ଗଲେ ତଥାପି ଅଳ୍ପ ଆଘାତ ହୋଇଛି। ସେପଟେ ସୋନୁ ଯାନୀ ଦୌଡ଼ି ପଳେଇ ଯିବା ସମୟରେ ତଳେ ପଡି ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ହତ୍ୟାକାରୀକୁ ପୋଲିସ ମେଡ଼ିକାଲରେ ଭର୍ତ୍ତି କରି ଚିକିତ୍ସା କରାଉଛନ୍ତି। ବି.ସିଂପୁର ପୋଲିସ ଘଟଣାସ୍ଥଳରେ ପହଂଚି ଭୁଜାଲୀ ଜବତ କରିଛି। ସାଇଂଟିଫିକ୍ ଟିମ୍ ପହଁଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାରେ ଜଗବନ୍ଧୁ କମାରଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ବାପା ରଘୁନାଥ କମାର ଆହତ ହୋଇଛନ୍ତି। ସୂଚନା ଅନୁସାରେ, ପୂର୍ବରୁ ଅଭିଯୁକ୍ତ ଏବଂ ରଘୁନାଥ କମାରଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସେହି ଘଟଣାରେ ଅଭିଯୁକ୍ତ ଧାରା ୩୦୭ ମାମଲାରେ ଜେଲ ମଧ୍ୟ ଯାଇଥିଲା । ଜେଲରୁ ଫେରିବାର କିଛି ମାସ ପରେ ଗତ ରାତିରେ ଜଗବନ୍ଧୁ କମାର ଓ ତାଙ୍କ ବାପା ରଘୁନାଥ କମାରଙ୍କ ଉପରେ ମାରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଜଗବନ୍ଧୁ କମାର ଓ ତାଙ୍କ ବାପା ରଘୁନାଥ କୋମାର ଗୁରୁତର ଆହତ ହୋଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। କିନ୍ତୁ ଜଗବନ୍ଧୁକୁ ବୋରିଗୁମ୍ମା ମେଡିକାଲରେ ମୃତ ଘୋଷଣା କରାଯାଇଥିଲା । ଅନ୍ୟପଟେ ଆହତ ରଘୁନାଥ ଚିକିତ୍ସା ପରେ ଘରକୁ ଫେରିଥିବା ବେଳେ ଅଭିଯୁକ୍ତ ସୋନୁ ଜାନି ମଧ୍ୟ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ଅଭିଯୁକ୍ତକୁ କଠୋର ଦଣ୍ଡ ସହ ଫାଶୀ ଦଣ୍ଡ ଦେବାକୁ ମୃତକଙ୍କ ପରିବାର ଦାବି କରିଛନ୍ତି।

# ଜୀ-ସାର୍ଥକରେ ମେଗା ମୁଭି ପ୍ରିମିୟର 'ଜଗା ପରି ଭାଇ ଜଗତେ ନାହିଁ' ଆସନ୍ତା ଅଗଷ୍ଟ ୨୩ ତାରିଖ ସନ୍ଧ୍ୟା ୬:୩୦ ମିନିଟରେ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ପାରିବାରିକ ମୂଲ୍ୟବୋଧ ଏବଂ ନିଚ୍ଛକ ମନୋରଞ୍ଜନକୁ ନେଇ ସବୁବେଳେ ଭିନ୍ନ ସ୍ୱାଦର କାହାଣୀ ଦର୍ଶକଙ୍କୁ ଭେଟି ଦେଇଆସିଛି ଓଡ଼ିଶାର ଅଗ୍ରଣୀ ମନୋରଞ୍ଜନ ଚ୍ୟାନେଲ୍ 'ଜୀ ସାର୍ଥକ'। ଏହି କ୍ରମରେ ରାକ୍ଷୀ ପୂର୍ଣ୍ଣମା ପୂର୍ବରୁ ଦର୍ଶକଙ୍କ ପାଇଁ ଆସନ୍ତା ଅଗଷ୍ଟ ୨୩ ତାରିଖ ସନ୍ଧ୍ୟା ୬:୩୦ ମିନିଟରେ ଜୀ-ସାର୍ଥକରେ ୱାର୍ଲଡ ଟେଲିଭିଜନ ପ୍ରିମିୟର ହେବାକୁ ଯାଉଛି ଏକ ହୃଦୟସ୍ପର୍ଶୀ ନୂତନ ଓଡ଼ିଆ ଚଳଚ୍ଚିତ୍ର 'ଜଗା ପରି ଭାଇ ଜଗତେ ନାହିଁ'। ପ୍ରଭୁ ଶ୍ରୀକୃଷ୍ଣ ଏବଂ ଦେବୀ ଦ୍ରୌପଦୀଙ୍କ ଅମର ସମ୍ପର୍କରୁ ଅନୁପ୍ରାଣିତ ଏହି ଚଳଚ୍ଚିତ୍ରଟି ଏମିତି ଏକ ବିଶ୍ୱାସକୁ ଆଧାର କରି ନିର୍ମାଣ କରାଯାଇଛି, ଯାହା ପ୍ରମାଣିତ କରେ ଯେ ପ୍ରକୃତ ଭାଇ-ଭଉଣୀ ସମ୍ପର୍କ କେବଳ ରକ୍ତରେ ନୁହେଁ, ବରଂ ନିଚ୍ଛକ ପ୍ରେମ, ବିଶ୍ୱାସ ଏବଂ ତ୍ୟାଗ ଉପରେ ଗଢି ଉଠିଥାଏ। କାହାଣୀ ଏକ ନିର୍ଭୀକ ଡେଲିଭରୀ ବୟ 'ଜଗା' ଏବଂ 'ବର୍ଣ୍ଣାଲୀ'ଙ୍କୁ କେନ୍ଦ୍ର କରି ଗତିଶୀଳ ହୋଇଛି। ଯେତେବେଳେ ଜଗା ନିଜ ଜୀବନକୁ ବାଜି ଲଗାଇ ବର୍ଣ୍ଣାଳୀକୁ ଏକ ବିପଦରୁ ରକ୍ଷା କରେ, ସେତେବେଳେ କୃତଜ୍ଞତା ସ୍ୱରୂପ ବର୍ଣ୍ଣାଳୀ ତାଙ୍କ ହାତରେ ରାକ୍ଷୀ ବାନ୍ଧେ ଏବଂ ସେଠାରୁ ଏକ ଅତୁଟ ସମ୍ପର୍କର ଜନ୍ମ ହୁଏ। ପରିବାର ପକ୍ଷରୁ ତିରସ୍କାର, କଠିନ ସମୟ ଏବଂ ସ୍ୱାମୀଙ୍କ ଅସୁବିଧା ଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଜଗା ହିଁ




ବର୍ଣ୍ଣାଳୀର ସବୁଠାରୁ ବଡ଼ ଶକ୍ତି ଏବଂ ରକ୍ଷାକବଚ ସାଜି ଠିଆହୁଏ। ବିଶ୍ୱାସଘାତକତା ଓ ଲୋଭ ବିରୋଧରେ ଉଭୟେ କିପରି ସଂଗ୍ରାମ କରିଛନ୍ତି ଏବଂ ଅଦମ୍ୟ ସାହସ ଓ ଦୟାଭାବ ସହ ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିଛନ୍ତି, ତାହା ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ। ଚଳଚ୍ଚିତ୍ରଟିରେ ମୁଖ୍ୟ ଭୂମିକାରେ ଆର. ରଞ୍ଜନ ପଣ୍ଡା, ଭକ୍ତି ପଟ୍ଟନାୟକ, ଉଦିତ ଗୁରୁ ଏବଂ ସୋନାଲିସା ନାୟକ ନଜର ଆସିବେ। ପାରିବାରିକ ଡ୍ରାମା, ଥ୍ରିଲ୍, ଆବେଗ ଏବଂ ରକ୍ଷାବନ୍ଧନର ପବିତ୍ର ବାର୍ତ୍ତା ବହନ କରୁଥିବା ଏହି ସିନେମା ପ୍ରତିଟି ଓଡ଼ିଆ ପରିବାରର ହୃଦୟ ଜିଣିବ ବୋଲି ପ୍ରଯୋଜନା ସଂସ୍ଥା ଦୃଢ଼ ଆଶା ରଖିଛି। ଚଳଚ୍ଚିତ୍ରକୁ ନେଇ ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ଶ୍ରୀ ରାହୁଲ ରାଓ କହିଛନ୍ତି, 'ଜୀ ସାର୍ଥକ ସବୁବେଳେ ଓଡ଼ିଶାର କଳା, ସଂସ୍କୃତି ଓ ପାରିବାରିକ ମୂଲ୍ୟବୋଧକୁ ନିଜ କାର୍ଯ୍ୟକ୍ରମ ମାଧ୍ୟମରେ ସାମ୍ନାକୁ ଆଣିବାକୁ ନିରନ୍ତର ପ୍ରୟାସ କରିଥାଏ। 'ଜଗା ପରି ଭାଇ ଜଗତେ ନାହିଁ' କେବଳ ଏକ ସିନେମା ନୁହେଁ, ବରଂ ଏହା ହେଉଛି ସମ୍ପର୍କର ଏକ ନିଚ୍ଛକ ଚିତ୍ର ଯାହା ଦର୍ଶାଇଥାଏ ଯେ ଜଣେ ଭାଇ ନିଜ ଭଉଣୀ ପାଇଁ କେତେ ତ୍ୟାଗ କରିପାରେ ଓ ପ୍ରକୃତ ସମ୍ପର୍କ ରକ୍ତରୁ ନୁହେଁ ହୃଦୟରୁ ସୃଷ୍ଟି ହୁଏ। ଆମର ଦୃଢ଼ ବିଶ୍ୱାସ ଯେ ଏହି କାହାଣୀ ଆପଣମାନଙ୍କ ହୃଦୟକୁ ନିଶ୍ଚୟ ଛୁଇଁବ। ଆପଣମାନେ ନିଜ ସପରିବାର ଏହି ଚଳଚ୍ଚିତ୍ରକୁ ଦେଖନ୍ତୁ ଏବଂ ଆମକୁ ସବୁଥର ଭଳି ନିଜର ଭଲପାଇବା ଦିଅନ୍ତୁ ।'

# କେନ୍ଦୁଝରରେ ବନ୍ୟା ଆଶଙ୍କା ନାହିଁ: ପ୍ରଶାସନ ସଂପୂର୍ଣ୍ଣ ସଜାଗ ଥିବା କହିଲେ ଅତିରିକ୍ତ ଜିଲ୍ଲାପାଳ

କେନ୍ଦୁଝର,୧୮/୦୮ (ନି.ପ୍ର): କେନ୍ଦୁଝରରେ ବନ୍ୟା ଆଶଙ୍କା ନାହିଁ, ପ୍ରଶାସନ ସଂପୂର୍ଣ୍ଣ ସଜାଗ ଥିବା କହିଲେ ଅତିରିକ୍ତ ଜିଲ୍ଲାପାଳ । କେନ୍ଦୁଝର ଜିଲ୍ଲାରେ ଗତ କାଲି ଲାଗି ରହିଥିବା ପ୍ରବଳ ବର୍ଷା ପରେ ବଢ଼ିଥିଲା ବିଭିନ୍ନ ନଦୀର ଜଳସ୍ତର। ପାଣିପାଗ ବିଭାଗ ପକ୍ଷରୁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଥିବାବେଳେ, ପାଟଣା ଓ ଆନନ୍ଦପୁରରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିଲା ବୈତରଣୀ ନଦୀରେ ବନ୍ୟାଜଳ। ସ୍ଥିତିକୁ ଦେଖି ସଜାଗ ରହିଛି ପ୍ରଶାସନ। ବିପଦସଙ୍କୁଳ ଅଂଚଳରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ବନ୍ୟା ଆଶ୍ରୟ ସ୍ଥଳିରେ ରଖାଯାଇଛି । ସେମାନଙ୍କୁ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। । ଆଗାମୀ କିଛି ଘଂଟାରେ ଉପରମୁଣ୍ଡରୁ ଆସୁଥିବା ପାଣି ଆନନ୍ଦପୁରରେ ପହଂଚବାର ଆଶଙ୍କା ଥିବାରୁ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି । ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ଦିଆଯାଉଛି ସର୍ବାଧିକ ଗୁରୁତ୍ୱ। ବିଶେଷକରି ତଳିଆ ଅଂଚଳର ଲୋକଙ୍କ ଉପରେ ରହିଛି ପ୍ରଶାସନର ନଜର। ତେବେ ଏବେ ଆଶ୍ୱସ୍ତିର ଖବର ମଧ୍ୟ ମିଳୁଛି। ବର୍ଷାର ପରିମାଣ ଧୀରେ ଧୀରେ କମିବା ସହ କିଛି ଅଂଚଳରେ ବନ୍ୟାଜଳ ମଧ୍ୟ ଛାଡ଼ିବା ଆରମ୍ଭ କରିଛି।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ସହଯୋଗ କ୍ଷେତ୍ରରେ ଆଉ ଏକ ପଦକ୍ଷେପ

## ସେଂଟ୍ରାଲ ୟୁନିଭର୍ସିଟି ଅଫ୍ ଓଡ଼ିଶା ଓ ସେଂଚୁରିଅନ ବିଶ୍ୱବିଦ୍ୟାଳୟ ସହ ଏମ୍‌ଓୟୁ

ଜୟପୁର,୧୮/୦୮ (ନି.ପ୍ର): ଉଚ୍ଚଶିକ୍ଷା, ଗବେଷଣା, ଦକ୍ଷତା ବିକାଶ ଏବଂ ଆନ୍ତଃବିଶ୍ୱବିଦ୍ୟାଳୟ ଶିକ୍ଷାଗତ ସହଯୋଗକୁ ସୁଦୃଢ଼ କରିବା ଦିଗରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ ନେଇଛି। ଗତ ୬ ଜୁଲାଇ ୨୦୨୬ ତାରିଖରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଏବଂ କୋରାପୁଟସ୍ଥିତ ସେଂଟ୍ରାଲ ୟୁନିଭର୍ସିଟି ଅଫ୍ ଓଡ଼ିଶା ମଧ୍ୟରେ ଏକ ବୁଝାମଣାପତ୍ର ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହି ସହଯୋଗ ମାଧ୍ୟମରେ ଉଭୟ ଅନୁଷ୍ଠାନ ଶିକ୍ଷା, ଗବେଷଣା, ଜ୍ଞାନ ଆଦାନ-ପ୍ରଦାନ ଏବଂ ଅନ୍ୟାନ୍ୟ ଶିକ୍ଷାଗତ କାର୍ଯ୍ୟକ୍ରମ କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବେ। ଏହାପରେ, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଏବଂ ସେଂଚୁରିଅନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଂଟ ମଧ୍ୟରେ ମଧ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଏମ୍‌ଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ସେନାପତି, ସିପିଜିସି ଡ଼. ପ୍ରଶାନ୍ତ କୁମାର ପାତ୍ର ଏବଂ ରେଜିଷ୍ଟ୍ରାର ଶ୍ରୀ ମହେଶ୍ୱର ଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା। ଏହି ବୁଝାମଣାପତ୍ରଗୁଡ଼ିକ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପାଇଁ ଇଂଟର୍ନସିପ୍, ଛାତ୍ର ବିନିମୟ କାର୍ଯ୍ୟକ୍ରମ, ଦକ୍ଷତା ବିକାଶ, ଶିଳ୍ପ ତାଲିମ ଏବଂ ଗବେଷଣାରେ ଅଂଶଗ୍ରହଣର ନୂତନ ସୁଯୋଗ ସୃଷ୍ଟି ହେବ। ସେହିପରି ଅଧ୍ୟାପକ ଓ ଗବେଷକମାନଙ୍କ ପାଇଁ ଫ୍ୟାକଲ୍ଟି ଏକ୍ସଚେଞ୍ଜ, ଯୁଗ୍ମ ଗବେଷଣା, ସେମିନାର, ସମ୍ମିଳନୀ, କର୍ମଶାଳା ଏବଂ ଯୁଗ୍ମ ପ୍ରକାଶନ ଭଳି କାର୍ଯ୍ୟକ୍ରମ ଆୟୋଜନର ସୁଯୋଗ ରହିବ। ଜାତୀୟ ଶିକ୍ଷା ନୀତି–୨୦୨୦ର ଲକ୍ଷ୍ୟ ଅନୁରୂପ ଏହି ସହଯୋଗ ଶିକ୍ଷା ସହିତ ଗବେଷଣା, ନବସୃଜନ ଏବଂ ଦକ୍ଷତା ବିକାଶକୁ ନୂତନ ଗତି ପ୍ରଦାନ କରିବ। ଏହି ପଦକ୍ଷେପ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ପ୍ରସାର ଓ ଆନ୍ତଃଅନୁଷ୍ଠାନିକ ସହଯୋଗକୁ ଆହୁରି ସୁଦୃଢ଼ କରିବା ସହ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଗବେଷକମାନଙ୍କ ପାଇଁ ନୂତନ ସମ୍ଭାବନାର ଦ୍ୱାର ଉନ୍ମୋଚନ କରିବ। ଉଭୟ ଅନୁଷ୍ଠାନ ମିଳିତ ଭାବେ ଗବେଷଣା ପ୍ରକଳ୍ପ, ଯୁଗ୍ମ ଗବେଷଣା, ସେମିନାର, ସମ୍ମିଳନୀ, କର୍ମଶାଳା, ନବସୃଜନ ଏବଂ ଦକ୍ଷତା ବିକାଶମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଏହି ବୁଝାମଣାପତ୍ର ଦ୍ୱାରା ଦୁଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶିକ୍ଷାଗତ ଓ ଗବେଷଣା ସହଯୋଗର ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ଏହା ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଗବେଷକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ସହିତ ଶିକ୍ଷା, ଗବେଷଣା, ନବସୃଜନ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ନୂତନ ଦିଗ ପ୍ରଦାନ କରିବ।

# ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ପ୍ରବଳ ବନ୍ୟା: ବନ୍ୟା ପାଣିରେ ବୁଡିଛି ୪୦ଟି ଗାଁ

## କଲବଲ ହେଉଛନ୍ତି ୬୬ ହଜାର ଲୋକ, ଭୋକ ଉପାସରେ ୨୦ ହଜାର ଗାଈଗୋରୁ

ଆଳି, ୧୮/୮ (ନି.ପ୍ର): ପ୍ରଥମ ଓ ଦ୍ୱିତୀୟ ବନ୍ୟା ଦାଉରୁ ସାଧାରଣ ଲୋକ ମାନେ ମୁକୁଳି ପାରିନଥିବା ବେଳେ ତୃତୀୟ ବନ୍ୟା ଆସି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକର ୨୨ ଟି ଗ୍ରାମ ପଞ୍ଚାୟତର ୪୦ ଟି ଗ୍ରାମକୁ ସମ୍ପୂର୍ଣ୍ଣ ଭାବେ ବୁଡାଇ ଦେଇଛି । ୨୨ ଟି ପଞ୍ଚାୟତର ୭୦ ହଜାର ଲୋକ ପାଣି ଘେରରେ ରହିଥିବା ବେଳେ ୨୦ ହଜାର ଗୃହ ପାଳିତ ପଶୁ ଗୁହାଳରେ ବନ୍ଧା ହୋଇ ଭୋକ ଉପାସରେ ପଡି ରହିଛନ୍ତି । ଆଳି ଅଞ୍ଚଳରେ ପ୍ରବାହିତ ସମସ୍ତ ନଦୀ ଏବେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ତିନୋଟି ନଦୀରେ ବନ୍ୟା ଆସିବା ଯୋଗୁଁ ଆଳିର ୨୨ ଟି ପଞ୍ଚାୟତର ୭୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । କାଣୀନଦୀରେ ବନ୍ୟା ଆସି ଆଳି ଧୋୟାଞ୍ଚଳର ମୁଖ୍ୟ ରାସ୍ତା ମାନପୁର -ଗୋବିନ୍ଦପୁର ରାସ୍ତା ସମ୍ପୂର୍ଣ୍ଣ ଭାବେ ବୁଡିଯାଇଥିବା ବେଳେ ଡ଼ଙ୍ଗା ଏକମାତ୍ର ଯାତାୟାତର ମାଧ୍ୟମ ସାଜିଛି । ମାନପୁର ଘୋଷରା ନିକଟରେ ଡ଼ଙ୍ଗାରେ ଦୁଇଶହ ଟଙ୍କା ଖର୍ଚ୍ଚ କରି ଯାତାୟାତ କରୁଛନ୍ତି ଅଞ୍ଚଳବାସୀ ।



ବନ୍ୟା ଯୋଗୁଁ ଭୂଇଁପୁର ପଞ୍ଚାୟତର କଳମଡ଼ା ଶାସନ, ମାନପୁର, ଢ଼ିମିରିପାଳ, ଅରଗଳ, ପଦନୀପାଳ,ସଂସିଧା, ପେତପଡା, ଜୁଆଣିଆ, ଗୋବିନ୍ଦପୁର, ଦେସାହି, କେତୁଆପାଳ, ପାଳିମି, ଏରଡ଼ଙ୍ଗ ଆଦି ୧୨ ଟି ପଞ୍ଚାୟତ ସମ୍ପୂର୍ଣ୍ଣ ଭାବେ ବୁଡି ଯାଇଛି । ବନ୍ୟାଜଳରେ ରାସ୍ତା, ଘାଟ, ଘର, ଚାଷ ଜମି ସବୁକିଛି ସମାନ ହୋଇଯାଇଛି । ସେହିପରି ବ୍ରାହ୍ମଣୀ ନଦୀ କୂଳରେ ଥିବା ପତ୍ରପୁର ପଞ୍ଚାୟତର ଦରଘାସାହିର ପ୍ରାୟ ୪୦ ପରିବାର ଏବେ ପାଣି ଘେରରେ ରହିଛନ୍ତି । ସେହିପରି ନରେନ୍ଦ୍ରପୁର ପଞ୍ଚାୟତର ଗୋପାଳପୁରର ,କଅଁରପୁର ଓ଼ ନରେନ୍ଦ୍ରପୁର ଗ୍ରାମର ପ୍ରାୟ ଚାରିଶହ ପରିବାର ପାଣି ଘେରରେ ରହିଛନ୍ତି । ଗୋଟିଏ ଘରୁ ଅନ୍ୟ ଘରକୁ ଯିବା ମଧ୍ୟ ଅସମ୍ଭବ । ବନ୍ୟା ଯୋଗୁଁ ଗାଁ ରାସ୍ତା ବୁଡିଯିବା ଯୋଗୁଁ ପେଟେ ଲେଖାଁ ପାଣିରେ ପଶି ଯିବା ଆସିବା କରୁଛନ୍ତି ଗ୍ରାମବାସୀ । ସେହିପରି ମାଣିକପାଟଣା ପଞ୍ଚାୟତର ୯ନମ୍ବର, ୧୨ ନମ୍ବର ଓ ୧୩ ନମ୍ବର ୱାର୍ଡରେ ଥିବା ତିନିଶହରୁ ଉର୍ଦ୍ଧ୍ୱ ପରିବାର ବନ୍ୟାଜଳ ଘେରରେ । ବଡାମ୍ବିଳା ପଞ୍ଚାୟତର ସାହୁପଡ଼ା ଗ୍ରାମଟି ବ୍ରାହ୍ମଣୀ ନଦୀ ଅବବାହିକାରେ ରହୁଥିବାରୁ ଏହା ସମ୍ପୂର୍ଣ୍ଣ ଭାବେ ଜଳବନ୍ଦୀ ଅବସ୍ଥାରେ । କୋଳିଡ଼ିହ ପଞ୍ଚାୟତର ବିଜୟନଗର, ଦିନିଆରି,ତଅଁଲାଡିହା, ଇଚ୍ଛାପୁର ଓ ଜାମୁଦଙ୍ଗା ଗ୍ରାମଟି ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ସେହିପରି ଖରସ୍ରୋତା ନଦୀର ଜଳସ୍ତର ବୃଦ୍ଧି ପାଇ ବଡ଼ମୂଳସାହି ଗ୍ରାମର ଅନେକ ଘର ବୁଡି ରହିଥିବା ବେଳେ ଖଣ୍ଡିଆପାଟଣା ଗ୍ରାମର ଲୋକଙ୍କ ଘର ଚାରିପଟେ ବନ୍ୟାପାଣି ବୁଡି ରହିଛି । ବନ୍ୟା ଯୋଗୁଁ ଅନେକ ଘର ପାଣିରେ ବୁଡି ରହିଥିବା ବେଳେ ଅନେକ କଚ୍ଚାଘର ଭାଙ୍ଗିଯାଇଛି । ଘରେ ପାଣି ପଶି ଯାଇଥିବା ବେଳେ ଚୁଲିରେ ପାଣି ପଶି ଯାଇଥିବରୁ ରୋଷେଇ ବନ୍ଦ ହୋଇଯାଇଛି । ଘରୁ ବାହାରକୁ ବାହାରି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଆଣିବା ମଧ୍ୟ ସେମାନଙ୍କ ପାଇଁ କଷ୍ଟକର ହୋଇ ପଡ଼ିଥିବା ବେଳେ ପ୍ରଶାସନିକ ଅଧିକାରୀ ମାନେ ବନ୍ୟାବିପନ୍ନ ମାନଙ୍କ ନିକଟରେ ପହଞ୍ଚିନଥିବା ନେଇ ଅଭିଯୋଗ କରିଛନ୍ତି । ଆଳି ଧୋୟାଞ୍ଚଳ ବାସୀ ପତିନି ସପ୍ତାହ ହେବ ଜଳବନ୍ଦୀ ଥିବା ବେଳେ ସେମାନଙ୍କୁ ଯେଉଁ ସହାୟତା ଦିଆଯାଇଛି ତାହା ସମୁଦ୍ରକୁ ଶଙ୍ଖେ ବୋଲି ବନ୍ୟା ବିପନ୍ନ ଅଭିଯୋଗ କରିଛନ୍ତି । ଅଧକେଜି ଚୁଡା ଓ ପଚାଶ ଗ୍ରାମ ଗୁଡ଼ ଦେଇ ପ୍ରଶାସନ ସାଧାରଣ ଲୋକଙ୍କୁ ଦେଇ ବସି ଯାଇଥିବା ବେଳେ ଗୁହାଳରେ ବନ୍ଧା ହୋଇଥିବା ଗାଈଗୋରୁ କୋଡିଏ ଦିନ ହେବ ଗୁହାଳରେ ଥିବା ବେଳେ ୩ କେଜି ଗୋଖାଦ୍ୟ ଦେଇ ଦାୟିତ୍ୱ ସାରିଦେଇଛି ପ୍ରଶାସନ । ତୃତୀୟ ବନ୍ୟା ଆସି ତିନି ଦିନ ହେବ ଅଞ୍ଚଳରେ ପ୍ରବଳ ବନ୍ୟା ପରିସ୍ଥିତି ଦେଖା ଦେଇଥିବା ବେଳେ ଏ ଯାଏଁ ପ୍ରଶାସନ ପକ୍ଷରୁ କିଛି ସହାୟତା ଦିଆ ଯାଇନି । ଯାହାଫଳରେ ଲୋକମାନେ ଭୋକ ଉପାସରେ ରହିଛନ୍ତି । ଏ ନେଇ ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ବନ୍ୟାରେ ୨୨ ଟି ପଞ୍ଚାୟତର ୪୦ ଟି ଗାଁ ର ୬୬ ହଜାର ଲୋକଙ୍କ ନିମନ୍ତେ ଚୁଡ଼ା, ଗୁଡ଼, ବିସ୍କୁଟ ଓ ପାଣି ଆସିଛି । ସେହିପରି ଗାଈ ଗୋରୁଙ୍କ ପାଇଁ ଗୋଖାଦ୍ୟ ଆସିଛି । ପ୍ରତି ପଞ୍ଚାୟତର ଜରୁରୀ କାର୍ଯ୍ୟ ନିମନ୍ତେ ଗୋଟିଏ ଲେଖା ଡ଼ଙ୍ଗା ଯୋଗାଇ ଦିଆଯାଇଥିବା ନେଇ ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ ସୂଚନା ଦେଇଛନ୍ତି ।

# ଆରଏସପିର ପ୍ରଥମ 'ମୋଟିଭେସନାଲ୍ ସ୍କିମ୍' ଅଧୀନରେ ନବସୃଜନକାରୀ ପୁରସ୍କୃତ

ରାଉରକେଲା,୧୮/୦୮ (ନି.ପ୍ର): ସ୍ୱାଧୀନତା ଦିବସ ପାଳନ ଅବସରରେ ରାଉରକେଲା ଇସ୍ପାତ କାରଖାନା ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, କାରଖାନା ର ଅଧିକାରୀ ଓ କର୍ମଚାରୀ ମାନଙ୍କ ପାଇଁ ପ୍ରଥମ ଥର ପାଇଁ ପ୍ରଚଳିତ 'ମୋଟିଭେସନାଲ୍ ସ୍କିମ୍' ଅଧୀନରେ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଟ୍ରଫି, ଯୋଗ୍ୟତା ପ୍ରମାଣପତ୍ର ଏବଂ ଉପହାର ଭାଉଚର୍ ପ୍ରଦାନ କରିଥିଲେ। ୨୦୨୬-୨୭ ଆର୍ଥିକ ବର୍ଷରୁ ପ୍ରଚଳିତ ଏହି ଯୋଜନାର ଲକ୍ଷ୍ୟ ହେଉଛି କର୍ମଚାରୀମାନଙ୍କ ମଧ୍ୟରେ ସୃଜନଶୀଳତା, ନବସୃଜନ ଏବଂ ନିରନ୍ତର ଉନ୍ନତିର ଭାବନାକୁ ପ୍ରୋତ୍ସାହିତ କରିବା ସହ ସୁରକ୍ଷା, ରକ୍ଷଣାବେକ୍ଷଣ ଓ ଡିଜିଟାଲ୍ ନବସୃଜନ କ୍ଷେତ୍ରରେ ସେମାନଙ୍କ ଅବଦାନକୁ ଉତ୍ସାହିତ କରିବା। ଏହି ଯୋଜନାରେ ଆରଏସପିର ଇ -୭ ସ୍ତର ପର୍ଯ୍ୟନ୍ତ ସମସ୍ତଙ୍କୁ ସାମିଲ କରାଯାଇଛି ଏବଂ ଜୋନ୍ ଭିତ୍ତିକ ଏହା ବିଭକ୍ତ । ସମଗ୍ର କାରଖାନା କୁ ଆଇରନ୍, ଷ୍ଟିଲ୍, ମିଲ୍ସ, ସର୍ଭିସେସ୍, ମେଣ୍ଟେନାନ୍ସ ଏବଂ ନନ୍-ୱର୍କସ୍ ଭଳି ୬ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଜୋନ୍‌ରେ ଅଧିକାରୀ ଏବଂ କର୍ମଚାରୀ ବର୍ଗ ପାଇଁ ପୃଥକ ଭାବେ ପୁରସ୍କାର ପ୍ରଦାନ କରାଯାଇଛି । ଶ୍ରେଷ୍ଠ ନବସୃଜନକାରୀ ଏବଂ ଦ୍ୱିତୀୟ ଶ୍ରେଷ୍ଠ ନବସୃଜନକାରୀଙ୍କୁ



ଯଥାକ୍ରମେ ୧୦,୦୦୦ ଟଙ୍କା ଓ ୫,୦୦୦ ଟଙ୍କାର ଉପହାର ଭାଉଚର୍ ସହ ଯୋଗ୍ୟତା ପ୍ରମାଣପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଛି । ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ପାଇଁ ଆଇରନ୍ ଜୋନ ରୁ ଅଧିକାରୀ ବର୍ଗରେ ସିପିପି ୧ ର ଏଜିଏମ ଶ୍ରୀ ବିକିଲ୍ ଦେଓରାଓ ମାଲୱେ଼ ଶ୍ରେଷ୍ଠ ନବସୃଜନକାରୀ ଏବଂ ଏସ ପି ୨ ଡି ଜି ଏମ ଶ୍ରୀ ଶାନ୍ତନୁ କୁମାର ମହାନ୍ତ ଦ୍ୱିତୀୟ ଶ୍ରେଷ୍ଠ ନବସୃଜନକାରୀ ପୁରସ୍କାର ପାଇଥିଲେ। କର୍ମଚାରୀ ବର୍ଗରେ କୋକ୍ ଓଭେନ୍ସର ଓ ସି ଟି ଶ୍ରୀ ସୌରଭ କୁମାର ଶ୍ରେଷ୍ଠ ନବସୃଜନକାରୀ ଏବଂ ବ୍ଲାଷ୍ଟ ଫର୍ନେସ୍‌ର ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ସୌଭାଗ୍ୟ ଆର. ସତ୍ପସାଲ ଦ୍ୱିତୀୟ ଶ୍ରେଷ୍ଠ ନବସୃଜନକାରୀ ପୁରସ୍କାର ହାସଲ କରିଥିଲେ। ଷ୍ଟିଲ୍ ଜୋନ ରୁ ଫ୍ଲକ୍ସ ଓ ରୀଫ୍ରାକଟୋରି ର ଏ ଜି ଏମ ଶ୍ରୀ ଅଶ୍ୱିନୀ କୈନ୍ ଅଧିକାରୀ ବର୍ଗରେ ଶ୍ରେଷ୍ଠ ନବସୃଜନକାରୀ ପୁରସ୍କାର ପାଇଥିଲେ। ମିଲ୍ସ ଜୋନ୍ ରୁ ନୂତନ ପ୍ଲେଟ ମିଲ ର ଏ ଜି ଏମ ଶ୍ରୀ ନବୀନ ରାଜଭରାପୁ ଶ୍ରେଷ୍ଠ ନବସୃଜନକାରୀ ଏବଂ ହଟ ଷ୍ଟ୍ରିପ ମିଲ ୨ ର ଡି ଜି ଏମ ଶ୍ରୀ ରଶ୍ମି ରଞ୍ଜନ ମହାନ୍ତି ଦ୍ୱିତୀୟ ଶ୍ରେଷ୍ଠ ନବସୃଜନକାରୀ ପୁରସ୍କାର ପାଇଥିଲେ। କର୍ମଚାରୀ ବର୍ଗରେ ରୋଲ ସପ ର ଜୁନିୟର ଇଂଜିନୀରିଙ୍ଗ ଏସୋସିଏଟ ଶ୍ରୀ ଅଂଶୁମାନ ମିଶ୍ର ଶ୍ରେଷ୍ଠ ନବସୃଜନକାରୀ ପୁରସ୍କାର ପାଇଥିଲେ। ସର୍ଭିସେସ୍ ଜୋନ୍ ରୁ ଡିଜିଟାଲାଇଜେସନ୍ ବିଭାଗର ଇଂଜିନୀରିଙ୍ଗ ଏସୋସିଏଟ ଶ୍ରୀ ବିଘ୍ନେଶ ସାହୁ କର୍ମଚାରୀ ବର୍ଗରେ ଶ୍ରେଷ୍ଠ ନବସୃଜନକାରୀ ପୁରସ୍କାର ପାଇଥିଲେ। ନନ୍-ୱର୍କସ୍ ଜୋନ୍ ରୁ ପ୍ରୋଜେକ୍ଟ ବିଭାଗର ସିନିୟର ମ୍ୟାନେଜର ଶ୍ରୀ ବିବେକ କୁମାର ଯାଦବ ଅଧିକାରୀ ବର୍ଗରେ ଶ୍ରେଷ୍ଠ ନବସୃଜନକାରୀ ପୁରସ୍କାର ହାସଲ କରିଥିଲେ।

# ଜିଲ୍ଲା ପ୍ରେସ କ୍ଲବ ଓ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ




ଖୋର୍ଦ୍ଧା, ୧୮/୮ (ନି.ପ୍ର): ଦେଶପ୍ରେମ, ଜାତୀୟ ଏକତା ଓ ସ୍ୱାଧୀନତା ସଂଗ୍ରାମର ବୀର ସହିଦମାନଙ୍କ ସ୍ମୃତିଚାରଣ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ଓ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓ.ୟୁ.ଡବ୍ଲ୍ୟୁ.ଜେ.) ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଖୋର୍ଦ୍ଧାସ୍ଥିତ ଜିଲ୍ଲା ପ୍ରେସ କ୍ଲବ ପରିସରରେ ଆୟୋଜିତ ଏହି ଉତ୍ସବରେ ସାମ୍ବାଦିକ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ ଏକତ୍ରିତ ହୋଇ ସ୍ୱାଧୀନତାର ମୂଲ୍ୟବୋଧକୁ ସ୍ମରଣ କରିଥିଲେ। ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ, ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ତଥା ଜିଲ୍ଲା ପ୍ରେସ କ୍ଲବର ସମ୍ପାଦକ ପ୍ରକାଶ କୁମାର ହାତୀ ଅନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପତାକା ଉତ୍ତୋଳନ ପରେ ଉପସ୍ଥିତ ସମସ୍ତେ ଜାତୀୟ ପତାକା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହ ଦେଶର ମହାନ ସ୍ୱାଧୀନତା ସଂଗ୍ରାମୀ ଓ ବୀର ସହିଦମାନଙ୍କୁ ଶ୍ରଦ୍ଧାର ସହ ସ୍ମରଣ କରିଥିଲେ। ଏହି ଅବସରରେ ଶ୍ରୀ ହାତୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଦେଶର ସ୍ୱାଧୀନତା କେବଳ ଏକ ଐତିହାସିକ ଘଟଣା ନୁହେଁ, ଏହା ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ସଂଘର୍ଷ ଓ ଆତ୍ମବଳିଦାନର ଫଳ। ବ୍ରିଟିଶ ଶାସନର ଅତ୍ୟାଚାର ବିରୋଧରେ ଦେଶର ଅଗଣିତ ବୀର ଯୋଦ୍ଧା ନିଜ ଜୀବନକୁ ବାଜି ଲଗାଇଥିଲେ। ସେମାନଙ୍କ ତ୍ୟାଗ ଓ ଦେଶ ପ୍ରେମକୁ ଆମେ କେବେ ଭୁଲିପାରିବା ନାହିଁ। ଆଜିର ପିଢ଼ି ସେହି ତ୍ୟାଗରୁ ପ୍ରେରଣା ନେଇ ଦେଶର ଏକତା, ଅଖଣ୍ଡତା, ଗଣତନ୍ତ୍ର ଓ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ପାଇଁ ଆଗେଇ ଆସିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ ଯେ, ଗଣମାଧ୍ୟମ ଗଣତନ୍ତ୍ରର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସାମ୍ବାଦିକମାନଙ୍କ ଉପରେ ସତ୍ୟ ଓ ନିରପେକ୍ଷ ଖବର ଲୋକଙ୍କ ନିକଟରେ ପହଞ୍ଚାଇବାର ବଡ଼ ଦାୟିତ୍ୱ ରହିଛି। ସମାଜର ଅବହେଳିତ, ନିଷ୍ପେଷିତ ଓ ସମସ୍ୟା ଗ୍ରସ୍ତ ଲୋକଙ୍କ ସ୍ୱରକୁ ପ୍ରଶାସନ ଓ ସରକାରଙ୍କ ନିକଟରେ ପହଞ୍ଚାଇବା ସହ ଜନସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗକୁ ନିର୍ଭୀକ ଭାବେ ଉଠାଇବା ସାମ୍ବାଦିକତାର ମୂଳ ଦାୟିତ୍ୱ ବୋଲି ସେ ଉଲ୍ଲେଖ କରିଥିଲେ। ଜିଲ୍ଲା ପ୍ରେସ କ୍ଲବର ଆଇନ ପରାମର୍ଶଦାତା ଅବ୍ୟକ୍ତ ହରିହର ଖାଡ଼ଙ୍ଗା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସେ ସ୍ୱାଧୀନତା ଦିବସର ଐତିହାସିକ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ସ୍ୱାଧୀନତା ପରେ ଦେଶ ଗଠନରେ ସାଧାରଣ ନାଗରିକଙ୍କ ଭୂମିକା ଉପରେ ମତ ରଖିଥିଲେ। ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ସମାଜରେ ଭାଇଚାରା, ସହନଶୀଳତା ଓ ପରସ୍ପର ସମ୍ମାନର ଭାବନାକୁ ମଜବୁତ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି ପ୍ରଭାତ କୁମାର ପାଣିଗ୍ରାହୀ ସ୍ୱାଧୀନତା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ସ୍ୱାଧୀନତା ସଂଗ୍ରାମର ଦୀର୍ଘ ଇତିହାସ, ସ୍ୱାଧୀନତା ସଂଗ୍ରାମୀଙ୍କ ଅସୀମ ତ୍ୟାଗ ଏବଂ ସ୍ୱାଧୀନ ଭାରତର ନାଗରିକ ଭାବେ ଆମର କର୍ତ୍ତବ୍ୟ ଉପରେ ସେ ଆଲୋଚନା କରିଥିଲେ। ଦେଶର ସ୍ୱାଧୀନତାକୁ ସୁରକ୍ଷିତ ରଖିବା ସହ ଆଗାମୀ ପିଢ଼ିକୁ ଦେଶପ୍ରେମ, ଶୃଙ୍ଖଳା ଓ ଦାୟିତ୍ୱବୋଧର ବାର୍ତ୍ତା ପହଞ୍ଚାଇବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ ମତ ପ୍ରକାଶ କରିଥିଲେ। ଉପସ୍ଥିତ ସାମ୍ବାଦିକମାନେ ସ୍ୱାଧୀନତାର ସୁରକ୍ଷା ସହ ଗଣତନ୍ତ୍ରରେ ସ୍ୱାଧୀନ ଓ ଦାୟିତ୍ୱଶୀଳ ଗଣମାଧ୍ୟମର ଭୂମିକା ନେଇ ମତ ବିନିମୟ କରିଥିଲେ। ସାମ୍ବାଦିକତା କେବଳ ଖବର ପରିବେଷଣରେ ସୀମିତ ନ ରହି ଜନସାଧାରଣଙ୍କ ସମସ୍ୟା, ସରକାରୀ ଯୋଜନାର ବାସ୍ତବ ସ୍ଥିତି ଏବଂ ସମାଜର ବିଭିନ୍ନ ଅସଙ୍ଗତିକୁ ଲୋକଲୋଚନକୁ ଆଣିବାରେ ଅଧିକ ସକ୍ରିୟ ହେବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଦିଲ୍ଲୀପ କୁମାର ପଟ୍ଟନାୟକ, ଶୁଭକାନ୍ତ ମହାପାତ୍ର, ପ୍ରବୀଣ ଭଞ୍ଜ, ଗୋପାଳ କୃଷ୍ଣ ଦାସ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ, ରାମଚନ୍ଦ୍ର ଜୁଝାର ସିଂହ, ସୟଦ ଅନସର ଅଲ୍ଲୀ, ଇକବାଲ ଅହମ୍ମଦ, ଜୋହେବ ହକ୍, ଗୋପାଳ କୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଦେଶର ଏକତା ଓ ଅଖଣ୍ଡତା ଅକ୍ଷୁଣ୍ଣ ରଖିବା, ସମ୍ବିଧାନର ମର୍ଯ୍ୟାଦାକୁ ସମ୍ମାନ କରିବା ଏବଂ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସମସ୍ତେ ସଂକଳ୍ପ ନେଇଥିଲା। ସ୍ୱାଧୀନତା ଦିବସର ଏହି ଆୟୋଜନ ଖୋର୍ଦ୍ଧାର ସାମ୍ବାଦିକ ମହଲରେ ଦେଶପ୍ରେମ ଓ ସାମାଜିକ ଦାୟିତ୍ୱବୋଧର ଏକ ସୁନ୍ଦର ବାର୍ତ୍ତା ଦେଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଓଡ଼ିଶାରେ ସକ୍ରିୟ ଲଘୁଚାପ...

ଏହି ଜିଲ୍ଲାଗୁଡ଼ିକରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ବର୍ଷା ସହ ବଜ୍ରପାତ ଓ ଝଟକା ପବନର ଆଶଙ୍କା ମଧ୍ୟ ରହିଛି। ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ପର୍ଯ୍ୟନ୍ତ ରହିପାରେ। ବିଶେଷକରି ଅରେଞ୍ଜ୍ ଓ ୟେଲୋ ୱାର୍ଣ୍ଣିଂ ଥିବା ଜିଲ୍ଲାଗୁଡ଼ିକରେ ସତର୍କ ରହିବାକୁ ପରାମର୍ଶ ଦେଇଛି ପାଣିପାଗ ବିଭାଗ । ଚିନ୍ତା ବଢ଼ାଉଛି ଆସୁଥିବା ଆଉ ଏକ ଲଘୁଚାପ । ଆସନ୍ତା ୨୨-୨୩ ଅଗଷ୍ଟ ଆଡ଼କୁ ଉତ୍ତର ଓଡ଼ିଶା ଉପକୂଳରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରଭାବିତ ହେବ ଉତ୍ତର ଓଡ଼ିଶା ।

### ବନ୍ୟା ଆଣିଛି ବିପତ୍ତି:...

ତଳିଆ ଅଞ୍ଚଳରେ ସମସ୍ତେ ବାସହରା । ଯାଜପୁର, ଭଦ୍ରକ ହେଉ ଅବା କେନ୍ଦ୍ରାପଡ଼ା । ଅନେକ ଗାଁରେ ବନ୍ୟାଜଳ ଚାଳଛପର ଛୁଇଁଲାଣି । କେଉଁଠି କାନ୍ଥ ଧସି ମାଟିକାମୁଡ଼ିଲାଣି ଚାଳ । ପକ୍କାଘର ଥିବା ଲୋକମାନେ ଛାତ ଉପରେ ଆଶ୍ରୟ ନେଇଛନ୍ତି। ଆଉ ଅନ୍ୟମାନେ ବନ୍ଧ ଉପରେ ଜରିପାଲ ଟାଣିଛନ୍ତି । ଯେଉଁଠି ପଶୁ ସେଇଠି ମଣିଷ । ଯେଉଁ ଗାଁ ଗୁଡ଼ିକରେ ଡଙ୍ଗା ଚାଲୁଛି, ଘରୁ ଗୋଡ଼ କାଢ଼ିଲେ ଛାତିଏ ପାଣି, ସେଠି ରାତି ପାହିଲେ ଖାଦ୍ୟ ଓ ପାଣି ପାଇଁ ସଂଘର୍ଷ ଦେଖିବାକୁ ମିଳୁଛି । ଏବେ ବି ଅନେକ ସ୍ଥାନରେ ରିଲିଫ ପହଞ୍ଚିପାରିନଥିବାରୁ ଲୋକେ ପାଣିରେ ପଶି ଖାଦ୍ୟ ଓ ପାଣି ଆଣୁଥିବା ଦେଖିବାକୁ ମିଳିଛି ।

### ୫ ହଜାର ଟଙ୍କା ଲାଞ୍ଚ...

ତାଙ୍କ ନିକଟରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଏହା ପରେ ତାଙ୍କର ଗୋପାଳଗାଁ ସ୍ଥିତ ବାସଭବନ ଓ ଅନ୍ୟାନ୍ୟ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା। ତାଙ୍କ ବିରୋଧରେ ଭିଜିଲାନ୍ସର ତଦନ୍ତ ଜାରି ରହିଛି।

### ଫାଶୀ ପ୍ରକ୍ରିୟା ବଦଳାଇବାର...

ଏହାସହ ମାମଲାଟିକୁ ବଡ଼ ବେଞ୍ଚ୍ ନିକଟକୁ ପୁନର୍ବିଚାର ପାଇଁ ପଠାଇବାକୁ ମଧ କୋର୍ଟ ମନା କରିଦେଇଛନ୍ତି । ଅର୍ଥାତ୍, ବର୍ତ୍ତମାନ ପାଇଁ ଦେଶରେ ଫାଶୀ ଦଣ୍ଡ ଦେବାର ପ୍ରଚଳିତ ବ୍ୟବସ୍ଥା ଜାରି ରହିବ । ତେବେ ଭବିଷ୍ୟତରେ ଏହାଠାରୁ ଅଧିକ ମାନବିକ ଓ ଯନ୍ତ୍ରଣାମୁକ୍ତ ପଦ୍ଧତି ଆପଣାଇବା ନେଇ ସରକାର ବିଚାର କରିପାରିବେ ବୋଲି ସୁପ୍ରିମକୋର୍ଟ ସଙ୍କେତ ଦେଇଛନ୍ତି ।

### ହର୍ମୁଜକୁ 'ନୂତନ ଆମେରିକୀୟ...

ବୋଲି ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଜୁନ୍ ମାସରେ ସ୍ୱାକ୍ଷରିତ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମା ଅନୁଯାୟୀ ଆମେରିକା ନିଜର ପ୍ରତିଶ୍ରୁତି ପୂରଣ ନକରିବା ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ମାର୍ଗକୁ ବନ୍ଦ ରଖାଯିବ ବୋଲି ତେହେରାନ ଜିଦ୍ ଧରିବା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଅପରପକ୍ଷରେ, ଆମେରିକାର ନୌସେନା ଅବରୋଧ ଯୋଗୁଁ ଏହି ପ୍ରଣାଳୀ ଉପରେ ସେମାନଙ୍କର ପୂର୍ଣ୍ଣ ପ୍ରଭାବ ରହିଛି ବୋଲି ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ଟ୍ରମ୍ପ ଦୋହରାଇଛନ୍ତି। ଇରାନ ବିପକ୍ଷ ଯୁଦ୍ଧରେ ସେମାନଙ୍କୁ ସମ୍ପୂର୍ଣ୍ଣ ଭାବେ ପରାସ୍ତ କରିବା ପରେ ଏହି ପ୍ରଣାଳୀକୁ ଆମେରିକାର ଭୂଖଣ୍ଡ ଭାବେ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ ବୋଲି ସେ ଲଙ୍ଗ୍ ଆଇଲ୍ୟାଣ୍ଡରେ ଆୟୋଜିତ ଏକ ରିପବ୍ଲିକାନ ସମାବେଶରେ ପ୍ରକାଶ କରିଥିଲେ।

# ଜଳେଶ୍ୱର ପୋଲିସର ବଡ଼ ସଫଳତା: ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଓକିଲଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା, ୫ ଜଣ କୁଖ୍ୟାତ ସୁପାରୀ କିଲର ଗିରଫ



ଜଳେଶ୍ୱର, ୧୮/୮ (ନି.ପ୍ର): ଜଳେଶ୍ୱର ପୋଲିସକୁ ବଡ଼ ସଫଳତା ମିଳିଛି। ବିଳମ୍ବ ହେଲେ ମଧ ୫ ଜଣ କୁଖ୍ୟାତ ସୁପାରୀ କିଲରକୁ ଗିରଫ କରି ପୋଲିସ କେଶ ନମ୍ବର ୪୬୪/୨୬ ମୂଳେ କୋର୍ଟ ପଠାଇଲା ପୋଲିସ ମୁଖ୍ୟ ଆସାମୀ ସହିତ ୪ ଜଣ ଫେରାର ଥିବା ନେଇ ଆଜି ଜଳେଶ୍ୱର ଥାନା ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଲେ ବାଲେଶ୍ୱର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପରେଶ କୁମାର ରାଉତ। ସୂଚନା ଅନୁଯାୟୀ ଗତ ୧୦ ତାରିଖ ଦିନ ସିଦ୍ଧାର୍ଥ ଦାସ ନାମକ ଓକିଲ ଜଳେଶ୍ୱର କୋର୍ଟରୁ ଅପରାହ୍ନ ସମୟରେ ଘରକୁ ଫେରୁଥିଲା ବେଳେ ୧୬ ନମ୍ବର ଜାତୀୟ ରାଜପଥ ଶାନ୍ତିଆ ନିକଟରେ ଏକ ବାଇକରେ ୩ ଜଣ ଦୃବୃତ୍ତ ଆସି ଏକ ଧାରୁଆ ଅସ୍ତ୍ରରେ ମାରାନ୍ତକ ଆକ୍ରମଣ କରିଥିଲେ।ସିଦ୍ଧାର୍ଥର କାନ୍ଧ ଓ ହତାରେ ଗଭୀର କ୍ଷତ ହୋଇଥିଲା ବେଳେ ସେ ଗୁରୁତର ଅବସ୍ଥାରେ କଟକରେ ଚିକିତ୍ସିତ ହେଉଛନ୍ତି। ତେବେ ଉକ୍ତ ଆକ୍ରମଣ ଘଟଣାରେ ୫ ଜଣ ସୁପାରୀ କିଲରକୁ ପୋଲିସ ଆଜି ଗିରଫ କରି କୋର୍ଟ ପଠାଇ ଥିବା ବେଳେ ସେମାନେ ଆକ୍ରମଣ ସମୟରେ ବ୍ୟବହାର କରିଥିବା ଧାରୁଆ ଅସ୍ତ୍ର ଓ ଦୁଇଟି ବାଇକ ଜବତ କରିଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ବାଲେଶ୍ୱର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପରେଶ କୁମାର ରାଉତ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ହୋଇଥିବା ବେଳେ ମୁଖ୍ୟ ଆସାମୀ ସହିତ ଆଉ ୩ ଜଣ ଫେରାର ଥିବା ବେଳେ ଖୁବ ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି।ଆକ୍ରମଣ ପାଇଁ ୫ ଲକ୍ଷ ଟଙ୍କା ଡିଲ ହୋଇଥିବା ବେଳେ ୧ ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିବା ନେଇ ସୂଚନା ଦେଇଛନ୍ତି ଅତିରିକ୍ତ ଅତିରିକ୍ତ ଅଧିକ୍ଷକ।ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜଳେଶ୍ୱର ଏସଡିପିଓ ସୁରେଶ ଚନ୍ଦ୍ର ତ୍ରିପାଠୀ ଓ ଜଳେଶ୍ୱର ଥାନା ଅଧିକାରୀ ଅଶୋକ କୁମାର ବାରିକ ଉପସ୍ଥିତ ଥିଲେ।

# ସାପ୍ତାହିକ 'ରାଜ୍ୟ କାହାଣୀ'ର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ ଅନୁଷ୍ଠିତ




ଭୁବନେଶ୍ୱର, ୧୮/୮ (ନି.ପ୍ର): ସାପ୍ତାହିକ ସମ୍ବାଦପତ୍ର 'ରାଜ୍ୟ କାହାଣୀ'ର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ ଭୁବନେଶ୍ୱର ବୁଦ୍ଧମନ୍ଦିର ଠାରେ, ଓଡିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କବି ରକ୍ଷକ ନାୟକଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବରିଷ୍ଠ ସାମ୍ବାଦିକ ବିଭୂତି ଭୂଷଣ କର। ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ଓଡ଼ିଆ ଭାଷା ଆନ୍ଦୋଳନର ମୁଖ୍ୟ ପବିତ୍ର ମହାରଥା। ବିଶେଷ ଅତିଥି ଭାବେ ବିଜେପି ନେତା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଏବଂ ସାହିତ୍ୟିକ ଡକ୍ଟର ଚକ୍ରଧର ଦାସ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବିଭୂତି ଭୂଷଣ କର କହିଥିଲେ ଯେ, ସମ୍ବାଦପତ୍ର ଆଜି ବହୁ ଆହ୍ୱାନ ମଧ୍ୟରେ ଗତି କରୁଛି। ଏହାର ମୁଖ୍ୟ କାରଣ ହେଉଛି ଉତ୍ତରଦାୟିତ୍ୱର ଅଭାବ। ମିଥ୍ୟା ଖବରର ପରିବେଷଣ ଦ୍ୱାରା ଗଣମାଧ୍ୟମ ପ୍ରଭାବିତ ହେଉଛି ଓ ସମାଜକୁ ଅପରିପକ୍ୱ କରାଯାଉଛି। ରାଜନୈତିକ ଦଳମାନେ ଏଥିରେ ଭୂମିକା ଗ୍ରହଣ କରୁଛନ୍ତି। ସମ୍ପାଦକ ଅଶୋକ ସାହୁ ପତ୍ରିକାର ଯାତ୍ରା ସମ୍ପର୍କରେ କହିଥିଲେ ଯେ, କିଛି ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପାଇଁ ରାଜ୍ୟକାହାଣୀ ତାର କାର୍ଯ୍ୟକ୍ରମ ଓ ପ୍ରକାଶନ ଜାରି ରଖିଛି। ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ମୁଦ୍ରିତ ଗଣମାଧ୍ୟମର ବିଭିନ୍ନ ଦିଗ ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କ କର୍ତବ୍ୟ ଉପରେ ଆଲୋଚନା କରିଥିଲେ। କବି ରକ୍ଷକ ନାୟକ କହିଥିଲେ ଯେ, ଓଡ଼ିଶାରେ ପତ୍ରିକା ମୃତ୍ୟୁ ହାର ସବୁଠାରୁ ଅଧିକ। ସାମାଜିକ ପ୍ରୋତ୍ସାହନର ଅଭାବ ଓ ବିଜ୍ଞାପନ ବିନା ପତ୍ରିକା ଚଳାଇବା କଷ୍ଟକର। ସାମାଜିକ ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରଭାବରେ ମୁଦ୍ରିତ ଗଣମାଧ୍ୟମ ପ୍ରତି ଲୋକଙ୍କ ଆଗ୍ରହ କମିଛି। ଚକ୍ରଧର ଦାସ କହିଥିଲେ ଯେ, ରାଜ୍ୟକାହାଣୀ କିଛି ନୂଆ କରିବା, ଭଲ ଲୋକଙ୍କୁ ଯୋଡ଼ିବା ଓ ଭଲ କାମ କରିବା ଲକ୍ଷ୍ୟରେ ଆଗକୁ ବଢ଼ୁଛନ୍ତି। ଶବ୍ଦର ବିପ୍ଳବରେ ରାଜ୍ୟ କାହାଣୀ ଆଗରେ ରହିବେ ବୋଲି ସେ ବିଶ୍ୱାସ ପ୍ରକାଶ କରିଥିଲେ। ପବିତ୍ର ମହାରଥା କହିଥିଲେ ଯେ, ଆଜିକାଲି ସମାଜରେ ସାମାଜିକ ସଦଭାବନା ଓ ଚଳଣି କମିଯାଇଛି। ଦୋଷ ଅନ୍ୟକୁ ନଦେଇ ନିଜକୁ ସୁଧାରିବା ଜରୁରୀ। ଜଗନ୍ନାଥ ସଂସ୍କୃତିରେ ଏପରି ନଥିଲା। ରାଜ୍ୟ କାହାଣୀ ଲୋକଙ୍କୁ ସାମାଜିକ ସଂସ୍କାର ଶିଖାଉଥାଉ ଓ ପୂର୍ବଜଙ୍କୁ ସମ୍ମାନ ମିଳୁଥାଉ। ସାମ୍ବାଦିକ ହୃଷିକେଶ ଗୌଡ଼ ଗ୍ରାମାଞ୍ଚଳ ସାମ୍ବାଦିକତା ଉପରେ ନିଜର ଅନୁଭବ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ହୃଷିକେଶ ଗୌଡ଼ ଓ ଚିତ୍ତ ରଞ୍ଜନ ପଟ୍ଟନାୟକ, ବଳରାମ ନନ୍ଦ ଅବସର ପ୍ରାପ୍ତ ସରକାରୀ ଅଧିକାରୀ ସୁଶାନ୍ତ ମହାନ୍ତି ଓ ଗୌରଚନ୍ଦ୍ର ମହାପାତ୍ର, ସମ୍ବଲପୁରର ସାହିତ୍ୟିକ ଓ ସାମ୍ବାଦିକ ରାଜାରାମ ପଣ୍ଡା ତଥା ମୁଖ୍ୟ ଶାସନ ସଚିବଙ୍କ ସୂଚନା ଲୋକସମ୍ପର୍କ ଅଧିକାରୀ ପଠାଣି ରାଉତଙ୍କୁ ରାଜ୍ୟକାହାଣୀ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶେଷରେ ରାଜ୍ୟକାହାଣୀ ସମ୍ପାଦକ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଙ୍ଘର ବାର୍ଷିକ ଅଧିବେଶନ ପାଇଁ ପ୍ରସ୍ତୁତି ବୈଠକ




ମୟୂରଭଞ୍ଜ, ୧୮/୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଙ୍ଘର ବାର୍ଷିକ ସାଧାରଣ ପରିଷଦ ବୈଠକ ଓ ନିର୍ବାଚନ ନିମନ୍ତେ ବାମନଘାଟି ଉପଖଣ୍ଡ ସ୍ତରୀୟ ପ୍ରସ୍ତୁତି ବୈଠକ ସଙ୍ଘର ଉପ -ସଭାପତି ଖୁଦିରାମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ସେପ୍ଟେମ୍ବର ମାସ ୧୩, ରବିବାର ଦିନ ରାଇରଙ୍ଗପୁରଠାରେ ସଙ୍ଘର ବାର୍ଷିକ ସାଧାରଣ ପରିଷଦ ବୈଠକ ଓ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି ଏହାକୁ ସଫଳ ଭାବେ ଆୟୋଜନ କରିବା ନିମନ୍ତେ ଏକ କୋର କମିଟି ଗଠନ କରାଯାଇଛି। ଏଥିରେ କଳିଙ୍ଗ ୟୁନିଅନ ଅଫ ୱାର୍କିଙ୍ଗ ଜର୍ଣ୍ଣାଲିଷ୍ଟସ ର କର୍ମକର୍ତ୍ତା ମାନଙ୍କୁ ନିମନ୍ତ୍ରଣ କରାଯିବା ସହିତ ଏକ ରାଜ୍ୟ ସ୍ତରୀୟ ଆଲୋଚନା ଚକ୍ର ମଧ ଅନୁଷ୍ଠିତ ହେବ। ଏହି ଅବସରରେ ଜିଲ୍ଲା ସଙ୍ଘର ପାଞ୍ଚ ଜାଣ ସକ୍ରିୟ ସଭ୍ୟଙ୍କୁ ସମ୍ମାନିତ କରାଯିବାକୁ ସ୍ଥିର ହୋଇଛି। ଏଥିସହିତ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କର ଦୀର୍ଘଦିନର ସମସ୍ୟା ସମାଧାନ ନିମନ୍ତେ ଏକ ଦାବିପତ୍ର ସ୍ଥାନୀୟ ପ୍ରଶାସନ ଜରିଆରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଉକ୍ତ ବୈଠକରେ କଳିଙ୍ଗ ୟୁନିଅନ ଅଫ ୱାର୍କିଙ୍ଗ ଜର୍ଣ୍ଣାଲିଷ୍ଟସ ର ରାଜ୍ୟ ସଭାପତି ମନୋଜ ଦାସ ଯୋଗଦେଇ ସୁଚିନ୍ତିତ ମତ ରଖିଥିଲେ। ଏଥିରେ ସଙ୍ଘର ବରିଷ୍ଠ ସଭ୍ୟ ସୌରଭ ପଟ୍ଟନାୟକ, ତୁଷାର ମହାନ୍ତ, ଅନଶନ ମହାନ୍ତ, ସୁଜିତ ପଟ୍ଟନାୟକ, ବିଶ୍ୱରଂଜନ ପାଲ, ପ୍ରଦୀପ ମହାନ୍ତ, ମେଘନାଦ ହେମ୍ବ୍ରମ, ଅନୱାର ହୁସେନ, ସୁବ୍ରତ ମହାନ୍ତି, ସୁମିତ ଦାସ, ଅମୀୟ ମହାନ୍ତି, ଶକ୍ତିକାନ୍ତ ଦାସ, ସ୍ୱପ୍ନକାନ୍ତ କାନୁନଗୋ, ନିରୋଜ ସାହୁ ଯୋଗଦେଇ ଆଲୋଚନା ରେ ନିଜର ମତବ୍ୟକ୍ତ କରିଥିଲେ। ଶେଷରେ ଅଶୋକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲିଆପାଳଠାରୁ ବିଜୟୱାଡ଼ା ନୂତନ ରେଳପଥ ନିର୍ମାଣ ପାଇଁ ମନ୍ତ୍ରୀଙ୍କୁ ଦିଆଗଲା ଦାବିପତ୍ର

ଉଦଳା , ୧୮/୮ (ନି.ପ୍ର): ବାଲିଆପାଳ ଠାରୁ ବିଜୟୱାଡ଼ା ପର୍ଯ୍ୟନ୍ତ ୧୦୫୦ କିଲୋମିଟର ନୂତନ ରେଳପଥ ନିର୍ମାଣ ପାଇଁ ଦାବି ଜଣାଉଥିବା କ୍ରିୟାନୁଷ୍ଠାନ କମିଟି ତାର ଉଦ୍ୟମ ଜାରି ରଖିଥିବାର ଖବର ଆମର ହସ୍ତଗତ ହୋଇଛି । ଏହି ରେଳପଥ ଭାୟା ବସ୍ତା, ହରିପୁର, ମେର୍ଦା, ବେତନଟୀ, ବଡ଼ସାହି, ଉଦଳା, କପ୍ତିପଦା, ଶରତ, ଦଇତାରି, ଘଟଗାଁ, ବୌଦ୍ଧ, ସୁବର୍ଣ୍ଣପୁର, ଭବାନିପାଟଣା, ନବରଙ୍ଗପୁର, ବାଲିମେଳା, ମାଲକାନାଗିରି, ଭେଲାରପଡୁ, ଟି.ନରସାପୁରମ ଓ ଓଜନଭିଡ଼ ଦେଇ ବିଜୟୱାଡ଼ାକୁ ଛୁଇଁବ ବୋଲି କୁହାଯାଉଛି । ଉକ୍ତ ରେଳପଥ ନିର୍ମାଣ ହେଲେ ଓଡ଼ିଶାର ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି ବହୁଲୋକ ମତ ଦେଇଛନ୍ତି । ଇତି ମଧ୍ୟରେ ଗଢ଼ି ଉଠିଥିବା କେନ୍ଦ୍ରୀୟ ଓଡ଼ିଶା ରେଳପଥ କ୍ରିୟାନୁଷ୍ଠାନ କମିଟି ଭାରତ ସରକାରଙ୍କର ରେଳବାଇ ବିଭାଗ ମନ୍ତ୍ରୀ ଅଶ୍ୱିନି ବୈଷ୍ଣବଙ୍କୁ ସାକ୍ଷାତ କରିବା ସହ ଏ ବାବଦରେ ଏକ ଦାବିପତ୍ର ପ୍ରଦାନ କରିଥିବାର ଜଣାଯାଇଛି । ତେବେ କ୍ରିୟାନୁଷ୍ଠାନ କମିଟିର ସଭାପତି ପୁର୍ବତନ ବିଧାୟକ ଶ୍ରୀନାଥ ସୋରେନ ଚଳିତ ଅଗଷ୍ଟ ୧୬ ତାରିଖ ରବିବାର ଦିନ ଉଦଳାସ୍ଥିତ ବିଜୁ ଜନତାଦଳ କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନି ଡ଼ାକି ଏ ସମ୍ପର୍କରେ ଅବଗତ କରାଇଛନ୍ତି । ଏହି ସମ୍ମିଳନିରେ ଅନ୍ୟ ମାନଙ୍କ ମଧ୍ୟରେ କମିଟିର ଉପସଭାପତି ବଡ଼ସାହିର ପୁର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ସମ୍ପାଦକ କମଳଲୋଚନ ବାରିକ ଓ ଆବାହକ ଜୟକିଶୋର ପାଣି ପ୍ରମୁଖ ଉପସ୍ଥିତ ଥିଲେ । କ୍ରିୟାନୁଷ୍ଠାନ କମିଟି ଚଳାଇଥିବା ତାର ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଏହାଦ୍ୱାରା ଓଡ଼ିଶାର ପ୍ରତ୍ୟେକଟି କୋଣ ଅନୁକୋଣର ବ୍ୟକ୍ତିଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହେବ ବୋଲି ବହୁ ଜ୍ଞାନିଗୁଣି ଲୋକ ମତ ଦେଇଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନିର ପ୍ରାରମ୍ଭରେ ବିଜୁ ଜନତାଦଳର ଉଦଳା ନଗର ସଭାପତି ବନମାଳି ବେହେରା ଅତିଥି ପରିଚୟ ଓ ସ୍ୱଗତଭାଷଣ ପ୍ରଦାନ କରିଥିବା ବେଳେ ଅମୀୟବଳ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ନୁତନ ରେଳପଥ ନିର୍ମାଣ ହେଲେ ବାହାନଗା, କୋରେଇ ଭଳି ମର୍ମନ୍ତୁଦ ରେଳଦୁର୍ଘଟଣା, ରେଳଭିତରେ ଭିଡ଼ ଓ ଦଳାଚକଟା ଭଳି ସମ୍ବେଦନଶିଳ ଘଟଣାଗୁଡ଼ିକୁ ବହୁମାତ୍ରାରେ ଏଡ଼ାଯାଇପାରିବ ବୋଲି କୁହଯାଉଛି ।

# ବିଶିଷ୍ଟ ଶିକ୍ଷାବିତ୍ ପଦ୍ମନାଭ ଦାଶଙ୍କ ୮୦ ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୧୮/୮ (ନି.ପ୍ର): ବାସୁଦେବପୁର ସହରର ତାରିଣୀ ଛକ ଠାରେ ବିଶିଷ୍ଟ ଶିକ୍ଷାବିତ୍ ପଦ୍ମନାଭ ଦାଶଙ୍କ ୮୦ ତମ ଜୟନ୍ତୀ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ରକ୍ତତୀର୍ଥ ଇରମ ମାଟିରେ ଜନ୍ମ ଗ୍ରହଣ କରିଥିବା ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀ ଦାଶ ବାସୁଦେବପୁର ବ୍ଲକର ପଦ୍ମପୁର ଜୟକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଦର୍ଶ ଶିକ୍ଷକ ଭାବେ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢ଼ାଇ ଅବସର ଗ୍ରହଣ କରିଛନ୍ତି। ଏହି ଜନ୍ମଦିନ ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ,ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ ରାଉତ,ତହସିଲଦାର ପ୍ରିୟବ୍ରତ ଦାସ, ଏସ ଡି ପି ଓ ବିଚିତ୍ରାନନ୍ଦ ସେଠୀ,ବାସୁଦେବପୁର ଥାନା ଅଧିକାରୀ ନିରଜ କୁମାର ସାମଲ, ନାୟୀକାଣୀଡିହି ଥାନା ଅଧିକାରୀ ଉମାଶଙ୍କର ନାୟକ, କସିଆ ମେରାଇନ ଥାନା ଅଧିକାରୀ ସୁଜାତା ଖମାରୀ, ବରିଷ୍ଠ ପୋଲିସ ଅଧିକାରୀ ମୋନାଲିସା କର, ତିହିଡି ଥାନା ଅଧୀକାରୀ ଲୋପାମୁଦ୍ରା ନାୟକ,ସମାଜସେବୀ ଭାଗୀରଥି ବଳ, ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ବାଣୀ କଲ୍ୟାଣ ମହାନ୍ତି, ବିଜେପିର ପୂର୍ବତନ ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ,ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ କିଶୋର କୁମାର ମହାପାତ୍ର, ମହିମା ଧର୍ମର ପ୍ରବଚକ ତଥା ଶିକ୍ଷାବିତ ବଂଶୀଧର ଡାଙ୍ଗୁଆ, ବିଶିଷ୍ଟ ନାରୀ ନେତ୍ରୀ ମମତା ଜେନା, କବି ଓ ଆଇନଜୀବୀ ପ୍ରଦୀପ କୁମାର ମହାନ୍ତି, କବି ବିକାଶ କୁମାର ଶତପଥୀ, କବି ସଦାନନ୍ଦ ପାଣିଗ୍ରାହୀ,ଶିଳ୍ପପତି ମନୋଜ ନାୟକ,ସମାଜସେବୀ ସୁରେଶ ମହାନ୍ତି,ଆଇନଜୀବୀ ସ୍ମୃତି ରଞ୍ଜନ ପଳିତା,ଆଇନଜୀବୀ ମାନସ ନାୟକ, ବିଜେପି ନେତା ପ୍ରତାପ କୁମାର ସେନାପତି, ଭାରତୀୟ ଜନତା ଯୁବ ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ମାନସ କୁମାର ସାହୁ, ବିଜେପି ନେତା ଅଶୋକ କୁମାର ସାହୁ, ରାଜଘରପୋଖରୀ ସରପଞ୍ଚ ଅରୁଣ କୁମାର ମହାନ୍ତି, ଅସିତ୍ କୁମାର ଦାଶ, ତୁଷାର ରଥ, ଅରିନ୍ଦମ ନାୟକ, ନାଟ୍ୟକାର ସୁଶାନ୍ତ ଦାସ, ସମାଜସେବୀ ଆନନ୍ଦ ଶଙ୍କର ଦାସ,ପ୍ରଫୁଲ୍ଲ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ କମଳାକାନ୍ତ ବାରିକ୍, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ଶିକ୍ଷାବିତ୍ ପଦ୍ମନାଭ ଦାଶଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ଏବଂ ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିବା ସହିତ ଦୀର୍ଘ ଜୀବନ କାମନା କରିଥିଲେ। ଏହି ଉତ୍ସବରେ ବାସୁଦେବପୁରର ସମସ୍ତ ସାମ୍ବାଦିକ, ପ୍ରେସ କ୍ଲବର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ଏହି ଉତ୍ସବରେ ଉତ୍ସବରେ ଶିକ୍ଷାବିତ୍ ପଦ୍ମନାଭ ଦାଶ ଓ ତାଙ୍କ ଧର୍ମପତ୍ନୀ ସୁନନ୍ଦା ଦାଶ ଈଶ୍ୱରଙ୍କ ଠାରେ ସମସ୍ତଙ୍କର ମଙ୍ଗଳ କାମନା କରିଥିଲେ। ଏହି ଜନ୍ମଦିନ ଉତ୍ସବର ଆୟୋଜକ ଅଧିବକ୍ତା ଡକ୍ଟର ନିରଦ କୁମାର ଦାଶ ସମସ୍ତ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଲଙ୍ଗଳେଶ୍ୱର ପ୍ରେସ କ୍ଲବ ପକ୍ଷରୁ ରିଲିଫ ବଣ୍ଟନ

ଲଙ୍ଗଳେଶ୍ୱର , ୧୮/୮ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିବା ରୁ ବାଲିଆପାଳ ବ୍ଲକର ଅଷ୍ଟି ପଞ୍ଚାୟତ ବହୁ ମାତ୍ରାରେ ପ୍ରଭାବିତ ହୋଇଛି । ଏହି ପଞ୍ଚାୟତର ଏମିତି ଏକ ଗାଁ ରହିଛି ଯାହା ସରକାର ଓ ପ୍ରଶାସନ ର ଦୃଷ୍ଟି ଆଢୁଆଳରେ କାରଣ ବନ୍ୟା ବିପନ୍ନଙ୍କୁ ପ୍ରଶାସନ ପକ୍ଷରୁ କୌଣସି ଖାଦ୍ୟ ପୁଡିଆ କିମ୍ବା ରିଲିଫ ଆସି ନଥିବାରୁ ଅସୁବିଧାରେ ସମ୍ମୁଖୀନ ହେବା କୁ ପଡୁଛି ପାଳଚମ୍ପେଇ ର ଗ୍ରାମବାସୀ ଙ୍କୁ ।ଏହି ଗାଁ ଅସହାୟ ଅବସ୍ଥାରେ ରହିଥିବାରୁ ମଙ୍ଗଳବାର ପୂର୍ବାହ୍ନ ରେ ଲଙ୍ଗଳେଶ୍ୱର ପ୍ରେସ କ୍ଲବ ପକ୍ଷରୁ ପାଳଚମ୍ପେଇ ଗ୍ରାମ ର ୮୦ ପରିବାର କୁ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରିଥିଲେ । ଲଙ୍ଗଳେଶ୍ୱର ପ୍ରେସ କ୍ଲବର ସମ୍ପାଦକ କମଳାକାନ୍ତ ଦାସ, ରବିରଞ୍ଜନ ତ୍ରିପାଠୀ, ରାଧା ଗୋବିନ୍ଦ ଦାସ,ସୁବଳ ଚନ୍ଦ୍ର ଦାସ, ପ୍ରଦୀପ ଜେନା,ସୁବାସ ଦାସ, ଅମୂଲ୍ୟ ଦାସ, ରାଜଶ୍ରୀ ପାଣିଗ୍ରାହୀ, ରାଧାକୃଷ୍ଣ ଜେନା, ଦିଲିପ୍ ଜେନା, ସତ୍ୟରଞ୍ଜନ ସାହୁ, ପ୍ରିୟବ୍ରତ ପାତ୍ର, ଜୟନ୍ତ ବେହେରା ପ୍ରମୁଖ ଗ୍ରାମ ରେ ପହଞ୍ଚି ବିପନ୍ନ ଙ୍କୁ ଭୋଟି ଶୁଖିଲା ଖାଦ୍ୟ ଦେବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ ।



# ଚାଷ ଜମିରୁ ବନ୍ୟା ଜଳ ନିଷ୍କାସନ ଏବଂ ନଦୀ ବନ୍ଧ ନିର୍ମାଣ ଦାବିରେ ଚାଷୀଙ୍କ ରାସ୍ତାରୋକ



ବସ୍ତା, ୧୮/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା - ବାଲିଆପାଳ ମୁଖ୍ଯ ରାସ୍ତା ର ଦରଡା ନିକଟରେ ରାସ୍ତା ରୋକ କରିଛନ୍ତି ଶତାଧିକ ଚାଷୀ, ଯାହା ଫଳରେ ରାସ୍ତା ର ଦୁଇ ପାର୍ଶ୍ୱ ରେ ଶହ ଶହ ଗାଡି ଅଟକି ରହିଛି, ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଂ ବିପଦ ସଙ୍କେତ ଅତିକ୍ରମ କରି ପୂଣି ବଢୁଛି ଜଳକା ନଦୀ ର ଜଳସ୍ତର , ନଦୀର ଉପରମୁଣ୍ଡ ମୟୁରଭଞ୍ଜ ରେ ପ୍ରବଳ ବର୍ଷା ଏବଂ ଜଳକା ନଦୀ ଅବବାହିକା ବସ୍ତା ଅଞ୍ଚଳ ରେ ଲଗାଣ ବର୍ଷା ଯୋଗୁଂ ପୂଣି ବଢୁଛି ନନୀ ର ଜଳସ୍ତର, ଅନେକ ସ୍ଥାନରେ ରାସ୍ତା ଉପରେ ୫ ଫୁଟ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି, ବସ୍ତା ବ୍ଲକ ର ୧୦ ରୁ ଉର୍ଦ୍ଧ ପଞ୍ଚାୟତ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି, ହଜାର ହଜାର ହେକ୍ଟର ଚାଷ ଜମି ରେ ବନ୍ୟା ପାଣି ଲହଡି ମାରୁଥିବା ବେଳେ ଅନେକ ଲୋକ ଙ୍କ ଘରେ ବନ୍ୟା ପାଣି ପ୍ରବେଶ କରିଛି, ବନ୍ୟା ସ୍ରୋତ ରେ ଦରଡା ନିକଟରେ ଘାଇ ସୃଷ୍ଟି ହେବା ଫଳରେ ହଜାର ହଜାର ହେକ୍ଟର ଚାଷ ଜମି ରେ ବନ୍ୟା ପାଣି ପ୍ରବେଶ କରିବା ଦ୍ୱାରା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି ।

# ଅଗଷ୍ଟ ୨୪ରେ ଜନ ଅଭିଯୋଗ ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ


ଭୁବନେଶ୍ୱର, ୧୮/୮ (ନି.ପ୍ର): ଆଗାମୀ ଅଗଷ୍ଟ ୨୪ ତାରିଖ,ସୋମବାର ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ଜନ ଅଭିଯୋଗର ଶୁଣାଣି କରିବେ । ମୁଖ୍ୟମନ୍ତ୍ରୀ ୟୁନିଟ୍-୨,ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୁର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ସକାଳ ୮ ଘଟିକା ସମୟରୁ ସେଦିନ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଅଗଷ୍ଟ ୧୯ ତାରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ ।

# ସ୍ୱାଧୀନତା ଦିବସ ଅବସରରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ



ବାରିପଦା, ୧୮/୮ (ନି.ପ୍ର): ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମ ପରିସରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି ଓ ସକାଳ ୯ଟା ରେ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠି, ସହ ସମ୍ପାଦକ ଅଶୋକ ପଟ୍ଟନାୟକ, ବୈଦ୍ୟନାଥ ରଥ, ରବୀନ୍ଦ୍ର କୁମାର ମହାନ୍ତି, ହରପ୍ରସାଦ ପାତ୍ର, ପ୍ରସନ୍ନଜିତ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ କୁମାର ରଞ୍ଜନ ପଣ୍ଡା ଓ ପ୍ରଦୀପ କୁମାର ବେହେରା ସମେତ ସଦସ୍ୟ ମାନେ ଉପସ୍ଥିତ ଥିଲେ ଓ ଅପରାହ୍ନ ୩ଟା ରେ ଜିଲ୍ଲା ପ୍ରଶାସନ ଓ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନ ମଧ୍ୟରେ ଏକ ବନ୍ଧୁତପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଖେଳ ସମାପ୍ତି ବେଳକୁ ୧/୧ ଗୋଲ୍ ସ୍କୋର କରି ଡ୍ର ହେବାରୁ ଟ୍ରାଇବ୍ରେକର ଦ୍ୱାରା ୩-୨ ଗୋଲରେ ମୟୂରଭଞ୍ଜ ଏଥଲେଟିକ୍ ଏସୋସିଏସନ୍ ଜିଲ୍ଲା ପ୍ରଶାସନକୁ ପରାସ୍ତ କରିଥିଲେ । ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ଅଧିନାୟକ ଥିବା ବେଳେ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନ୍ର ଅଧିନାୟକ ପୂର୍ବତନ କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ବେହେରା ଥିଲେ ଓ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ହେମକାନ୍ତ ସୟ , ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି , ଶିମିଳିପାଳ ଦକ୍ଷିଣର ଉପ ନିର୍ଦ୍ଦେଶକ ସୁମିତ କର, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଭାଶିଷ ନାୟକ ପ୍ରମୁଖ ଖେଳିଥିବା ବେଳେ ଏସୋସିଏସନ୍ ତରଫରୁ ଫୁଟବଲ ସମ୍ପାଦକ ଅମର କୁମାର ସେଠୀ, ସହ ସମ୍ପାଦକ ଅମ୍ବିକା ରାଉତ, ପୂର୍ବତନ କ୍ରୀଡ଼ାବିତ୍ ଯଦୁନାଥ ମାଝୀ, ଯୋଗେଶ୍ୱର୍ ପାଲବାବୁ, କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ବାରିକ ପ୍ରମୁଖ ଖେଳିଥିଲେ ଓ କୈଳାଶ ଚନ୍ଦ୍ର ବେହେରା ଖେଳ ପରିଚାଳନା କରିଥିଲେ ଓ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଓ ବାରିପଦା ତହସିଲଦାର ସୁମନ ସାହୁ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ସଧିକାରୀ ଶିଶିର କୁମାର ମୁଣ୍ଡୟା ପୁରସ୍କାର ବିତରଣ କରିଥିଲେ ।

# ଚିତ୍ରନାଟକ ମିଡନାଇଟ ଓ ମାୟାଜାଲର ଲୋକାର୍ପଣ



ଭୁବନେଶ୍ୱର ,୧୮/୦୮ (ନି.ପ୍ର): ବିଶିଷ୍ଟ ସିନେମା ଲେଖକ, ଗୀତିକାର ଡ. ରଜନୀ ରଞ୍ଜନ ଙ୍କ ରଚିତ ପକ୍ଷୀଘର ପ୍ରକାଶନୀ ପ୍ରକାଶିତ ଦୁଇଟି ଚିତ୍ରନାଟକ ପୁସ୍ତକ 'ମିଡ ନାଇଟ ' ଏଂ 'ମାୟାଜାଲ ' ଦୂର ସଂଚାର ଭବନ ଭୁବନେଶ୍ୱର ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇଯାଇଛି ପ୍ରକାଶକ ବନୋଜ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ପ୍ରଫେସର ପୂର୍ଣ୍ଣ ମଲ୍ଲିକ, ବରିଷ୍ଠ ଆଇନଜୀବୀ ବନ ମହାନ୍ତି, ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ପ୍ରଯୋଜକ ମନୁ ଦ୍ୱିବେଦୀ ଅତିଥି ଭାବରେ ଯୋଗଦେଇ ଡ ରାଜନୀରଞ୍ଜନ ଙ୍କ ଚିତ୍ରନାଟକ ଉପରେ ଆଲୋଚନା କରିଥିଲେ । ଅନ୍ୟାନ୍ୟ ଙ୍କ ମଧ୍ୟରେ ପ୍ରଯୋଜକ ସଞ୍ଜୟ ନାୟକ, ସଂଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ତନୟା ଦାସଗୋସ୍ୱାମୀ, ସସ୍ମିତା ଦାସ,କାର୍ତ୍ତିକ ସ୍ୱାଇଁ, ଓଡ଼ିଶା ମିରର ସମ୍ପାଦକ ଦିଲ୍ଲୀପ ବିଶ୍ୱାଳ, ବାସ୍ତବକଥା ସମ୍ପାଦକ ଶ୍ରୀମନ୍ତ ପଣ୍ଡା, ଅଭିନେତା ଦେବୁ ବ୍ରହ୍ମା, ଚଳଚିତ୍ର ନିର୍ଦ୍ଦେଶକ ଶୈଳେନ୍ଦ୍ର ମିଶ୍ର, ଶିବୁ ମହାନ୍ତି ପ୍ରମୁଖ ବହୁ ଲେଖକ, ସାମ୍ବାଦିକ ତଥା ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ଯୋଗଦେଇଥିଲେ । ଅଧାପିକା ସୁଧାଂଶୁବାଳା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମାଜସେବୀ ଚାଷୀ ସଂଗଠକଙ୍କ ପରଲୋକ



ବାଲିଆପାଳ , ୧୮/୮ (ନି.ପ୍ର): ବାଲିଆପାଳ ଥାନାର ଜାମକୁଣ୍ଡା ଗ୍ରାମନିବାସୀ ସମାଜସେବକ, ଜଣେ ସରକାରଙ୍କ ଦ୍ୱାରା ସମ୍ମାନିତ ଉତ୍ତମ ଚାଷୀ ଓ ଚାଷୀସଂଗଠକ ଦୟାନିଧି ପରିଡ଼ାଙ୍କ ଗତ ସୋମବାରରେ ନିମୋନିଆରେ ପୀଡ଼ିତ ହୋଇ ଭୁବନେଶ୍ୱର ଏମ୍ସ ହସପିଟାଲରେ ୨୧ଦିନ ଚିକିତ୍ସାଧୀନ ଅବସ୍ଥାରେ ଥାଇ ପରଲୋକ ଘଟିଛି । ସେ ଜଣେ ପରୋପକାରୀ ମିଷ୍ଟଭାଷୀ ବ୍ୟକ୍ତି ଓ ସୁସଂଗଠକ ଭାବେ ସମସ୍ତଙ୍କ ପ୍ରିୟଭାଜନ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା । ତାଙ୍କ ଅକାଳ ବିୟୋଗରେ ବାଲିଆପାଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ଶବଦାହରେ ଶତାଧିକ ଗ୍ରାମବାସୀ ଉପସ୍ଥିତ ହୋଇ ତାଙ୍କ ଆତ୍ମାର ସଦଗତି କାମନା ସହିତ ତାଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ ।

# ଲଗାଣ ବର୍ଷା ସମୟର ଦୃଶ୍ୟ: ବିପଦ ସଂକୁଳ ଅବସ୍ଥାରେ ପଲିଥିନ ତଳେ ଦୁଃଖରେ ଦିନ କାଟୁଥିବା ପରିବାର



ଉଦଳା , ୧୮/୮ (ନି.ପ୍ର): ମୟୂରଭଂଜ ଜିଲ୍ଲାରେ କିଛିଦିନ ଧରି ଲାଗି ରହିଥିବା ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା କେତେଗୁଡ଼ିଏ ପରିବାର କିପରି ପଲିଥିନ ତଳେ ଆଶ୍ରୟ ନେଇଛନ୍ତି ଏହାର ଦୁଃଖ ଓ ଯନ୍ତ୍ରଣାଦାୟକ ଚିତ୍ର ଦେଖିବାକୁ ମିଳିଛି । ସ୍ୱାଧିନତାର ଦିର୍ଘ ୮୦ ବର୍ଷ ପରେ ଏପରି ଚିତ୍ର ଦେଖିବାକୁ ମିଳିବ ଏହା ଆଶା କରାଯାଇନଥିଲା ବୋଲି କେତେକ ମତ ଦେଇଛନ୍ତି । କୃଷିକ୍ଷେତରେ କାମ କରି ଦେଶକୁ ଆହାର ଯୋଗାଉଥିବା ଓ ଦେହ ଲଗାଇ ନିର୍ମାଣ କାମରେ ନିଜକୁ ସାମିଲ କରୁଥିବା ଶ୍ରମିକ ମାନେ ଏଭଳି ଅବସ୍ଥାରେ ଦିନ ବିତାଇବାର ଦୃଶ୍ୟ ଆମ ସମସ୍ତଙ୍କ ପାଇଁ ଦୁଃଖ ଓ ଯନ୍ତ୍ରଣାଦାୟକ ବୋଲି ବହୁ ଲୋକ ମତ ଦେଇଛନ୍ତି । ଖୁଂଟା ବ୍ଲକର ବୃନ୍ଦାବନଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଅଣ୍ଡିଆମୁଣ୍ଡ ଗ୍ରାମରେ ବସବାସ କରୁଥିବା ସ୍ୱର୍ଗତଃ ଭୁତାଳ ମୁର୍ମୁଙ୍କ ପୁତ୍ର ବନମାଳି ମୁର୍ମୁଙ୍କ ବାସଗୃହଟି ଲଗାଣବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି । ପଲିଥିନ ପକାଇ ପରିବାରର ୫ଜଣ ସଦସ୍ୟ ଦିନ ବିତାଇବାକୁ ବାଧ ହୋଇଛନ୍ତି । ଆବାସ ଯୋଜନାରେ ସରକାର ଘର ପାଇଁ ୱାର୍କ ଅଡ଼ର ଦେଇଥିଲେ ମଧ୍ୟ ପାଖରେ ପଇସା ନଥିବାରୁ ସେ ଘରକାମ ଆରମ୍ଭ କରିପାରୁନଥିବାର ଜଣାଇଛନ୍ତି । ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଚଡ଼ଦା ଗ୍ରାମର ବାସିନ୍ଦା ସ୍ୱର୍ଗତଃ ଦୁଲା ହେମ୍ବ୍ରମଙ୍କର ପୁତ୍ର ଲଛମନ ହେମ୍ବ୍ରମ ମାଟିକାନ୍ଥ ଉପରେ ପଲିଥିନ ପକାଇ ଆଶ୍ରୟ ନେଇଛନ୍ତି, କାନ୍ଥ ଗୁଡ଼ିକ ଗଡ଼ିପଡ଼ିବାର ସମ୍ଭାବନା ଥିବାରୁ ସେ ପ୍ରତି ମୁହୂର୍ତରେ ବିପଦକୁ ସାମନା କରୁଛନ୍ତି । ଆଶ୍ରୟ ନେବାକୁ ଆଉ ଅନ୍ୟ କୌଣସି ସ୍ଥାନ ନଥିବାରୁ ସେ ଏଠାରେ ବାଧ ହୋଇ ପଡ଼ିରହିଥିବାର କଥା କହିଛନ୍ତି । ପରିବାରର ୨ ଜଣ ସଦସ୍ୟ ଏହି ଘରେ ବର୍ତମାନ ରହୁଛନ୍ତି । ଆବାସ ଯୋଜନାରେ ସରକାର ତାଙ୍କୁ ଘର ଯୋଗାଇ ଦେଇନଥିବାର ଜଣାଇଛନ୍ତି । ଏଥିପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ସେହିପରି ଉଦଳା ବ୍ଲକର ଦୁଗୁଧା ପଂଚାୟତ ଅନ୍ତର୍ଗତ ବଡ଼ବିଲା ଗ୍ରାମର ବାସିନ୍ଦା ସାନ କାର୍ଜି ସିଂଙ୍କର ପୁତ୍ର ଗୁରୁଭା ସିଂ ମାଟିକାନ୍ଥ ଓ ନଡ଼ାଛପର ଘରେ ଆଶ୍ରୟ ନେଇଛନ୍ତି । କାନ୍ଥ ଗୁଡ଼ିକ ଗଡ଼ିପଡ଼ିବାର ସମ୍ଭାବନା ଥିବା ବେଳେ ଘର ଭିତରେ ସବୁଠି ପାଣି ଗଳୁଛି । ଏହିଭଳି ବିପଦସଂକୁଳ ଘରେ ପରିବାରର ୭ ଜଣ ସଦସ୍ୟ ଆଶ୍ରୟ ନେବାକୁ ବାଧ ହୋଇଛନ୍ତି । ଆବାସ ଯୋଜନାରେ ସେ ଏପର୍ଯ୍ୟନ୍ତ ଘର ପାଇପାରିନଥିବାର କହିଛନ୍ତି । ଏଥିପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେମଧ କେହି ଶୁଣୁନଥିବାର ସେ ଅଭିଯୋଗ କରିଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

# ବିରଜା ଶଙ୍କର ମିଶ୍ର ଓଏଚଆରସିର ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର, ୧୮/୮ (ନି.ପ୍ର): ଓଡ଼ିଶା ମାନବାଧିକାର କମିଶନ (ଓଏଚଆରସି)ର ନୂତନ ସଦସ୍ୟ ଭାବେ କେନ୍ଦୁଝରର ଆଡଭୋକେଟ୍ ଶ୍ରୀ ବିରଜା ଶଙ୍କର ମିଶ୍ରଙ୍କୁ ନିଯୁକ୍ତ କରାଯାଇଛି । ଓଡ଼ିଶା ସରକାରଙ୍କ ଆଇନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ମାନବାଧିକାର ସୁରକ୍ଷା ଅଧିନିୟମ, ୧୯୯୩ର ଧାରା ୨୨(୧) ଅନୁଯାୟୀ ଓଡ଼ିଶାର ରାଜ୍ୟପାଳ ଶ୍ରୀ ମିଶ୍ରଙ୍କୁ ଓଡ଼ିଶା ମାନବାଧିକାର କମିଶନର ସଦସ୍ୟ ଭାବେ ନିଯୁକ୍ତ କରିଛନ୍ତି । ସେ ନିଜ ପଦର ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ଏହି ନିଯୁକ୍ତି କାର୍ଯ୍ୟକାରୀ ହେବ ।

**AFFIDAVIT**

କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଏବଂ ତହସିଲଦାର ବାଲିଆପାଳଙ୍କ ସମ୍ମୁଖରେ ଏକ ସତ୍ୟପାଠ ଆଧାରରେ, ଆମ୍ଭେ ଶ୍ରୀ ଶିବପ୍ରସାଦ କାମିଳା, ବୟସ: ୪୬ , ପିତା: ନିମାଇ ଚନ୍ଦ୍ର କାମିଳା, ସ୍ଥା: କଚୁଆପଡ଼ା, ପୋ: ବଡ଼ସିମୁଳିଆ, ଥାନା: ବାଲିଆପାଳ, ଜି: ବାଲେଶ୍ୱର ଶପଥପାଠ ପୂର୍ବକ ନିମ୍ନଲିଖିତ ବିଷୟମାନ ଘୋଷଣା କରୁଅଛୁଁ, ଆମ୍ଭେ ଗତ ତା ୧୩/୦୮/୨୦୨୬ ଗୁରୁବାର ଘରୁ ବାଲିଆପାଳ ୟୁକୋ ବ୍ୟାଙ୍କକୁ ଯାଉଥିବା ରାସ୍ତାରେ ଆମ୍ଭ ପାଖରେ ଥିବା ଦରକାରୀ କାଗଜପତ୍ର ଯଥା ରେ.ଦ.ନଂ - ୧୦୦୭୧୨୦୨୨୦୮ ତା- ୧୬/୧୦/୨୦୨୬ରିଖର କାଗଜପତ୍ର ସହ ଅନ୍ୟାନ୍ୟ କାଗଜପତ୍ରର ଥିବା ଏକ ବ୍ୟାଗଟି କେଉଁଆଡ଼େ ଖସିପଡ଼ିଅଛି । ଆମ୍ଭେ ବହୁତ ଖୋଜାଖୋଜି ପରେ ମଧ୍ୟ ଅଦ୍ୟାବଧି ପାଇପାରିନାହୁଁ କିମ୍ବା ପାଇବାର କୌଣସି ସନ୍ଧାନ ମିଳିନାହିଁ । ଆମ୍ଭେ ଶପଥପାଠକାରୀ ଉକ୍ତ ଶପଥପାଠପତ୍ର ମୂଳେ ଘୋଷଣା କରୁଅଛି କି ଆମ୍ଭେ ହଜେଇଥିବା ରେ.ଦ.ନଂ - ୧୦୦୭୧୨୦୨୨୦୮ ତା ୧୬/୧୦/୨୦୨୬ ରିଖର ରେଜେଷ୍ଟ୍ରୀ ଦଲିଲର ଏକ ଅବିକଳ ଦଲିଲ ସଂପୃକ୍ତ ଏସଆରଓ, ବାଲିଆପାଳରୁ ପାଇବାର ଆଦେଶ ଦେବା ନିମନ୍ତେ ଉକ୍ତ ଶପଥପାଠ ଦାଖଲ କରୁଅଛୁଁ ।

ଶିବପ୍ରସାଦ କାମିଳା

# ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ଦୁଃଖ ଓ ସମସ୍ୟା ବୁଝିଲେ ବିଜେଡିର ବରିଷ୍ଠ ନେତା



ଭଦ୍ରକ, ୧୮/୮ (ନି.ପ୍ର): ବିରୋଧୀ ଦଳର ନେତା ତଥା ବିଜୁ ଜନତା ଦଳର ସୁପ୍ରିମୋ:-ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ଦୁଃଖ ଓ ସମସ୍ୟା ବୁଝିଲେ ବିଜେଡିର ବରିଷ୍ଠ ନେତା ତଥା ନୟାଗଡ଼ ବିଧାୟକ:- ଡ଼. ଅରୁଣ କୁମାର ସାହୁ ଏହି ଗସ୍ତ ସମୟରେ ବିଜୁ ଜନତା ଦଳର ସଭାପତି :- ବ୍ୟୋମକେଶ ରାୟଙ୍କ ସମେତ ଭଣ୍ଡାରୀପୋଖରୀ ବିଧାୟକ:-ସଞ୍ଜୀବ କୁମାର ମଲ୍ଲିକ,ଡ଼ା. ସଞ୍ଜୟ କୁମାର ଦାସ,ଧାମନଗର ବ୍ଲକର ପୂର୍ବତନ ଅଧକ୍ଷ:-ଅଶୋକ କୁମାର ନାୟକ,ଧାମନଗର ପୂର୍ବତନ ବିଧାୟକ:- ରାଜେନ୍ଦ୍ର କୁମାର ଦାସ, ଧାମନଗର ବ୍ଲକ ଅଧକ୍ଷା ଶ୍ରୀମତୀ ଶର୍ମିଷ୍ଠା ବେହେରା, ଭଦ୍ରକ ଜିଲ୍ଲା ପରିଷଦ ଉପାଧକ୍ଷା ଶ୍ରୀମତୀ ଚୁନିବାଳା ବିଶାଳ ଏବଂ ଧାମନଗର ବିଜ୍ଞାପିତ ଅଞ୍ଚଳ ଅଧକ୍ଷା ଶ୍ରୀମତୀ ନିବେଦିତା ଜେନା ଧାମନଗର ବ୍ଲକର ଉପାଧକ୍ଷ ଜଗବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ...ବନ୍ୟାରେ ପ୍ରଭାବିତ ହୋଇଥିବା ଲୋକଙ୍କୁ ଭେଟି ଆଲୋଚନା କରିବା ସହିତ ସ୍ଥାନୀୟ ଅଞ୍ଚଳର ନେତୃମଣ୍ଡଳୀ କ୍ଷୟକ୍ଷତି ଆକଳନ କରି ଏକ ରିପୋର୍ଟ ଜିଲ୍ଲା ସଭାପତିଙ୍କ ମାଧ୍ୟମରେ ବିରୋଧ ଦଳର ନେତା ବିଜେଡ଼ି ସୁପ୍ରିମୋ:- ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବାକୁ କହିଛନ୍ତି ବିଜେଡ଼ି ର ବରିଷ୍ଠ ନେତୃତ୍ୱ (ଶ୍ରୀଯୁକ୍ତ ସାହୁ) ଆବଶ୍ୟକତା ଓ ସମସ୍ୟା ବୁଝିବା ସହ ପ୍ରତ୍ୟେକ କ୍ଷତିଗ୍ରସ୍ତ ଲୋକମାନଙ୍କ ପାଖରେ ରିଲିଫ୍ ପହଁଚାଇବା ସହିତ କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ନେଇ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ବିଜେଡ଼ି ବରିଷ୍ଠ ନେତା ତଥା ବିଧାୟକ ନୟାଗଡ଼ ଅରୁଣ କୁମାର ସାହୁ ।

# କାନ୍ଥ ଭୁଷୁଡ଼ି ଆଈ-ନାତିଙ୍କ ମୃତ୍ୟୁ: ଶୋକସନ୍ତପ୍ତ ପରିବାରକୁ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସମବେଦନା



ଜଳେଶ୍ୱର, ୧୮/୮ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନେତୁଆ ପଞ୍ଚାୟତରେ ଦୁଇ ଦିନ ତଳେ କାନ୍ଥ ଭୁଶୁଡ଼ି ଶ୍ରାଦ୍ଧିକା ଜେନା ଓ ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ଅକାଳ ମୃତ୍ୟୁ ଘଟଣାରେ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ । ଘଟଣା ସମ୍ପର୍କରେ ଖବର ପାଇ ସାଂସଦ ଶ୍ରୀ ଷଡ଼ଙ୍ଗୀ ମୃତକଙ୍କ ଘରେ ପହଞ୍ଚି ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ଏହି ଦୁଃଖଦ ଘଟଣାରେ ଗଭୀର ଶୋକ ପ୍ରକାଶ କରିଥିଲେ । ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ସ୍ମୃତିରେଖା ସ୍ୱାଇଁଙ୍କୁ ମଧ୍ୟ ସାଂସଦ ଭେଟିଥିଲେ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚାଲିଥିବା ଚିକିତ୍ସା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଉତ୍ତମ ଚିକିତ୍ସା ସୁନିଶ୍ଚିତ କରିବାକୁ ସେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ । ଚିକିତ୍ସାରେ ଯେପରି କୌଣସି ପ୍ରକାର ଅବହେଳା ନହୁଏ, ସେଥିପ୍ରତି ମଧ୍ୟ ସାଂସଦ ଗୁରୁତ୍ୱାରୋପ କରିଥିଲେ । ସେହିପରି ତହସିଲଦାର, ବିଡିଓ ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଆଲୋଚନା କରି ପୀଡ଼ିତ ପରିବାରଙ୍କୁ ସରକାରୀ ସହାୟତା ଓ ସ୍ପେଶାଲ ଆସିଷ୍ଟାନ୍ସ ପ୍ରଦାନର ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଯାଇଥିବା ସାଂସଦ କହିଥିଲେ । ଏଥିସହ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ମୃତକ ଦୁଇଜଣଙ୍କ ପରିବାରକୁ ତୁରନ୍ତ ସହାୟତା ଭାବେ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ପ୍ରଦାନର ବ୍ୟବସ୍ଥା କରାଯାଇଥିବା ସାଂସଦ ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଥିଲେ । ଏହି ସହାୟତା ସ୍ଥାନୀୟ ତହସିଲଦାରଙ୍କ ମାଧ୍ୟମରେ ପରିବାରକୁ ପ୍ରଦାନ କରାଯାଇଛି । ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଥିବା ବେଳେ ପୀଡ଼ିତ ପରିବାରକୁ ଆବଶ୍ୟକ ସରକାରୀ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହିତ ଫୋନ୍ ଯୋଗେ ଆଲୋଚନା ଓ ଆହତଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବା ଦିଗରେ ପ୍ରଶାସନ ତତ୍ପର ରହିବାକୁ ସାଂସଦ ଗୁରୁତ୍ୱ ଦେଇଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida